
ସୁଭଦ୍ରା ଯୋଜନା
୧ କୋଟିରୁ
ଅଧିକ ମହିଳା ଆର୍ଥିକ ସଶକ୍ତ
ଲକ୍ଷପତି ଦିଦି
୨୩.୪୬ ଲକ୍ଷ
ମହିଳାଙ୍କ ନୂତନ ପରିଚୟ
ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ
ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ
ବିକାଶର ଧାରା, ଓଡ଼ିଶା ସାରା
ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ ୫ ଲକ୍ଷ ପରିବାରଙ୍କୁ
ମିଳିଛି ପକ୍କାଘର
ଖାଦ୍ୟ ସୁରକ୍ଷା ଯୋଜନା
୩ କୋଟିରୁ ଉର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା
₹ ୪,୮୭୦ କୋଟିରେ
ସମୃଦ୍ଧ ସହର ଯୋଜନା ଆରମ୍ଭ
ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
୨୨.୫%,
ଅନୁସୂଚିତ ଜାତିଙ୍କ ପାଇଁ
୧୬.୨୫%
SEBC ପାଇଁ ୧୧.୨୫%
ସଂରକ୍ଷଣ
୪୪,୮୭୫ ଶିଶୁ ବାଟିକା ମାଧ୍ୟମରେ
୩.୨ ଲକ୍ଷ ଶିଶୁ ଉପକୃତ
ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ ୩.୨୨ ଲକ୍ଷ ଜନଜାତି
ଛାତ୍ରଛାତ୍ରୀ ଉପକୃତ
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
୧୨ ହଜାର କୋଟିରେ ୨,୨୦୦ ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
୪ ଲକ୍ଷରୁ ଅଧିକ ଗୋପାଳକଙ୍କୁ
₹୩୨୬ କୋଟିର ଆର୍ଥିକ ସହାୟତା ପ୍ରଦାନ
ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
୩.୪୬ କୋଟି ଲୋକ ଉପକୃତ
₹୬ ହଜାର କୋଟି
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ
₹୧୭ ହଜାର କୋଟିରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ
ସମୃଦ୍ଧ କୃଷକ ଯୋଜନା
୧୯ ଲକ୍ଷ ଚାଷୀଙ୍କୁ
₹୧୩ ହଜାର କୋଟିର
ଇନ୍‌ପୁଟ୍ ସହାୟତା ପ୍ରଦାନ
ସିଏମ କିଷାନ ଯୋଜନା
୩ ହଜାର କୋଟିରେ
୫୧ ଲକ୍ଷ ଚାଷୀ ଉପକୃତ
ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
୩ କୋଟିରୁ ଅଧିକ
ଲୋକ ହେବେ ଉପକୃତ
ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
୫୭ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ
ସହାୟତା
₹୩.୬ ଲକ୍ଷ କୋଟି ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
୨,୫୨,୦୦୦ ନିଯୁକ୍ତି ସୃଷ୍ଟି
MMSY
୧୧,୫୯୬ କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ ୫୬୬ଟି ସେତୁ ନିର୍ମିତ
୨.୭୮ ଲକ୍ଷ ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
DSPL/320920-15001/63/2627



ମମତାଙ୍କ ହାତ ଛାଡ଼ିବିନି

ପୃଷ୍ଠା ୭

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 81 ଭାଗ ୩୪ | ସଂଖ୍ୟା ୮୧ | Friday 12 June 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୧୨ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆଜିଠୁ ଆଇସିସି ମହିଳା ଟି-୨୦

**ଲଣ୍ଡନ,୧୧।୬:** ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ଆଇସିସି ମହିଳା ଟି-୨୦ ବିଶ୍ୱକପ୍। ପ୍ରତିଯୋଗିତାର ଦଶମ ସଂସ୍କରଣର ଆୟୋଜନ ଅଧିକାର ଇଂଲଣ୍ଡ ପାଇଥିବା ବେଳେ ଏଥିରେ ମୋଟ ୩୩ଟି ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାରେ ୨୦୨୦ ସଂସ୍କରଣର ରନର୍ସଅପ୍ ଭାରତ ସମେତ ମୋଟ ୧୨ଟି ଦେଶ ଅଂଶଗ୍ରହଣ କରୁଥିବା ବେଳେ ମ୍ୟାଚ୍‌ଗୁଡ଼ିକର ୭ଟି ଭେନ୍ୟୁରେ ଖେଳାଯିବ। ନବମ ସଂସ୍କରଣରେ ୧୦ଟି ଟିମ୍ ଭାଗ ନେଇଥିବା ବେଳେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସଂସ୍କରଣରେ ୧୨ଟି ଟିମ୍ ଖେଳିବେ। ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ଡିଫେଣ୍ଡିଂ ଚାମ୍ପିଅନ୍ ରହିଥିବା ବେଳେ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଟି ଲେଖାଏଁ ଶୀର୍ଷ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମୁକାବିଲାର ଫାଇନାଲ୍ ଲଣ୍ଡନର ଲର୍ଡ୍ସ ଗ୍ରାଉଣ୍ଡଠାରେ ଖେଳାଯିବ। ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନେଦରଲ୍ୟାଣ୍ଡ୍ସ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ରହିଥିବା ବେଳେ ଗ୍ରୁପ୍-ବି'ରେ ରହିଛନ୍ତି ଆୟୋଜକ ଇଂଲଣ୍ଡ, ଆୟର୍ଲ୍ୟାଣ୍ଡ, ନ୍ୟୁଜିଲାଣ୍ଡ, ସ୍କଟ୍‌ଲ୍ୟାଣ୍ଡ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍। ସେହିପରି ଗତ ସଂସ୍କରଣ ତୁଳନାରେ ଚଳିତ ସଂସ୍କରଣ ପାଇଁ ମୋଟ ପୁରସ୍କାର ରାଶି ୧୦ ପ୍ରତିଶତ ଅଧିକ ଅର୍ଥାତ୍ ୮.୭୬ ନିୟୁତ ଆମେରିକୀୟ ଡଲାର୍ ଧାର୍ଯ୍ୟ କରାଯାଇଛି। ଏଥିରୁ ଚାମ୍ପିଅନ୍ ଟିମ୍‌କୁ ୨.୩୪ ନିୟୁତ ଆମେରିକୀୟ ଡଲାର୍ ଓ ରନର୍ସଅପ୍ ଦଳକୁ ୧.୧୭ ନିୟୁତ ଆମେରିକୀୟ ଡଲାର୍ ପୁରସ୍କାର ରାଶି ମିଳିବ। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍ ଆସନ୍ତାକାଲି ଘରୋଇ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜବାଷ୍ଟନ୍‌ଠାରେ ଖେଳାଯିବ। ସେହିପରି ପ୍ରତିଯୋଗିତାର ଅନ୍ୟତମ ଫେବରିଟ୍ ଭାରତ ଆସନ୍ତା ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ତା'ର ଅଭିଯାନ ଆରମ୍ଭ କରିବ। ସେହିପରି ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ନେଦରଲ୍ୟାଣ୍ଡ୍ସ ଖେଳିବାର ସୁଯୋଗ ପାଇବ।

### ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣ

# ପୂର୍ବୋଦୟ ମିଶନରେ ଓଡ଼ିଶା ବିକାଶର ଅଗ୍ରଦୂତ

**ନୂଆଦିଲ୍ଲୀ,୧୧।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ ଦେଶକୁ ପରବର୍ତ୍ତୀ ବିକାଶ କେନ୍ଦ୍ରରେ ପରିଣତ କରୁଛି। ଆଉ ଓଡ଼ିଶା ଏହି ରୂପାନ୍ତରଣରେ ଅଗ୍ରଣୀ ଭୂମିକା ନେବା ରାଜ୍ୟ ପାଇଁ ଗର୍ବର ବିଷୟ। ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୀତି ଆୟୋଗର ୧୧ଶ ସାଧାରଣ ପରିଷଦ ବୈଠକରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

- ଶିଳ୍ପ, ସେମିକଣ୍ଡକ୍ଟର ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି
- ଏଆଇ ଓ ଡିଜିଟାଲ ଶାସନରେ ନାଗରିକ ସେବାରେ ପରିବର୍ତ୍ତନ
- ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ଦିଆଯାଉଛି ଗୁରୁତ୍ୱ
- ସମ୍ବଲପୁର ଓ ବ୍ରହ୍ମପୁରରେ ଖୋଲିବ ବିଶ୍ୱ ଦକ୍ଷତା କେନ୍ଦ୍ରର ଶାଖା

ବୈଠକରେ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲ ପାଇଁ ଅନ୍ତର୍ଭୁକ୍ତିମୂଳକ ମାନବ ବିକାଶର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ସେ କହିଛନ୍ତି ଯେ କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ, ବରଂ ସୁସ୍ଥ ପରିବାର, ଶିକ୍ଷିତ ଶିଶୁ, ଦକ୍ଷ ଯୁବଶକ୍ତି ଓ ସମାନ ସୁଯୋଗ ସୃଷ୍ଟି ମାଧ୍ୟମରେ ହିଁ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ପୂର୍ବ ଭାରତକୁ ଦେଶର ପରବର୍ତ୍ତୀ ବିକାଶ କେନ୍ଦ୍ରରେ ପରିଣତ କରୁଛି ଓ ଏହି ପରିବର୍ତ୍ତନରେ ଓଡ଼ିଶା ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ଆର୍ଥିକ ଶୃଙ୍ଖଳା ବଜାୟ ରଖି ନୀତି ଆୟୋଗର ଫିସ୍‌କାଲ ହେଲ୍ଥ ଇଣ୍ଡେକ୍ସ-



୨୦୨୬ରେ ପ୍ରଥମ ସ୍ଥାନ ଅଧିକାର କରିଛି।

ରେଳ, ବନ୍ଦର ଓ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ରାଜ୍ୟ ପାଇଁ ୧୦,୯୨୮ କୋଟି ଟଙ୍କାର ରେଳ ପ୍ରକଳ୍ପ ଅନୁଦାନ ମିଳିଛି। ବର୍ତ୍ତମାନ ରାଜ୍ୟରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସାଗରମାଳା ଓ ପିଏମ ଗତିଶକ୍ତି ଯୋଜନା ଅଧୀନରେ ବାହୁଡ଼ା ଗଭୀର ସମୁଦ୍ର ବନ୍ଦର ଓ ଜାତୀୟ ଜଳପଥ-୫ର ବିକାଶ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଓ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ରାଜ୍ୟର ଶିଳ୍ପ ଭିତ୍ତିଭୂମି ପ୍ରତି ନିବେଶକଙ୍କ ବିଶ୍ୱାସକୁ ଦର୍ଶାଉଥିବା ବେଳେ ଓଡ଼ିଶାକୁ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଓ ଉନ୍ନତ ଉତ୍ପାଦନ କ୍ଷେତ୍ରର ଉଦୀୟମାନ କେନ୍ଦ୍ର ଭାବେ ଗଢ଼ି ତୋଳୁଛି ବୋଲି ସେ କହିଥିଲେ। ➪ପୃଷ୍ଠା-୬

### କିଏ ଗାଏବ କଲା ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ରିପୋର୍ଟ?

# କାଠଗଡ଼ାରେ ବିରୋଧୀ ଦଳ ନେତା ନବୀନ

### ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କଲା ପୁଲିସ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କନ୍ଧମାଳ ଦଙ୍ଗା ସମ୍ପର୍କିତ ଜଷ୍ଟିସ ଏ.ଏସ ନାଇଡୁ କମିଶନ ଦେଇଥିବା ତଦନ୍ତ ରିପୋର୍ଟ ଗାଏବ ହୋଇଯିବା ପରେ ବର୍ତ୍ତମାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାଠଗଡ଼ାରେ ଛିଡ଼ା ହୋଇଛନ୍ତି। କମିଶନଙ୍କ ରିପୋର୍ଟ ଚୋରି ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲା। ଦୁଇ ବର୍ଷ ଧରି କୌଣସି ସନ୍ତୋଷଜନକ ଉତ୍ତର ନଆସିବାରୁ ସରକାର ବାଧ୍ୟ ହୋଇ ଏଫଆଇଆର କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗୃହ ବିଭାଗ ପକ୍ଷରୁ ନବୀନଙ୍କୁ ଏକାଧିକାର ଚିଠି କରାଗଲା ପରେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ। ୨୦୨୫ ଅକ୍ଟୋବର ୨୩ ଓ ନଭେମ୍ବର ୪ରେ ଚିଠି କରାଯିବା ପରେ ନବୀନଙ୍କ ବ୍ୟକ୍ତିଗତ ସଚିବ ନଭେମ୍ବର ୧୫ ତାରିଖରେ ଗୃହ ସଚିବଙ୍କୁ ଚିଠି ଲେଖି ତାଙ୍କୁ ଏହି ଫାଇଲ୍ ଖୋଜିବା ନିମନ୍ତେ ନବୀନ କହିଥିବା ଅବଗତ କରାଇଥିଲେ। ସେ କହିଛନ୍ତି ଯେ ଯଦି ସରକାରଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ଥାନ୍ତା, ତେବେ ସରକାର ଗଠନ ହେବା ମାତ୍ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନାଁରେ ତୁରନ୍ତ ମାମଲା ଦାଏର କରିଥାନ୍ତୁ। କିନ୍ତୁ ଆମେ ପ୍ରଥମେ ପ୍ରଶାସନିକ ସ୍ତରରେ ବହୁ ପ୍ରୟାସ କଲୁ। କମିଶନ ତଦନ୍ତ ରିପୋର୍ଟ ଖୋଜିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ନାଇଡୁ କମିଶନ ତଦନ୍ତ ରିପୋର୍ଟ ୨୦୧୬ ସେପ୍ଟେମ୍ବର ୧୯ରେ ମୁଖ୍ୟ ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ଆଉ ଫେରିନାହିଁ। ➪ପୃଷ୍ଠା-୬



### ଧର୍ମାନ୍ତରୀକରଣ ପାଇଁ ହତ୍ୟା ଓ ଦଙ୍ଗା

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଏହା ପରବର୍ତ୍ତୀ ଦଙ୍ଗା ପଛରେ ଥିବା କିଛି ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ ଥିଲା ଧର୍ମାନ୍ତରୀକରଣ। ସିଏମଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଏହା ପରବର୍ତ୍ତୀ ଦଙ୍ଗା ମାମଲାର ତଦନ୍ତ ରିପୋର୍ଟ ଫାଇଲ୍ ଗାଏବ ହେବା ପରେ ଆଜି ଏଭଳି ସୂଚନା ଦେଇଛନ୍ତି ଜଷ୍ଟିସ୍ ନାଇଡୁ। ହତ୍ୟା ପଛରେ ଧର୍ମାନ୍ତରୀକରଣ ପ୍ରମୁଖ କାରଣ ଥିବା ରିପୋର୍ଟରେ ଉଲ୍ଲେଖ ଥିଲା। ଯେଉଁ ମାଓବାଦୀଙ୍କ କଥା ଓ ସେମାନଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଥିଲା ସେ ସମ୍ପର୍କରେ ବି ତଦନ୍ତ ରିପୋର୍ଟରେ ସବୁକଥା ଉଲ୍ଲେଖ ରହିଛି ବୋଲି ଜଷ୍ଟିସ ନାଇଡୁ କହିଛନ୍ତି। ପ୍ରାୟ ଦେଢ଼ ହଜାର ପୃଷ୍ଠାର ରିପୋର୍ଟ ସିଏମଓକୁ ଦିଆଯାଇଥିଲା। ଖାଲି ହତ୍ୟା ନୁହେଁ, ଏହାପରେ ଦଙ୍ଗା ସ୍ଥିତି ସମ୍ପର୍କରେ, ଏହାର କାରଣ, କିଏ ଘଟାଇଥିଲା, ➪ପୃଷ୍ଠା-୬

## ନିଟ୍ ପରୀକ୍ଷାର୍ଥୀଙ୍କୁ ବସ୍ ଭଡ଼ା ଛାଡ଼

### ଓଏସଆରଟିସିକୁ ପରିବହନ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନିଟ୍ ପୁନଃ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ବସ ଭଡ଼ା ଛାଡ଼ କରାଯାଇଛି। ପ୍ରଚଣ୍ଡ ଗୁଳୁଗୁଳି ଓ ହିଟୱେଭ୍ ସାଙ୍ଗକୁ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ବିନା ବାଧାରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ବସ ଭଡ଼ା ଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଆଜି ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଓଏସଆରଟିସିର ପରିଚାଳନା ନିର୍ଦ୍ଦେଶକ ଓ ରାଜ୍ୟ ସଡ଼କ ପରିବହନ ପ୍ରାଧିକରଣର କମିଶନଙ୍କୁ ଚିଠି କରିଛନ୍ତି। ଓଡ଼ିଶାର ୧୩୪ ପରୀକ୍ଷା କେନ୍ଦ୍ରରେ ନିଟ୍ ପ୍ରବେଶିକା ପରୀକ୍ଷା ହେବ। ଏହିସବୁ ସେଣ୍ଟର ତାଲିକା ମଧ୍ୟ ମଧ୍ୟ ବିଭାଗ ପ୍ରଦାନ କରିଛି। ପରୀକ୍ଷାର୍ଥୀମାନେ ନିଜର ବୈଧ ଆଡମିଡ୍ କାର୍ଡ ଦେଖାଇଲେ ସେମାନଙ୍କଠାରୁ ଭଡ଼ା ନ ➪ପୃଷ୍ଠା-୬

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ଦେବାଶିଷ



**ଭୁବନେଶ୍ୱର,୧୧।୬ (ସଂଚାର ବ୍ୟୁରୋ):** ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଦେବାଶିଷ ସାମନ୍ତରାୟ। ରାଜ୍ୟସଭା ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ଉପନିର୍ବାଚନ ଭୋଟିଂ ଦରକାର ପଡ଼ିନାହିଁ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଆଜି ଶେଷ ତାରିଖ ଥିଲା। ରାଜ୍ୟସଭା ଉପନିର୍ବାଚନରେ ତାଙ୍କ ବିପକ୍ଷରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। କିଛି ଦିନ ତଳେ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ ଦେବାଶିଷ। ଏହାପରେ ଦଳ ତାଙ୍କୁ ବିଜେପି ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା। ଦେବାଶିଷ ରାଜ୍ୟସଭାକୁ ଯିବା ପରେ ଓଡ଼ିଶା ରାଜନୀତିରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଦେବାଶିଷ ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ରାଜ୍ୟ କାର୍ଯ୍ୟାଳୟରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ମଣିପୁର ହିଂସା

## ୬ ମୃତଦେହ ଉଦ୍ଧାର

**ଇମ୍ଫାଲ,୧୧।୬:** ଗତ ମାସରେ କାଙ୍ଗପୋକପି ଜିଲ୍ଲାରେ ଅପହୃତ ହୋଇଥିବା ୬ ଜଣ ନାଗା ସମ୍ପ୍ରଦାୟର ବ୍ୟକ୍ତିଙ୍କ ମୃତଦେହ ପୁଲିସ ଉଦ୍ଧାର କରିବା ପରେ ମଣିପୁରରେ ଜାତିଆଣ ହିଂସା ଉଗ୍ରରୂପ ନେଇଛି। ପୁଲିସ ଏ ଘଟଣାରେ ୮ ଜଣଙ୍କୁ ଅଟକ ରଖିଛି। ମଣିପୁର ପୁଲିସ ସମେତ ସିଆରପିଏଫ୍ ଓ ଆସାମ ରାଇଫଲ୍ସର ପାଖାପାଖି ୪୫୦ ଜଣ କର୍ମଚାରୀ ବ୍ୟାପକ ତଲାସୀ ଅଭିଯାନ ଜାରିକରି ବୁଧବାର ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ଏମାନଙ୍କୁ ଗତ ୧୩ ତାରିଖରେ କାଙ୍ଗପୋକପି ଜିଲ୍ଲାର ଲେଲନ୍ ଭାଇଫେଇ ଗ୍ରାମରୁ ଏମାନଙ୍କୁ ଅପହରଣ କରାଯାଇଥିଲା ବୋଲି ପୁଲିସ କହିଛି। ଏନେଇ ମୁଖ୍ୟମନ୍ତ୍ରୀ ୱାଇ. ଖେମଚାନ୍ଦ ସିଂ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ୩ ନାବିକ ମୃତ୍ୟୁ ଘଟଣା

## ଆମେରିକା ନିକଟରେ ଭାରତର ପ୍ରତିବାଦ

**ନୂଆଦିଲ୍ଲୀ, ୧୧।୬:** ଓମାନ ଉପସାଗରରେ ଲଙ୍ଗର ପକାଇଥିବା ତୈଳ ଟ୍ୟାଙ୍କର ଉପରେ ଆମେରିକା ଆକ୍ରମଣ କରିବା ଘଟଣାରେ ଭାରତର ୩ ଜଣ ନାଗରିକ ମୃତ୍ୟୁବରଣ କରିବାକୁ ନେଇ ଭାରତ ପକ୍ଷରୁ ଆମେରିକାକୁ କଡ଼ା ନିନ୍ଦା କରାଯିବା ସହ ଔପଚାରିକ ଭାବେ ପ୍ରତିବାଦ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଆନ୍ତଃ-ମନ୍ତ୍ରୀସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରନଧୀର ଜୟସ୍ୱାଲ କହିଛନ୍ତି ଯେ, ଆମେରିକାର ଶିଖର କୂଟନୀତିଜ୍ଞଙ୍କୁ ସମନ କରାଯିବା ସହ ଅଭିଯୋଗ କରାଯାଇଛି। ଜାହାଜର ୩ ଜଣ ଭାରତୀୟ କୁ ମୃତ୍ୟୁବରଣ କରିବା ଘଟଣାରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଚିନ୍ତା ପ୍ରକାଶ କରାଯାଇଛି। ସରକାର ଏ ଘଟଣାକୁ ଗମ୍ଭୀରତା ସହ ନେଇଛନ୍ତି ବୋଲି ଅତିରିକ୍ତ ସଚିବ ମୁକେଶ ମଙ୍ଗଲ୍ କହିବା ସହ ପ୍ରତି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ନାବିକ (ସି'ମ୍ୟାନ୍) ମଙ୍ଗଳ ପାଣ୍ଠି ସମାଜକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି।

### ସରକାର ଗଠନକୁ ପୂରିଲା ଦୁଇ ବର୍ଷ

## ଡବଲ ଇଞ୍ଜିନରେ ସଫଳତାର ନୂଆ ଅଧ୍ୟାୟ

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ଆସନ୍ତକାଲି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ରାଜ୍ୟରେ ଦୁଇ ବର୍ଷ ପୂରଣ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ବର୍ଷରେ ରାଜ୍ୟ ବିକାଶର ଚିତ୍ର ଉପସ୍ଥାପିତ କରିବେ। ୨୦୨୪ ଜୁନ ୧୨ ତାରିଖରୁ ରାଜ୍ୟରେ ଆରମ୍ଭ ହୋଇଥିବା ଡବଲ ଇଞ୍ଜିନ ସରକାର ଅବସରରେ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତିକୁ ପାଳନ କରିବାକୁ ଚେଷ୍ଟା କରାଯାଇଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ନେଇ କାର୍ଯ୍ୟ କରୁଥିବା ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଅଭିଯାନରେ ଅଗ୍ରଦୂତ ସାଜିଛି।



- ୧ କୋଟିରୁ ଅଧିକ ମହିଳାଙ୍କୁ ମିଳିଛି ସହାୟତା
- ୩.୪୬ କୋଟି ଲୋକଙ୍କୁ ଆୟୁଷ୍ମାନ ଭାରତ ସୁବିଧା
- ୫୬ ଲକ୍ଷ ହିତାଧିକାରୀ ସାମାଜିକ ସୁରକ୍ଷାରେ ଉପକୃତ
- ଦୁଇ ବର୍ଷରେ ତ୍ୱରାନ୍ୱିତ ହୋଇଛି ଶିଳ୍ପାୟନ ପ୍ରକ୍ରିୟା

ଦୁଇ ବର୍ଷ ମଧ୍ୟରେ ସୁଭଦ୍ରା ଯୋଜନାରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସଶକ୍ତ ହୋଇଛନ୍ତି। ୨୩ ଲକ୍ଷ ୪୬ ହଜାର ଲକ୍ଷପତି ଦିଦିଙ୍କୁ ମିଳିଛି ନୂଆ ପରିଚୟ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀ, ମା' ଓ ଶିଶୁଙ୍କ ପୋଷଣ ସଶକ୍ତିକରଣର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ ସାଜିଛି। ଏହି ଯୋଜନାରେ ୧୩ ଶହରୁ ଅଧିକ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହୋଇ ମାଗଣା ଚିକିତ୍ସା ସୁବିଧା ପାଇଛନ୍ତି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫୭ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ➪ପୃଷ୍ଠା-୬

### ବଙ୍ଗ ପରେ ବିଜେପିର କଳିଙ୍ଗ ଅଭିଯାନ

# ଦୁଇ ଫାଳ ହୋଇଯିବ କି ବିଜେଡି?

**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ବିଜେପି ବଙ୍ଗ ଦଖଲ କରି ସେଠାରେ ତୃଣମୂଳ କଂଗ୍ରେସକୁ ଦୁଇ ଫାଳ କରିବା ପରେ ଏବେ କଳିଙ୍ଗ ଉପରେ ଆଖି ପକାଇଥିବା ନେଇ ଆଲୋଚନା ଜୋର୍ ଧରିଛି। ଯଦି ବଙ୍ଗ ଷ୍ଟାଇଲରେ ବିଜେପି କଳିଙ୍ଗରେ ଅପରେସନ କରିବ, ତେବେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ଦୁଇ ଫାଳ ହୋଇଯିବ ବୋଲି କୁହାଯାଉଛି।

### ଗଡ଼ ଜଗିଲେଣି ବରିଷ୍ଠ ନେତା




ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ସରକାର ଗଠନ କରିବା ପରେ ମୁଖ୍ୟ ବିରୋଧୀ ଦଳ ତୃଣମୂଳ କଂଗ୍ରେସ ଏବେ ଦୁଇ ଫାଳ। ବଡ଼ ଫାଳଟି ବିଜେପି ସପକ୍ଷରେ ଥିବା ବେଳେ ମୂଳ ଦଳ ଏକପ୍ରକାର ତା'ର ସତ୍ତା ହରାଇବାକୁ ବସିଛି। ବିଜେପିର ସଫଳ ଗୋଟି ଚାଳନା ଯୋଗୁଁ ତୃଣମୂଳ କଂଗ୍ରେସ ଆଞ୍ଚଳିକ ଦଳ ତାଲିକାରୁ ଲୋପ ପାଇବାକୁ ବସିଥିବା ବେଳେ ଏବେ ଏହାର ମୁଖିଆ ନିଜର ସ୍ଥିତି ରକ୍ଷା ଲାଗି ନିଜର ପୁରୁଣା ଦଳ କଂଗ୍ରେସରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ତେବେ ଓଡ଼ିଶାରେ ଯଦିଓ ବିଜେପିର ସରକାର ଗଠନକୁ ଦୁଇ ବର୍ଷ ➪ପୃଷ୍ଠା-୬

## ଅଟୋକୁ ପିଟିଲା ସଫାରୀ: ବାପ-ଝିଅ ମୃତ

**ଧନୁପାଲି,୧୧।୬(ସଂଚାର ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଶଙ୍କର ମଠ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଟୋକୁ ଏକ ସଫାରୀ ଗାଡ଼ି ଧକ୍କା ଦେବା ଫଳରେ ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇବା ପରେ ସଫାରୀ ଓଲଟି ପଡ଼ି ବନ୍ଧ ଭିତରେ ଖସି ପଡ଼ିଥିଲା। ଏଥିରେ ମୃତ୍ୟୁବରଣ କରିଥିବା ଦୁଇ ଜଣ ସମ୍ପର୍କରେ ବାପ-ଝିଅ ବୋଲି ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ମୃତକଦ୍ୱୟ ହେଲେ ସମ୍ବଲପୁର ଧନୁପାଲିର ୩୫ ବର୍ଷୀୟ ସୁରେନ୍ଦ୍ର ବେହେରା ଓ ତାଙ୍କ ୫ ବର୍ଷୀୟ ଝିଅ ଶୁଭଶ୍ରୀ ବେହେରା। ସୁରେନ୍ଦ୍ର ଝିଅକୁ ନେଇ ଘରକୁ ଫେରଥିବା ସମୟରେ ଶଙ୍କର ମଠ ପାଖରେ ଥିବା ରାସ୍ତାକଡ଼ ଏକ ଦୋକାନ ସାମ୍ନାରେ ଅଟୋ ଛିଡ଼ା କରିଥିଲେ। କିନ୍ତୁ ଏହି ସମୟରେ ପଛ ପଟୁ ଏକ ସଫାରୀ ଗାଡ଼ି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା।

# ଦୁର୍ଗା ନାୟକ: କେଉଁ ଯଶ ବାନା ଉଡ଼ାଇଲ ହେ

**ମହାକାଳପଡ଼ା, ୧୧।୬ (ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରିବାକୁ ଯାଉଥିବା ବେଳେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସାଦ ନାୟକଙ୍କ



- ପୁଣି ବିବାଦରେ ମହାକାଳପଡ଼ା ବିଧାୟକ
- ମହିଳା ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ
- ପାଲଟା ଅଭିଯୋଗ କଲେ ବିଡିଓ

ପାଇଁ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବିଧାୟକଙ୍କ ଇଙ୍ଗିତରେ ଜଣେ ମହିଳା ସରପଞ୍ଚଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ବ୍ୟବହାର ସହ ଅସଭ୍ୟ ଭାଷାରେ ଗାଳି କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ରାଜନୈତିକ ଚାପରେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ବଳପୂର୍ବକ ଥାନାକୁ ନେଇଯାଇଥିଲେ। ତେବେ ଅସୁସ୍ଥ ହୋଇପଡ଼ିବାରୁ ସରପଞ୍ଚଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୋସିଆଲ ମିଡିଆରେ ସମ୍ପୃକ୍ତ ମହିଳା ସରପଞ୍ଚ ତାଙ୍କୁ ପୁଲିସ ବଳପୂର୍ବକ ନେଉଥିବାର ଭିଡିଓ ଉତ୍ତୋଳନ କରି



ଭାଇରାଲ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଆଜି ମହାକାଳପଡ଼ା ବ୍ଲକ ଡିଖିରି ପଞ୍ଚାୟତର ସରପଞ୍ଚ ➪ପୃଷ୍ଠା-୬

### ଏଇଥିପାଇଁ ପୁଲିସ ବଦଳି ସୁପାରିସ୍ କରିଥିଲେ ଦୁର୍ଗା

ଏହି ଘଟଣାକ୍ରମ ଭିତରେ ୨୦୨୪ ଅଗଷ୍ଟ ୨୯ ତାରିଖରେ ମହାକାଳପଡ଼ା ବିଧାୟକ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ କିଛି ଥାନାଧିକାରୀଙ୍କ ବଦଳି ପାଇଁ କରିଥିବା ସୁପାରିସ୍ ପତ୍ର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅର୍ଥାତ ସେ ବିଧାୟକ ଭାବେ ଦାୟିତ୍ୱ ନେବାର କିଛି ମାସ ପରେ ଏହି ସୁପାରିସ୍‌ପତ୍ର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିଲେ। ସେଥିରେ ସେ ମାର୍ଶାଘାଇ, ମହାକାଳପଡ଼ା, ତଣ୍ଡିଆପାଳ ମେରାଇନ ଥାନା, ପାଟକୁରା, ଜମ୍ବୁ ମେରାଇନ ଥାନା ଓ କେନ୍ଦ୍ରାପଡ଼ା ଏସଡିପିଓ ପଦବୀ ପାଇଁ କିଛି ଅଧିକାରୀଙ୍କ ନାମ ସୁପାରିସ୍ କରିଥିଲେ।

### ରଖେ ହରି ମାରେ କିଏ

## ଜୀବନ ପାଇଁ କୂଅ ଭିତରେ ୪ ଦିନ ସଂଘର୍ଷ



### ମୃତ ଭାବି ଫିଙ୍ଗି ଦେଇଥିଲେ ଦୁର୍ବୃତ୍ତ

**ପଦ୍ମପୁର,୧୧।୬(ସଂଚାର ବ୍ୟୁରୋ):** କଥାରେ ଅଛି ରଖେ ହରି ମାରେ କିଏ? ଅର୍ଥାତ୍ ଯଦି ଆୟୁଷ ପୂରିନାହିଁ, ଶତ୍ରୁ ଯେତେ ଚେଷ୍ଟା କଲେ ବି ମାରି ପାରିବ ନାହିଁ। ତାକୁ ନିଶ୍ଚିତ ଭାବେ ଭଗବାନ ରକ୍ଷା କରିବେ। ଏଠାରେ ଏପରି ଏକ ଘଟଣା ଘଟିଛି ତାହା କାହାକୁ ବି ଆଶ୍ଚର୍ଯ୍ୟଚକିତ କରିଦେବ। ଜଣେ ଯୁବକ ଜୀବିତ ଥିବା ସମୟରେ କୂଅରେ ଚାରି ଦିନ ଧରି ସଂଘର୍ଷ କରୁଥିଲେ। ଶେଷରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହା ନିଶ୍ଚିତ ଭାବେ କୌଣସି ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ। ମିଳିଥିବା ସୂଚନାନୁସାରେ, ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମର ତୁଳସୀରାମ ବରିହାଙ୍କୁ ୪ ଦିନ ତଳେ ୫ ଜଣ ଦୁର୍ବୃତ୍ତ ମାଡ଼ ମାରିବା ସହ ମରିଯାଇଥିବା ଭାବି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ସମଲାଇପଦର ନର୍ସରୀରେ ଥିବା ନିଛାଟିଆ କୂଅରେ ଫିଙ୍ଗିଦେଇଥିଲେ। ତେବେ ଆଜି ସମଲାଇପଦର ଗ୍ରାମର ଜଣେ ବ୍ୟକ୍ତି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ କୂଅରେ ପଡ଼ିଥିବା ତୁଳସୀରାମ ଖୁବ୍ ଜୋର୍‌ରେ ପାଟି କରି କୂଅ ଭିତରୁ କେହି ଡାକୁଥିବା ଶୁଣିବାକୁ ପାଇଥିଲେ। ସେ ଏଥିରେ ଭୟଭୀତ ହୋଇ ଏ ସମ୍ପର୍କରେ ଗ୍ରାମକୁ ଯାଇ ଲୋକଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ସେଠାରେ ପହଞ୍ଚିବା ➪ପୃଷ୍ଠା-୬

# ଇରାନର ସେନା, ରାଡାରସ୍ଥଳ ଉପରେ ପ୍ରଚଣ୍ଡ ପ୍ରହାର



## ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକୀୟ ଏୟାରବେସ୍ ବିଧ୍ୱସ୍ତ

ୱାଶିଂଟନ୍, ୧୧।୬: ଆମେରିକା ଓ ଇରାନ୍ ମଧ୍ୟରେ ଲଗାତାର ଦ୍ୱିତୀୟ ଦିନରେ ମଧ୍ୟ ଆକ୍ରମଣ ଜାରି ରହିଛି। ଏପ୍ରିଲରେ ଦୁଇଦେଶ ମଧ୍ୟରେ ହୋଇଥିବା ଦୁର୍ବଳ ଯୁଦ୍ଧବିରତିକୁ ଫୁଁ' କରି ଉଭୟ ଦେଶ ବୁଧବାର ବିଳମ୍ବିତ ରାତିରେ ପରସ୍ପରକୁ ଆକ୍ରମଣ କରିଛନ୍ତି। ଇରାନର ଦକ୍ଷିଣାଞ୍ଚଳ ପ୍ରଦେଶରେ ଥିବା ଇରାନର ସେନା, ନିରୀକ୍ଷଣ କେନ୍ଦ୍ର ଓ ରାଡାରସ୍ଥଳ ଉପରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ବିବିସିକୁ ସୂଚନା ଦେଇଛି। ଏହାକୁ ସେଣ୍ଟକମ୍ ତା'ର ଚିରାଚରିତ ଢଙ୍ଗରେ 'ଆତ୍ମରକ୍ଷଣାତ୍ମକ ଆକ୍ରମଣ' ବୋଲି ଦର୍ଶାଇଛି।

ଯୁଦ୍ଧକୁ ସ୍ଥାୟୀ ଭାବରେ ସମାପ୍ତ କରିବା ପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରିବାରେ ତେହରାନ୍ ବିଳମ୍ବ କରିଦେଇଛି, ଆଉ ସେଥିଲାଗି ଇରାନ୍ ଉପରେ କଠୋର ଆକ୍ରମଣ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବାର ମାତ୍ର କିଛିଘଣ୍ଟା ମଧ୍ୟରେ ଆମେରିକା ବାୟୁସେନା ଇରାନର ବିଭିନ୍ନ ସ୍ଥାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ରାଜଧାନୀ ତେହରାନର ଆଖପାଖ ଅଞ୍ଚଳ ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ ସମୀପବର୍ତ୍ତୀ ବନ୍ଦରନଗରୀ ବନ୍ଦର ଆବବାସ ଓ ଅନ୍ୟ ଦକ୍ଷିଣାଞ୍ଚଳ ସ୍ଥାନଗୁଡ଼ିକରେ ଏକାଧିକ ବିସ୍ଫୋରଣ ହୋଇଥିବା ଇରାନର ସରକାରୀ ମାଧ୍ୟମ ପ୍ରକାଶ କରିଛି।

ଏହାପରେ ଇରାନ ପକ୍ଷରୁ ମଧ୍ୟ ଆମେରିକା ଉପରେ ଜବାବୀ ହମଲା କରାଯାଇଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ସମ୍ପଦଗୁଡ଼ିକୁ ମୁଖ୍ୟତଃ ଇରାନ୍ ଟାର୍ଗେଟ୍ କରିଛି ଓ ଗୋଟେ ରାଉଣ୍ଡ ଆକ୍ରମଣ କରିଛି। ଦ୍ୱିତୀୟ ଦିନରେ ବି ବାହାରିନ୍ ଓ କୁଏତରେ ଥିବା ଆମେରିକାର ସେନାଘାଟିଗୁଡ଼ିକୁ ଇରାନ୍ ଟାର୍ଗେଟ୍ କରିଛି। ଜୋର୍ଡାନରେ ଥିବା ଆମେରିକାର ଗୋଟିଏ କମାଣ୍ଡ ସେଣ୍ଟର ଉପରକୁ ମିସାଇଲ୍ ମାଡ କରାଯାଇଥିବା ଇରାନର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) କହିଛି। ଜୋର୍ଡାନରେ ଥିବା ଆମେରିକାର ମୁୱାଫାକ୍ ସଲଟି ଏୟାରବେସ୍ ଉପରକୁ ଏହା ୧୨ଟି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିବା ସହିତ ବହୁ ପରିମାଣର ମାର୍କିନ୍ ଲଢୁଆ ବିମାନ ଓ ସୁବିଧାକେନ୍ଦ୍ରକୁ ଆଇଆରଜିସି ନଷ୍ଟ କରିଦେଇଛି ବୋଲି ଦାବି କରିଥିବା ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ଆମେରିକା ପକ୍ଷରୁ ଆଇଆରଜିସିର ଏହି ଦାବିକୁ ପୁଷ୍ଟି କରାଯାଇ ନଥିବା ବେଳେ ବାହାରିନର ଅନ୍ତରୀଣ ମନ୍ତ୍ରଣାଳୟ ସାରାରାତି ଏୟାର ରେଡ୍ ସାଇରନ୍ ସକ୍ରିୟ ଥିବା ସୂଚନା ଦେଇଛି। ବାହାରିନ ଅନ୍ତରୀଣ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ଇରାନ ମାଡ଼ କରିଥିବା ଅନେକ ଡ୍ରୋନକୁ ସେମାନେ ଅଟକାଇଛନ୍ତି। ତେବେ ଶକ୍ତିଶାଳୀ ଡ୍ରୋନଗୁଡ଼ିକୁ ଅଟକାଇବା ସମୟରେ ସେଥିରୁ ନିର୍ଗତ ବିସ୍ଫୋରକ ତଥା ଧାତବଖଣ୍ଡ ପଡ଼ି ରାଜଧାନୀ ମାନାମ ଓ ହମାଦ ସହରରେ ଅନେକ ଘର ଓ ଗାଡ଼ି ଜଳି ଯାଇଛି। ଏହି ଘଟଣାରେ ଜଣେ ୧୧ବର୍ଷର ଝିଅ ଆହତ ହୋଇଛନ୍ତି। ବାହାରିନ ଇରାନର ଆକ୍ରମଣକୁ 'ପାପପୂର୍ଣ୍ଣ' କର୍ମ ବୋଲି କହିଛି। ସେହିପରି ଆଣ୍ଟି-ଏୟାର ଡିଫେନ୍ସ ସିଷ୍ଟମ୍ ଦ୍ୱାରା ଶତ୍ରୁର ଆକାଶୀ-ଆକ୍ରମଣକୁ ପ୍ରତିହତ କରାଯାଇଥିବା କୁଏତ ସେନା ତା'ର 'ଏକ୍ସ'ରେ ଉଲ୍ଲେଖ କରିଛି।

ଇରାନର ଆକ୍ରମଣ ପରେ କୁଏତ ତା'ର ଆକାଶ ସୀମାକୁ ବୁଧବାର ରାତିରେ ତୁରନ୍ତ ବନ୍ଦ କରିଦେଇଥିଲା। ଫଳରେ ସାଧାରଣ ଯାତ୍ରୀବାହୀ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ପରେ ଆକାଶସୀମାରୁ ଅବରୋଧ ହଟାଇ ନିଆଯିବା ସହ ଅଣ-ସାମରିକ ବିମାନ ଚଳାଚଳକୁ ସ୍ୱାଭାବିକ କରାଯାଇଥିବା ଗୁରୁବାର କୁଏତର ବେସାମରିକ ବିମାନ ଚଳାଚଳ ଅଧିକାରୀ ସିଏନଏନକୁ ସୂଚନା ଦେଇଛନ୍ତି।

### ଜାତିସଂଘ ମହାସଚିବଙ୍କ ଉଦ୍‌ବେଗ



ଆମେରିକା ଓ ଇରାନ ମଧ୍ୟରେ ସାନି ଆକ୍ରମଣକୁ ନେଇ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉଦବେଗ ପ୍ରକାଶ କରିଛନ୍ତି। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ବିବୃତି ଜାରିକରି ଜାତିସଂଘ ମହାସଚିବ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ସଂକଟର ଗଭୀରତା ଭିତରକୁ ଟାଣି ହୋଇଯାଉଛି। ଯୁଦ୍ଧବିରତି ଲାଗି ଦୁଇଦେଶ କଥାବାର୍ତ୍ତା କରୁଥିବା ବେଳେ ଆମେରିକା ଓ ଇରାନ୍ ପୁଣିଥରେ ଯୁଦ୍ଧରେ ଲିପ୍ତ ରହିଛନ୍ତି। ଏହାର ଅର୍ଥ ଯୁଦ୍ଧବିରତିର ହେଉଛି ଏକ ସ୍ୱଳ୍ପ-ଉତ୍ତାପ-ବିଶିଷ୍ଟ ନିଆଁ ପରି। ସେ କହିଛନ୍ତି ଯେ, ଆମେ ଏକ ସ୍ୱଳ୍ପ-ଉତ୍ତାପ-ବିଶିଷ୍ଟ ନିଆଁକୁ ପୂର୍ଣ୍ଣ-ଅଗ୍ନି ହେବାର ଆଶଙ୍କାକୁ ହ୍ରାସ କରିବା ଉଚିତ ନୁହେଁ। ପ୍ରତ୍ୟେକ ପକ୍ଷ କୂଟନୈତିକ ସମାଧାନ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଆଉ ଆକ୍ରମଣ କରନାହିଁ କିମ୍ବା ବାହାନା ଦିଅ ନାହିଁ ବୋଲି ସେ ତାଙ୍କ ବିବୃତିରେ କହିଛନ୍ତି।

## ବେଜିଂରେ ବିସ୍ଫୋରଣ: ୭ ମୃତ, ୧୬ ଗୁରୁତର



ବେଜିଂ, ୧୧।୬: ଭୟଙ୍କର ବ୍ଲାଷ୍ଟ। ଜୋରଦାର ବିସ୍ଫୋରଣରେ ଥରିଲା ପୁରା ଅଞ୍ଚଳ। ଯେଉଁଥିରେ ଚାଲିଯାଇଛି ୭ ଜୀବନ। ଏହାସହିତ ୧୬ରୁ ଅଧିକ ଲୋକ ଆହତ ହୋଇଥିବାର ସୂଚନା ମିଳିଛି। ଏବେବି ଅଞ୍ଚଳରେ ରେସ୍କ୍ୟୁ ଅପରେସନ ଜାରି ରହିଛି। ଖବର ଅନୁଯାୟୀ, ଚୀନ୍‌ର ଦକ୍ଷିଣ-ପଶ୍ଚିମ ଗୁଆଁଗକ୍ସି ଅଞ୍ଚଳରେ ଜୋରଦାର ବିସ୍ଫୋରଣ ଖବର ସାମ୍ନାକୁ ଆସିଛି। ବିସ୍ଫୋରଣର ଶବ୍ଦ ଏତେ ଜୋରରେ ଥିଲା ଯେ, ସୀମାବର୍ତ୍ତୀ ଅଞ୍ଚଳ ଯାଏଁ ବ୍ୟାପିଯାଇଥିଲା। ଜାତୀୟ ଗଣମାମଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ଏହି ବସ୍ଫୋରଣରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୬ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ଗ୍ୟାସ୍ ଲିକ୍ ପାଇଁ ଏହି ଘଟଣା ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। କିନ୍ତୁ ସ୍ଥାନୀୟ ଅଧିକାରୀଙ୍କ ଯାଞ୍ଚ ପରେ ଏହା ଗ୍ୟାସ୍ ଲିକ ଯୋଗୁ ବିସ୍ଫୋରଣ ହୋଇଛି ବୋଲି ସୂଚନା ଦେଇଛନ୍ତି।

● ପୁରୁଷ ଶବର ଗୁପ୍ତାଙ୍ଗଙ୍କୁ ପରିହାସ

## କ୍ଷମା ମାଗିଲେ ମହିଳା ଡାକ୍ତର



ନୂଆଦିଲ୍ଲୀ, ୧୧।୬: ପ୍ରଣୀତ ମୋରେଙ୍କ ଶୋ'ରେ ସେଜଲ ପାୱାର ନାମକ ଜଣେ ମହିଳା ଡାକ୍ତରଙ୍କ ମନ୍ତବ୍ୟ ଏବେ ଇଣ୍ଟରନେଟରେ ହଇଚଇ ସୃଷ୍ଟି କରିଛି। ପୁରୁଷ ମୃତ ଶରୀରର ଗୁପ୍ତାଙ୍ଗକୁ ନେଇ ମଜାକ ଉଡାଇଥିଲେ ସେଜଲ। ସୋସିଆଲ ମିଡିଆରେ ତାଙ୍କର ମନ୍ତବ୍ୟ ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଶୋ' ସମୟରେ, ସେଜଲ କହିଥିଲେ ଯେ ସେ ଓ ତାଙ୍କର ଅନ୍ୟ ମହିଳା ସହକର୍ମୀ ପ୍ରାୟତଃ ହସ୍ପିଟାଲରେ ପୁରୁଷ ଶବର ଗୁପ୍ତାଙ୍ଗର ଆକାର ତୁଳନା କରନ୍ତି। ତାକୁ ଦେଖି ହସନ୍ତି। ସେଜଲଙ୍କ ଦ୍ୱାରା ଦିଆଯାଇଥିବା ଅସମ୍ବେଦନଶୀଳ ମନ୍ତବ୍ୟ ଉପରେ ସୋସିଆଲ ମିଡିଆ ପ୍ରତିକ୍ରିୟା ଦେଇ, ଜଣେ 'ଏକ୍ସ'ରେ ଲେଖିଛନ୍ତି, ଜଣେ ଡାକ୍ତରୀ ଛାତ୍ର ଭାବରେ, ଏକ ଶବକୁ ଉପହାସ କରିବା ହେଉଛି ସବୁଠାରୁ ଖରାପ କାମ ମଧ୍ୟରୁ ଗୋଟିଏ। ଆଉ ଜଣେ କହିଛନ୍ତି, ଜୀବନରେ କିଛି ଜିନିଷ ଅଛି ଯାହାକୁ କେବେ ବି ଉପହାସ କରିବା ଉଚିତ ନୁହେଁ। ଶବ ମଧ୍ୟ ସେଥିମଧ୍ୟରୁ ଗୋଟିଏ। ସୋସିଆଲ ମିଡିଆରେ ଟ୍ରୋଲ ହେବା ପରେ ସେଜଲ୍ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ପ୍ରାଇଭେଟ୍ କରିଛନ୍ତି। ତାଙ୍କର ଇନଷ୍ଟାରେ ୨୪୪,୦୦୦ ଫଲୋଅର୍ସ ଅଛନ୍ତି। ଚାରିଆଡୁ ସମାଲୋଚନା ପରେ ଭିଡିଓ ସେୟାର କରି କ୍ଷମା ମାଗିଛନ୍ତି ସେଜଲ।

● ଆକ୍ଟିଭ୍ ହେଲା ଅପରେସନ ଟାଇଗର

## ୭ ସାଂସଦ ବଦଳାଇପାରନ୍ତି ଦଳ

ମୁମ୍ବାଇ, ୧୧।୬: ପଶ୍ଚିମବଙ୍ଗରେ ଟିଏମ୍‌ସି ଓ ମହାରାଷ୍ଟ୍ରରେ ଉଦ୍ଧବ ଠାକରେ ଶିବସେନା ଉଭୟ ଅସ୍ତିତ୍ୱ ବଞ୍ଚାଇବାକୁ ଲଢୁଛନ୍ତି। ପଶ୍ଚିମବଙ୍ଗରେ ଗୋଟିଏ ପରେ ଗୋଟିଏ ବିଧାୟକ ଓ ସାଂସଦ ଟିଏମ୍‌ସି ଦଳ ବିରୁଦ୍ଧରେ ବିଦ୍ରୋହ କରିଥିବା ବେଳେ ମହାରାଷ୍ଟ୍ର ଅପରେସନ ଟାଇଗର ପୁଣି ଆକ୍ଟିଭ ହୋଇଛି। ଶୁଣିବାକୁ ମିଳୁଛି ଯେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ଗୋଷ୍ଠୀରୁ ୭ ଜଣ ସାଂସଦ ଦଳ ଛାଡ଼ିପାରନ୍ତି। ରିପୋର୍ଟ ଅନୁଯାୟୀ, ଠାକରେ ଗୋଷ୍ଠୀକୁ ଭାଙ୍ଗିବା ପାଇଁ ଏହି ରଣନୀତି ଦିଲ୍ଲୀରେ ପ୍ରସ୍ତୁତ କରାଯାଉଛି। ଏହା ସିଧାସଳଖ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସାମ୍ପ୍ରତିକ ଦିଲ୍ଲୀ ଗସ୍ତ ସହ ଜଡ଼ିତ ବୋଲି କୁହାଯାଉଛି। ମିଳିଥିବା ସୂଚନା ମୁତାବକ, ଜୁନ୍ ୭ ତାରିଖରେ ଦିଲ୍ଲୀରେ ଏକ ଅତ୍ୟନ୍ତ ଗୋପନୀୟ ବୈଠକ ହୋଇଥିଲା। ଶିବସେନା (ୟୁବିଟି) ଗୋଷ୍ଠୀର ମୋଟ ୯ ଜଣ ସାଂସଦଙ୍କ ମଧ୍ୟରୁ ୭ ଜଣ ଏହି ବୈଠକରେ ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହୋଇଛି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ସାଂସଦ ଡ. ଶ୍ରୀକାନ୍ତ ସିନ୍ଦେ ଉପସ୍ଥିତ ଥିଲେ। ଗତ ୬ ମାସ ଧରି ଡ. ଶ୍ରୀକାନ୍ତ ସିନ୍ଦେ ପରଦା ପଛରେ ରହି ଏହି ସାଂସଦମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଦଳ ବଦଳାଇବା ପାଇଁ ପ୍ରସ୍ତୁତ କରିଥିବା କୁହାଯାଉଛି। ସମର୍ଥନ ବଦଳରେ ଏହି ସାଂସଦମାନଙ୍କୁ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ଦେବା ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀର ପ୍ରତିଶ୍ରୁତି ଦିଆଯାଇଥିବା ଚର୍ଚ୍ଚା ହେଉଛି।

## ଗୁରୁ ରନ୍ଧାୱାଙ୍କ ଜିମ୍ ବାହାରେ ଗୁଳିମାଡ଼

ନୂଆଦିଲ୍ଲୀ, ୧୧।୬: ପଞ୍ଜାବୀ ଗାୟକ ଗୁରୁ ରାନ୍ଧୱାଙ୍କ ମାଲିକାନାରେ ଥିବା ଏକ ହାଇପ୍ରୋଫାଇଲ୍ ଜିମ୍ ବାହାରେ ଦୁର୍ବୃତ୍ତମାନେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଏହି ଗୁଳିକାଣ୍ଡ ପଛରେ କୁଖ୍ୟାତ 'ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍'ର ହାତ ଥିବା ସୂଚନା ମିଳିଛି। ସୋସିଆଲ ମିଡିଆରେ ଏକ ଅଡିଓ କ୍ଲିପ୍ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ଲରେନ୍ସ ଗ୍ୟାଙ୍ଗ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଭାଇରାଲ୍ ଅଡ଼ିଓରେ ଗ୍ୟାଙ୍ଗର ଜଣେ ସଦସ୍ୟ କହୁଥିବାର ଶୁଣାଯାଉଛି ଯେ, ଗୁରୁ ରନ୍ଧାୱାଙ୍କର ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନଙ୍କ ସହ ଅତି ନିବିଡ଼ ସମ୍ପର୍କ ରହିଛି, ସେଥିପାଇଁ ତାଙ୍କୁ ଟାର୍ଗେଟ୍ କରାଯାଇଛି। ଏହି ଗୁଳିଚାଳନା ତ କେବଳ ଏକ 'ଟ୍ରେଲର୍' ଥିଲା, ଅସଲ ଫିଲ୍ମ ଏବେ ବି ବାକି ଅଛି। ଦିଲ୍ଲୀ ପୁଲିସ ପକ୍ଷରୁ ଜାରି କରାଯାଇଥିବା ଆଧିକାରିକ ବୟାନ ଅନୁଯାୟୀ, ଗୁରୁବାର ଭୋର ସମୟରେ ପଶ୍ଚିମ ବିହାର ଇଷ୍ଟ ଥାନା ଅନ୍ତର୍ଗତ ପୁଷ୍କର ଏନକ୍ଲେଭ୍‌ରେ ଥିବା '୨୪ ଆୱାର୍ସ ଫିଟନେସ୍' ଜିମ୍‌ରେ ଗୁଳିଚାଳନା ନେଇ ଏକ ପିସିଆର୍ କଲ୍ ମିଳିଥିଲା। ଦିଲ୍ଲୀ, ପଶ୍ଚିମ ବିହାର, ୨୪ ଆୱାର୍ସ ଫିଟନେସ୍ ଜିମ୍‌ରେ ସକାଳ ସମୟରେ ମୁହଁରେ କପଡ଼ା ବାନ୍ଧିଥିବା ୨ ଜଣ ଅଜ୍ଞାତ ବାଇକ୍ ଚାଳକ ଗୁଳିଚାଳନା କରିଥିଲେ। ଗୁଳିକାଣ୍ଡରେ ଜିମ୍‌ର କାଚଗୁଡ଼ିକ ଭାଙ୍ଗି ଚୂରମାର୍ ହୋଇଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି।

## ମମତାଙ୍କ ହାତ ଛାଡ଼ିବିନି: ଶତ୍ରୁଘ୍ନ ସିହ୍ନା

ନୂଆଦିଲ୍ଲୀ, ୧୧।୬: ପଶ୍ଚିମବଙ୍ଗ ରାଜନୀତିରେ ଦିନକୁଦିନ ନୂଆ ଝଡ଼ ସୃଷ୍ଟି ହେଉଛି। ପ୍ରତ୍ୟେକ ଦିନ କେହି ନା କେହି ମମତାଙ୍କ ହାତ ଛାଡ଼ି ବିଦ୍ରୋହୀ ଶିବିରରେ ସାମିଲ୍ ହେଉଛନ୍ତି। ଏବେ ବିଦ୍ରୋହୀ ଦଳରେ ସାମିଲ୍ ହୋଇଥିବା ନେତାଙ୍କ ମଧ୍ୟରେ ରହିଛି ସାୟୋନୀ ଘୋଷ, ରଚନା ବାନାର୍ଜୀ ଓ ଦୀପକ ଅଧିକାରୀ, ୟୁସୁଫ୍ ପଠାନ ପ୍ରଭୃତିଙ୍କ ନାମ। ପଶ୍ଚିମବଙ୍ଗର ଫାୟାର ବ୍ରାଣ୍ଡ ଟିଏମସି ନେତ୍ରୀ ଏବେ ମମତାଙ୍କ ହାତ ଛାଡ଼ିବା ପ୍ରାୟ ନିଶ୍ଚିତ ହୋଇଛି। ମିଳିଥିବା ସୂତ୍ର ଅନୁସାରେ ସାୟାନୀ ଘୋଷ ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାତ କରିଛନ୍ତି। ସାୟାନୀ ଭୂପେନ୍ଦ୍ରଙ୍କୁ ଭେଟିବା ପରେ ସେ ଖୁବ୍ ଶୀଘ୍ର ମମତାଙ୍କ ହାତ ଛାଡ଼ିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗୁରୁବାର ଟିଏମସିର ଆଉ ଜଣେ ପ୍ରମୁଖ ରାଜ୍ୟସଭା ସାଂସଦ ପ୍ରକାଶ ଚିକ୍ ବଡ଼ାଇକ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଖୁବଶୀଘ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିବେ। ପ୍ରକାଶ ଚିକ୍‌ଙ୍କ ପୂର୍ବରୁ ଟିଏମସିର ବରିଷ୍ଠ ନେତା ସୁଖେନ୍ଦୁ ଶେଖର ରାୟ ଏବଂ ମହିଳା ସାଂସଦ ସୁସ୍ମିତା ଦେବ ମଧ୍ୟ ରାଜ୍ୟସଭା ସଦସ୍ୟତା ଓ ଦଳରୁ ଇସ୍ତଫା ଦେଇସାରିଛନ୍ତି।



**ଇସ୍ତଫା ଦେଲେ ଆଉଜଣେ ଟିଏମ୍‌ସି ସାଂସଦ**

**ଭୂପେନ୍ଦ୍ର ଯାଦବଙ୍କ ଭେଟିଲେ ସାୟୋନୀ**

ନିଜ ତ୍ୟାଗପତ୍ରରେ ପ୍ରକାଶ ଚିକ୍ ଲେଖିଛନ୍ତି ଯେ, ମୁଁ ତୁରନ୍ତ ପ୍ରଭାବରୁ ରାଜ୍ୟସଭା ସଦସ୍ୟତାରୁ ଇସ୍ତଫା ଦେଉଛି। ଦୟାକରି ଏହାକୁ ଗ୍ରହଣ କରାଯାଉ। ମୋର କାର୍ଯ୍ୟକାଳ ମଧ୍ୟରେ ମିଳିଥିବା ସହଯୋଗ ପାଇଁ ମୁଁ ମାନ୍ୟବର ଉପବାଚସ୍ପତି ଓ ରାଜ୍ୟସଭା ସଚିବାଳୟର ସମସ୍ତ ଅଧିକାରୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି।

ଅପରପକ୍ଷରେ, ତୃଣମୂଳ କଂଗ୍ରେସ (ଟିଏମସି) ଏମପି ଶତ୍ରୁଘ୍ନ ସିହ୍ନା ଦଳଠୁ ଅଲଗା ହେବା ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ଗୁରୁବାର ସେ କହିଛନ୍ତି ଯେ ମମତା ବାନାର୍ଜୀ ତାଙ୍କ କଷ୍ଟକର ସମୟରେ ତାଙ୍କ ସହିତ ଠିଆ ହୋଇଥିଲେ ଏବଂ ସେ ତାଙ୍କୁ ପରିତ୍ୟାଗ କରିବେ ନାହିଁ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଟିଏମସି ଏମପି କହିଛନ୍ତି, ଗତ କିଛି ଦିନ ଧରି ମୋ ବିଷୟରେ ବହୁତ କଳ୍ପନାଜଳ୍ପନା ଚାଲିଛି। କେତେକ ସତ୍ୟ କହୁଛନ୍ତି, ଅନ୍ୟମାନେ ଗୁଜବ ପ୍ରଚାର କରୁଛନ୍ତି। କେତେକ ଦାବି କରିଛନ୍ତି ଯେ ମୁଁ ଏକ ତଥାକଥିତ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇଛି। ହଁ, ସ୍ୱଭାବତଃ, ମୁଁ ସର୍ବଦା ସ୍ପଷ୍ଟବାଦୀ। ମୁଁ ପ୍ରାୟତଃ କହେ ଯେ ଯଦି ସତ୍ୟ କହିବା ବିଦ୍ରୋହ ପରି ହୁଏ, ତେବେ ମୁଁ ଜଣେ ବିଦ୍ରୋହୀ। ମୁଁ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ ମମତା ମୋର କଠିନ ସମୟରେ ମୋ ସହିତ ଠିଆ ହୋଇଥିଲେ, ଏବଂ ଆଜି, ତାଙ୍କ କଠିନ ପର୍ଯ୍ୟାୟରେ, ମୁଁ ତାଙ୍କୁ ଏକା ଛାଡିପାରିବି ନାହିଁ।

## ପୁଣି ବନ୍ଦ ହେଲା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍

ନୂଆଦିଲ୍ଲୀ, ୧୦।୬: ଆମେରିକା ଓ ଇରାନ ମଧ୍ୟରେ ସାନି ଯୁଦ୍ଧ ଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଇରାନ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ବନ୍ଦ କରିବା ଲାଗି ଘୋଷଣା କରିଛି। ଇରାନର ଜଣେ ଶୀର୍ଷ ସାମରିକ କମାଣ୍ଡ ଗୁରୁବାର କହିଛନ୍ତି ଯେ, ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଉପରେ ଇରାନ୍ ଅବରୋଧ ଘୋଷଣା କରିଛି। କୌଣସି ତୈଳ ଟ୍ୟାଙ୍କର, ବାଣିଜ୍ୟିକ ଜାହାଜ କିମ୍ବା କୌଣସି ପ୍ରକାର ଜାହାଜ ଏହି ବାଟ ଦେଇ ଚଳାଚଳ କରିବା ଉପରେ କଟକଣା ଲଗା ଯାଇଛି। କଟକଣାକୁ ବିରୋଧକଲେ ଇରାନୀ ସେନାର ଗୁଳିର ସାମ୍ନା କରିବାକୁ ପଡ଼ିବ। ଆଇଆରଜିସି ଏକ ବିବୃତ୍ତିରେ କହିଛି ଯେ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ବିପଦ ଏବଂ ଆମେରିକାର ସାମରିକ ଆକ୍ରମଣ ପରେ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ତୈଳ ଟ୍ୟାଙ୍କର, ମାଲବାହୀ ଜାହାଜ ଏବଂ ଅନ୍ୟ ସମସ୍ତ ପ୍ରକାରର ସାମୁଦ୍ରିକ ଜାହାଜର ଗତିବିଧି ତୁରନ୍ତ ପ୍ରଭାବରୁ ବନ୍ଦ କରାଯାଇଛି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ନୌସେନା ଏବଂ ଆଇଆରଜିସି ନୌସେନା ମଧ୍ୟରେ ଗୁଳି ବିନିମୟ ହୋଇଛି। ଆଇଆରଜିସି ଦାବି କରିଛି ଯେ ଏହା ଏହାର ଅନୁମତି ବିନା ପ୍ରଣାଳୀକୁ ପରିବହନ କରିବାକୁ ଚେଷ୍ଟା କରୁଥିବା ଦୁଇଟି ଜାହାଜକୁ ଟାର୍ଗେଟ କରିଛି। ହର୍ମୁଜ ପ୍ରଣାଳୀକୁ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ବିଶ୍ୱର ତୈଳ ଏବଂ ଗ୍ୟାସର ଏକ ବଡ଼ ଅଂଶ ଏହି ସମୁଦ୍ର ପଥ ଦେଇ ଗତି କରେ। ତେଣୁ ଏହି ମାର୍ଗ ବନ୍ଦ ହେବା ଦ୍ୱାରା ଅନ୍ତର୍ଜାତୀୟ ତୈଳ ବଜାର ଏବଂ ବିଶ୍ୱ ବାଣିଜ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିପାରେ। କ୍ରମାଗତ ସାମରିକ ମୁକାବିଲା ପଶ୍ଚିମ ଏସିଆରେ ଉତ୍ତେଜନାକୁ ଆହୁରି ତୀବ୍ର କରିଛି।



## ଇସ୍ତଫା ଦେଲେ ବ୍ରିଟେନର ପ୍ରତିରକ୍ଷା ମନ୍ତ୍ରୀ



ଲଣ୍ଡନ, ୧୧।୬: ବ୍ରିଟେନର ପ୍ରତିରକ୍ଷା ମନ୍ତ୍ରୀ ଜନ୍ ହିଲି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ପ୍ରତିରକ୍ଷା ବଜେଟ୍ ଏବଂ ସାମରିକ ଖର୍ଚ୍ଚକୁ ନେଇ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଙ୍କ ସହ ହୋଇଥିବା ମତଭେଦ ପରେ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଆବଶ୍ୟକୀୟ ପାଣ୍ଠି ଯୋଗାଇବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଜନ୍ ହିଲି ବ୍ରିଟେନ୍ ସରକାରଙ୍କ ପ୍ରତିରକ୍ଷା ବିନିଯୋଗ ଯୋଜନାକୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ସାମରିକ ବିପଦ ବଢ଼ିବାରେ ଲାଗିଛି, କିନ୍ତୁ ବ୍ରିଟେନ ସରକାର ସେନା ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଦେଉନାହାନ୍ତି। ଏହି ପାଣ୍ଠି ଅଭାବ ଯୋଗୁଁ ୟୁକେ ର ସେନା ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ନାହିଁ । ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କୁ ଲେଖିଥିବା ଏକ ଚିଠିରେ ହିଲି ଦର୍ଶାଇଛନ୍ତି ଯେ, ସେ କେବେ ଏଭଳି ଚିଠି ଲେଖିବେ ବୋଲି ଭାବିନଥିଲେ, କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ଅନିଚ୍ଛା ସତ୍ତ୍ୱେ ସେ ଏହି ନିଷ୍ପତ୍ତି ନେଉଛନ୍ତି। ବିଶ୍ୱସ୍ତରରେ ବିପଦ ବଢୁଥିବା ସମୟରେ ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇବାକୁ ଆପଣ (ପ୍ରଧାନମନ୍ତ୍ରୀ) ଅସମର୍ଥ ହୋଇଛନ୍ତି ଏବଂ ରାଜକୋଷ ମଧ୍ୟ ଏଥିପାଇଁ ଦୁର୍ବଳ। ଅପରପକ୍ଷରେ, ଆମ ପ୍ରତିରକ୍ଷା ବିଭାଗ ଉପରେ ଚାପ ଏବଂ ସହଯୋଗୀ ଦେଶଗୁଡ଼ିକ ପ୍ରତି ୟୁକେର ପ୍ରତିଶ୍ରୁତି କ୍ରମାଗତ ଭାବେ ବଢ଼ିବାରେ ଲାଗିଛି ବୋଲି ନିଜ ଚିଠିରେ ଲେଖିଛନ୍ତି ଜନ୍ ହିଲି।

## ପିଓକେରେ ପାକ୍ ସେନାର ଗୁଳିମାଡ଼, ମୃତ୍ୟୁ ସଂଖ୍ୟା ୫୩




ନୂଆଦିଲ୍ଲୀ, ୧୧।୬: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ରାୱଲକୋଟ୍‌ରେ ଏକ ଅତ୍ୟନ୍ତ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ନିଜର ମୌଳିକ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ହଜାର ହଜାର ନିରୀହ ନାଗରିକଙ୍କ ଉପରେ ପାକିସ୍ତାନୀ ସେନା ଓ ରେଞ୍ଜର୍ସ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏହି ବର୍ବରକାଣ୍ଡ ଯୋଗୁଁ ସମଗ୍ର ଅଞ୍ଚଳରେ ଭୟ ଓ ଆକ୍ରୋଶର ପରିବେଶ ସୃଷ୍ଟି ହୋଇଛି। ରକ୍ତରଞ୍ଜିତ ରାସ୍ତା, ଏବଂ ନିଜ ପ୍ରିୟଜନଙ୍କୁ ଖୋଜୁଥିବା ପରିବାରର ଆର୍ତ୍ତନାଦ ଶୁଣିବାକୁ ମିଳିଛି। କେବଳ ଏହି ଗୋଟିଏ ଘଟଣାରେ ୧୬ ଜଣ ପ୍ରଦର୍ଶନକାରୀ ପ୍ରାଣ ହରାଇଛନ୍ତି ଏବଂ ୩୭ ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି।

ଗତ ଶୁକ୍ରବାରଠାରୁ ଚାଲିଥିବା ଏହି ଜନ ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନରେ ଏପର୍ଯ୍ୟନ୍ତ ୫୩ ଜଣ ନିରୀହ ନାଗରିକ ଜୀବନ ହରାଇଲେଣି। ସେନାର ଏହି କ୍ରୂରତା ବିରୋଧରେ ସମଗ୍ର ପିଓକେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ସମ୍ପୂର୍ଣ୍ଣ ବଜାର ବନ୍ଦ ରହିବା ସହ ବଡ଼ ଧରଣର ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି। ହିଂସାର ଶିକାର ହୋଇଥିବା ପରିବାର ପାଇଁ ଲୋକେ ନ୍ୟାୟ ଦାବି କରୁଛନ୍ତି।

ରାୱଲକୋଟ୍‌ର ଇଦ୍‌ଗାହ ମୈଦାନରେ ପ୍ରାୟ ୬୦,୦୦୦ ରୁ ୭୦,୦୦୦ ସାଧାରଣ ଲୋକ ଏକାଠି ହୋଇ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରୁଥିଲେ। ଏହି ଭିଡ଼ ମଧ୍ୟରେ ବହୁ ସଂଖ୍ୟାରେ ମହିଳା, ଶିଶୁ ଏବଂ ବୃଦ୍ଧ ମଧ୍ୟ ସାମିଲ ଥିଲେ। ସେମାନଙ୍କର ଦାବି ଅତି ସାଧାରଣ। ସ୍ୱଳ୍ପ ମୂଲ୍ୟରେ ଅଟା ଏବଂ ଚାଉଳ ଯୋଗାଣ, ଶସ୍ତା ବିଦ୍ୟୁତ, ବଞ୍ଚିବା ପାଇଁ ଅନ୍ୟାନ୍ୟ ମୌଳିକ ସୁବିଧା ଓ ରାଜନୈତିକ ଅଧିକାର ପାଇଁ ସେମାନେ ଦାବି କରୁଛନ୍ତି।

କୌଣସି ପୂର୍ବ ଚେତାବନୀ ବିନା ପାକିସ୍ତାନୀ ସୁରକ୍ଷା ବଳ ହଠାତ୍ ଏହି ଭିଡ଼ ଉପରେ ଏକେ-୪୭ ରାଇଫଲ୍ ସାହାଯ୍ୟରେ ଆଖିବୁଜା ଗୁଳିମାଡ଼ କରିଥିଲା। ଭୟରେ ପ୍ରଦର୍ଶନକାରୀ ଦୌଡ଼ିଥିଲେ। ଏହି ଗୁଳିମାଡ଼ରେ ରାୱଲକୋଟରୁ ଛାତିଥରା ଚିତ୍ର ସାମ୍ନାକୁ ଆସିଛି। ଚାରିଆଡ଼େ

## ମହିଳାଙ୍କୁ ସୁପ୍ରିମକୋର୍ଟଙ୍କ ମର୍ଯ୍ୟାଦା

# ଗୃହିଣୀଙ୍କ ମାସିକ ଦରମା ୩୦ ହଜାର




ନୂଆଦିଲ୍ଲୀ, ୧୧।୬: ସଡ଼କ ଦୁର୍ଘଟଣାରେ ଜଣେ ଗୃହିଣୀଙ୍କ ମୃତ୍ୟୁ ମାମଲାରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ, ଜଣେ ଗୃହିଣୀ କେବଳ ଘର ସମ୍ଭାଳନ୍ତି ନାହିଁ, ବରଂ ସେ ମଧ୍ୟ ଦେଶ ଗଠନ ବା ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭାଗିଦାର। ସେମାନଙ୍କ ଘରୋଇ କାର୍ଯ୍ୟର ଅବଦାନ ସ୍ୱରୂପ କ୍ଷତିପୂରଣ ବାବଦକୁ ମାସିକ ଅନ୍ୟୂନ ୩୦,୦୦୦ ଟଙ୍କା ମିଳିବା ଉଚିତ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସଡ଼କ ଦୁର୍ଘଟଣା ମାମଲାରେ ଜଣେ ଗୃହିଣୀଙ୍କ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା ହେଲେ, ପରିବାରକୁ ମିଳୁଥିବା ଘରୋଇ ସେବାର କ୍ଷତିକୁ କ୍ଷତିପୂରଣର ଏକ ସ୍ୱତନ୍ତ୍ର କ୍ୟାଟେଗୋରୀ ଭାବେ ମାନ୍ୟତା ଦିଆଯିବ। ଅଦାଲତ ଏହି କ୍ଷତିର ସର୍ବନିମ୍ନ ମୂଲ୍ୟ ମାସିକ ୩୦,୦୦୦ ଟଙ୍କା ନିର୍ଦ୍ଧାରଣ କରିଛନ୍ତି।

ଜଷ୍ଟିସ ସଞ୍ଜୟ କରୋଲ ଏବଂ ଜଷ୍ଟିସ ଏନ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାର ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କରୋଲ କହିଛନ୍ତି, "ଗୃହିଣୀମାନଙ୍କ ଅବଦାନ କେବଳ ଚାରିକାନ୍ଥ ଭିତରେ ସୀମିତ ନୁହେଁ। ସେମାନେ ଆଗାମୀ ପିଢ଼ିର ଗଠନ ଏବଂ ସମାଜର ବିକାଶରେ ଅହରହ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ସେମାନଙ୍କୁ 'ନେସନ ବିଲ୍ଡର' ବା ରାଷ୍ଟ୍ର ନିର୍ମାତା ଭାବେ ଉଚିତ ସମ୍ମାନ ଓ ପରିଚୟ ମିଳିବା ଆବଶ୍ୟକ। ପରିବାରର ଯତ୍ନ, ପିଲାମାନଙ୍କ ପାଳନ-ପୋଷଣ ଓ ସଂସାର ଚଳାଇବା ଦ୍ୱାରା ଦେଶର ପ୍ରତ୍ୟକ୍ଷ ବିକାଶ ହୁଏ, ତେଣୁ ଏହି କ୍ଷତିକୁ କେବଳ ସାଙ୍କେତିକ ଭାବେ ଦେଖାଯାଇପାରିବ ନାହିଁ।

ଏହି ମାମଲାଟି ପଞ୍ଜାବର ଏକ ସଡ଼କ ଦୁର୍ଘଟଣା ସହ ଜଡ଼ିତ, ଯେଉଁଠି ୨୦୦୧ ମସିହାରେ 'ରେଶମା' ନାମକ ଜଣେ ମହିଳାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମୃତ ମହିଳାଙ୍କ ସ୍ୱାମୀ ଏବଂ ତିନି ପିଲା କ୍ଷତିପୂରଣ ପାଇଁ ଦାବି କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଦୁଃଖର ବିଷୟ ଏହି ମାମଲାଟି ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଭିନ୍ନ ଅଦାଲତରେ ପଡ଼ି ରହିଥିଲା। ମାମଲା ଏତେ ଦିନ ବିଳମ୍ବ ହେବା ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ସାଧାରଣତଃ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡ଼ିକର ସମାଧାନ ବର୍ଷେ ଭିତରେ ହେବା ଉଚିତ୍ ବୋଲି କୋର୍ଟ କହିଛନ୍ତି। ଏଥିସହ ସମସ୍ତ ହାଇକୋର୍ଟର ମୁଖ୍ୟ ବିଚାରପତିମାନଙ୍କୁ ଏଭଳି ମାମଲାର ନିୟମିତ ମନିଟରିଂ କରିବାକୁ କୋର୍ଟ ଅନୁରୋଧ କରିଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ଯାଞ୍ଚ



ବାରିପଦା,୧୧।୬ (ସଂଚାର ବ୍ୟୁରୋ) : ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୁଲିସ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ସୁରକ୍ଷା ଓ ଆଇନ-ଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି ନ ରହିବା ଉପରେ ଡିଜିପି ଗୁରୁତ୍ୱ ଦେଇଥିଲେ। ଭିଭିଆଇପି ସୁରକ୍ଷା ପ୍ରୋଟୋକଲ୍ର କଡ଼ା ଅନୁପାଳନ, ସମସ୍ତ ସୁରକ୍ଷା କର୍ମୀ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଏବଂ ଦାୟିତ୍ୱବୋଧ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ସମାବେଶ ସ୍ଥଳ, ହେଲିପ୍ୟାଡ୍, କାରକେଡ୍ ରୁଟ୍ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରିଥିଲେ ଡିଜିପି। ସମାବେଶରେ ବହୁସଂଖ୍ୟକ ଲୋକଙ୍କ ଉପସ୍ଥିତିର ସମ୍ଭାବନା ଥିବାରୁ ଭିଡ଼ ନିୟନ୍ତ୍ରଣ, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ସହ ସାମଗ୍ରିକ ସୁରକ୍ଷା ପରିଚାଳନାକୁ ଅଧିକ ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ ରହଣି ସ୍ଥାନ ଏବଂ ପୈତୃକ ଗ୍ରାମ ପରିଦର୍ଶନ କରି ସେଠାରେ ସୁରକ୍ଷା ବ୍ୟବସ୍ଥା, ଯୋଜନା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଜନସାଧାରଣଙ୍କ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟକଳାପ ଯଥାସମ୍ଭବ ପ୍ରଭାବିତ ନ ହେବା ପାଇଁ ଏକ ସୁବ୍ୟବସ୍ଥିତ ଟ୍ରାଫିକ ପରିଚାଳନା ଯୋଜନା ଓ ରୁଟ୍ ଚାର୍ଟ ପ୍ରସ୍ତୁତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ପାଇଁ ଗୁଇନ୍ଦା ବିଭାଗକୁ ସକ୍ରିୟ ରଖିବା, ସମଗ୍ର ଜିଲ୍ଲାରେ ପାଟ୍ରୋଲିଂ ବୃଦ୍ଧି କରିବା ଏବଂ ସମସ୍ତ ସନ୍ଦେହଜନକ ଗତିବିଧି ଉପରେ କଡ଼ା ନଜର ରଖିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ।

# ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ଚିଙ୍ଗୁଡ଼ି ରପ୍ତାନୀର ହବ୍ ହେବ ଓଡ଼ିଶା

**୨୦୩୬ ସୁଦ୍ଧା ସାମୁଦ୍ରିକ ରପ୍ତାନୀ ଆୟ ୫ ହଜାର କୋଟି ଟପିବ**




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ: ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ' ଓ 'ଓଡ଼ିଶା ଚିଙ୍ଗୁଡ଼ି ମିଶନ' ଶୀର୍ଷକ ରାଜ୍ୟସ୍ତରୀୟ ଅଂଶୀଦାର ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଉଦ୍ଘାଟନ କରି କହିଛନ୍ତି ଯେ ରାଜ୍ୟ ସରକାର ଏହି ଦୁଇଟିଯାକ ମିଶନକୁ ସଫଳ କରିବା ପାଇଁ ପ୍ରତିବଦ୍ଧ। ପୂର୍ବ ଭାରତର ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ଚିଙ୍ଗୁଡ଼ି ରପ୍ତାନୀର ହବ୍ ଭାବେ ଓଡ଼ିଶାକୁ ବିକଶିତ କରିବାକୁ ବିଭାଗର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।

ଓଡ଼ିଶାକୁ ଏକ ପ୍ରମୁଖ ବ୍ଲୁ ଇକୋନୋମି ତଥା ନୀଳ ଅର୍ଥନୀତି ଅଭିବୃଦ୍ଧି କେନ୍ଦ୍ର ଭାବେ ଗଢ଼ି ତୋଳାଯିବ। 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ' ଜରିଆରେ ବଙ୍ଗୋପସାଗରର ଗଭୀର ଏବଂ ଦୂର ସମୁଦ୍ରରେ ଥିବା ମତ୍ସ୍ୟ ସମ୍ପଦ ବିନିଯୋଗ ହେବ। ଏହାଦ୍ୱାରା ବାର୍ଷିକ ଅତିରିକ୍ତ ୨ ଲକ୍ଷ ମେଟ୍ରିକ ଟନ୍ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ସହିତ ୫୦ ହଜାରରୁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି ହେବ। ମତ୍ସ୍ୟଜୀବୀଙ୍କ ଆୟ ୨ ରୁ ୩ ଗୁଣ ବୃଦ୍ଧି ପାଇବ। ୨୦୩୬ ସୁଦ୍ଧା ବାର୍ଷିକ ସାମୁଦ୍ରିକ ରପ୍ତାନି ଆୟ ୫,୦୦୦ କୋଟିକୁ ବୃଦ୍ଧି ପାଇବ ବୋଲି ବିଭାଗୀୟ ମନ୍ତ୍ରୀ କହିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ୧୫୦ଟି ନୂତନ ଗଭୀର ସମୁଦ୍ର ଜାହାଜ ନିର୍ମାଣ; ୫୦୦ଟି ଯାନ୍ତ୍ରିକ ଡଙ୍ଗାର ଆଧୁନିକୀକରଣ; ପାରାଦୀପ, ଧାମରା, ଚାନ୍ଦିପୁର ଓ ଅସ୍ତରଙ୍ଗ ଭଳି ମତ୍ସ୍ୟ ବନ୍ଦରର ବିଶ୍ୱସ୍ତରୀୟ ଉନ୍ନତିକରଣ, ୧୦୩ଟି ମତ୍ସ୍ୟ ଅବତରଣ କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ଲକ୍ଷ୍ୟ ରହିଛି।

ନୀଳ ଅର୍ଥନୀତି ମାନଚିତ୍ରରେ 'ଓଡ଼ିଶା ଚିଙ୍ଗୁଡ଼ି ମିଶନ' କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ। ସୁପର-ଇଣ୍ଟେନ୍ସିଭ୍ (ଅତ୍ୟଧିକ ଘନତାଭିତ୍ତିକ) ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ମାଧ୍ୟମରେ ବାର୍ଷିକ ହେକ୍ଟର ପ୍ରତି ୩୦ରୁ ୪୦ ମେଟ୍ରିକ ଟନ୍ ଉତ୍ପାଦନ, ଚିଙ୍ଗୁଡ଼ି ଜାଆଁଳ ହାଚେରୀ, ଫିଡ୍ ମିଲ୍ ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରାଯିବ। ଓଡ଼ିଶାକୁ ଭାରତର ଶୀର୍ଷ ଚିଙ୍ଗୁଡ଼ି ଉତ୍ପାଦନକାରୀ ଓ ରପ୍ତାନିକାରୀ ରାଜ୍ୟରେ ପରିଣତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ଏହି କର୍ମଶାଳାରେ 'ରେସପନସିବଲ୍ ଆକ୍ୱାକଲ୍ଚର ଜୋନ୍ ପ୍ଲାନିଂ' ଏବଂ ଜିଓସ୍ପାସିଆଲ୍ ମ୍ୟାପିଂ ମାଧ୍ୟମରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଚାଷର ଉନ୍ନତି ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ଆଇସିଏଆର୍-ସିଆଇବିଏ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

**● ଓଡ଼ିଶାରେ ରାଜସ୍ଥାନ ପ୍ରତିନିଧି ଦଳ**

# ସହର ପରିବର୍ତ୍ତନ ମଡେଲ୍ର ଅଧ୍ୟୟନ



ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହଯୋଗରେ ଆୟୋଜିତ ଏକ ଅନୁଭୂତି ବିନିମୟ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜସ୍ଥାନ ଅର୍ବାନ ଡ୍ରିଙ୍କିଂ ୱାଟର,ସେରେଜ୍ ଆଣ୍ଡ ଇନ୍ଫ୍ରାଷ୍ଟ୍ରକ୍ଚର କର୍ପୋରେସନ୍ ଲିମିଟେଡ୍, ଜୟପୁରର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ସହରାଞ୍ଚଳ ବିକାଶ, ଜଳଯୋଗାଣ, ପରିମଳ ବ୍ୟବସ୍ଥାପନା ଓ ନାଗରିକ-କେନ୍ଦ୍ରିକ ଶାସନ ବ୍ୟବସ୍ଥାର ସଫଳ ମଡେଲଗୁଡ଼ିକର ଅଧ୍ୟୟନ କରିଛନ୍ତି।

ଗସ୍ତ ସମୟରେ ପ୍ରତିନିଧି ଦଳ ଭୁବନେଶ୍ୱର ଓ ପୁରୀର ବିଭିନ୍ନ ପ୍ରମୁଖ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେମାନେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି ଓଡ଼ିଶାର ସହର ଶାସନ ବ୍ୟବସ୍ଥା, ପରିମଳ ପରିଚାଳନା, ଜନସେବା ଆଦି ପଦକ୍ଷେପ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ଏହି ଅବସରରେ ସେମାନେ ଓଡ଼ିଶା ଅର୍ବାନ ଏକାଡେମୀଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀମତୀ ପାଢ଼ୀ ଓଡ଼ିଶାର ସହରାଞ୍ଚଳ ପରିବର୍ତ୍ତନର ଯାତ୍ରା ଓ ବିଭିନ୍ନ ଅଭିନବ ପଦକ୍ଷେପ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଶବ୍ୟାପୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶେଷକରି 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନ ମାଧ୍ୟମରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ମଡେଲ୍ ଭାବେ ପ୍ରତିଷ୍ଠିତ ହୋଇପାରିଛି। ରାଜସ୍ଥାନ ପ୍ରତିନିଧି ଦଳ ଓଡ଼ିଶାର ସହରାଞ୍ଚଳ ସେବା ପ୍ରଦାନ ବ୍ୟବସ୍ଥା, ନବୀନ ଚିନ୍ତାଧାରା ଓ ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ଉଚ୍ଚ ପ୍ରଶଂସା କରିଥିଲେ। ବିଶେଷକରି ଜଳଯୋଗାଣ, ପରିମଳ ବ୍ୟବସ୍ଥାପନା ଓ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଅନୁସରଣ କରୁଥିବା ବିଭିନ୍ନ ସଫଳ ମଡେଲକୁ ରାଜସ୍ଥାନରେ ପ୍ରୟୋଗ କରିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ।

ଏହି ଅବସରରେ ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିନିଧି ଦଳରେ ମୋହନ ଲାଲ ସାଇନି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ (ଜୟପୁର ଜୋନ୍), ମୁକେଶ କୁମାର ମୀଣା, ଅଧୀକ୍ଷଣ ଯନ୍ତ୍ରୀ (ପିଏମ୍ୟୁ, ଜୟପୁର), ଖେମରାଜ ମୀଣା, ଅଧୀକ୍ଷଣ ଯନ୍ତ୍ରୀ (ପିଏମ୍ୟୁ, ଜୟପୁର), ସତ୍ୟନାରାୟଣ ବର୍ମା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନାଥଦ୍ୱାରା), ଅମିତ ବର୍ମା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଜୟପୁର), ଅନିଲ ପଟିଦାର, ସହକାରୀ ଯନ୍ତ୍ରୀ (ଡୁଙ୍ଗରପୁର), ଅଶୋକ କୁମାର ବାନସିୱାଲ, ସହକାରୀ ଯନ୍ତ୍ରୀ (ବାଂସୱାରା), ସଞ୍ଜୁ ପୁନିଆ, କନିଷ୍ଠ ଯନ୍ତ୍ରୀ (ନୱାଲଗଡ଼) ଓ କୁଶ କୁମାର, କନିଷ୍ଠ ଯନ୍ତ୍ରୀ (ଯୋଧପୁର) ସାମିଲ ଥିଲେ।

**■ ଗୋପବନ୍ଧୁଙ୍କ ଦୃଷ୍ଟିରେ ଓଡ଼ିଶା ସମ୍ପର୍କିତ ଆଲୋଚନାଚକ୍ର**

# ଗୋପବନ୍ଧୁ ଥିଲେ ଜଣେ ଜନବାଦୀ ନେତା




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଗୋପବନ୍ଧୁ ଦାସ ଓଡ଼ିଶାରେ ଜଣେ ମାଟିର ମଣିଷ ଥିଲେ ଓ ଓଡ଼ିଶାର ଲୋକଙ୍କ ଦୁଃଖ ଦୈନ୍ୟ ବୁଝିଥିଲେ ଏବଂ ତାହାର ସମାଧାନ ଦିଗରେ ଜୀବନ ବ୍ୟାପୀ ସଂଗ୍ରାମ କରିଥିବା ଜଣେ ବାସ୍ତବ ଜନବାଦୀ ନେତା ବୋଲି ବିଶିଷ୍ଟ ସାହିତ୍ୟିକ ତଥା 'ନବପତ୍ର'ର ସମ୍ପାଦକ ଡ. ନଗେନ ଦାସ କହିଥିଲେ। ଭାରତର ଛାତ୍ର ଫେଡେରେସନ (ଏସଏଫଆଇ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗୋପବନ୍ଧୁଙ୍କ ଦୃଷ୍ଟିରେ ଓଡ଼ିଶା ଉପରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ. ନଗେନ ଦାସ କହିଥିଲେ ଯେ ଗୋପବନ୍ଧୁ ଦାସ ଖୁବ୍ ନିଦା ମଣିଷ ଥିଲେ। ତାଙ୍କର ଗୋଡ଼ ଦୁଇଟା ଓଡ଼ିଶା ଭିତରେ ପୋତାହୋଇଥିଲା, କିନ୍ତୁ ତାଙ୍କ ଆଖି ଦୁଇଟା ଓଡ଼ିଶା ଭିତରେ ସୀମିତ ନ ଥିଲା। ଗୋପବନ୍ଧୁ ଦାସ ସେତେବେଳର ଏକମାତ୍ର ବ୍ୟକ୍ତି ଯିଏ ଓଡ଼ିଶାକୁ ଭାରତବର୍ଷର ବୃହତ୍ତର ଭୂମିଟି ଉପରେ ଦେଖିବାକୁ ସମର୍ଥ ହୋଇଥିଲେ। ଗୋପବନ୍ଧୁଙ୍କ ଭଳି ବିବିଧ ପ୍ରତିଭାଧାରୀ ବ୍ୟକ୍ତି ଓଡ଼ିଶାରେ ବିରଳ। ଭାଷାଭିତ୍ତିକ ଆନ୍ଦୋଳନକୁ ସେ ଭାରତର ସ୍ୱାଧୀନତା ଆନ୍ଦୋଳନ ସହ ଯୋଡ଼ିବାରେ ସବୁଠାରୁ ଅଗ୍ରଗଣ୍ୟ ଥିଲେ। ଓଡ଼ିଶାର ସାହିତ୍ୟ, ରାଜନୀତି ଓ ଶିକ୍ଷାରେ ତାଙ୍କର ଅବଦାନ ମଧ୍ୟ ଖୁବ ମହତ୍ତ୍ୱପୂର୍ଣ୍ଣ। ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଏସଏଫଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ଗୋପବନ୍ଧୁଙ୍କୁ ଜଣେ ଦରଦୀ ନେତା ଭାବେ ଅଭିହିତ କରିଥିଲେ।

# ପୋଥିବିଜ୍ଞାନ କର୍ମଶାଳା ଉଦ୍ଯାପିତ

**■ ରାଜ୍ୟ ସଂଗ୍ରହାଳୟରେ କ୍ଷେତ୍ରୀୟ ଅନୁଶୀଳନ**




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଓଡ଼ିଆ ଭର୍ଚୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଦଶଦିନିଆ ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଆଜି ଉଦ୍ଯାପିତ ହୋଇଛି। କର୍ମଶାଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୨ ଜଣ ବିଦ୍ୟାର୍ଥୀ, ଗବେଷକ, ଅଧ୍ୟାପକ ଅଧ୍ୟାପିକା ଓ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ତତ୍ତ୍ୱଭିତ୍ତିକ ଆଲୋଚନା ହୋଇଥିଲା ଓ କ୍ଷେତ୍ରୀୟ ଅନୁଶୀଳନ ପାଇଁ ପ୍ରଶିକ୍ଷାର୍ଥୀମାନେ ରାଜ୍ୟ ସଂଗ୍ରହାଳୟ ଯାଇଥିଲେ। ମୁଖ୍ୟ ଅତିଥି ହିସାବରେ ଯୋଗଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଲେ ଯେ ପ୍ରଶିକ୍ଷାର୍ଥୀମାନେ ସଫଳ ଭାବରେ ପୋଥି ସଂଗ୍ରହ, ସୂଚୀକରଣ ଓ ପୁନର୍ଲିଖନ କାର୍ଯ୍ୟ କରି ଆମ ଜ୍ଞାନଭଣ୍ଡାରର ବିଶ୍ୱବ୍ୟାପୀ ପ୍ରସାରଣରେ ଭାଗୀଦାର ହେବେ। ଭବିଷ୍ୟତରେ ଭାଷା ସମୃଦ୍ଧି ଅଭିଯାନରେ ସମସ୍ତେ ସାମିଲ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଓଡ଼ିଆ ଭର୍ଚୁଆଲ ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ପୋଥିବିଜ୍ଞାନ କର୍ମଶାଳାରେ ସଫଳ ହୋଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମାନୁସ୍କ୍ରିପ୍ଟ ଆମ୍ବାସାଡର ଭାବେ ଅଭିହିତ କରି ଭବିଷ୍ୟତରେ ସେମାନଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ଅଧିବେଶନରେ ପୂର୍ବତନ କୁଳାଧିପତି ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରଭାତ କୁମାର ମହାପାତ୍ର, ପ୍ର. ହରେକୃଷ୍ଣ ମିଶ୍ର (ଶାନ୍ତି ନିକେତନ), ପ୍ର. ବ୍ରଜ କିଶୋର ସ୍ୱାଇଁ (ପୁରୀ) ପ୍ରମୁଖ ସଂସାଧନ ବକ୍ତା ଭାବରେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର, ଡ଼. ବିଭୂତି ଭୂଷଣ ମହାପାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। ପୋଥିବିଜ୍ଞାନ ସମ୍ପର୍କିତ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କର୍ମଶାଳା ସଂଯୋଜକ ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

**■ ସ୍ଲିପର ବସ୍ରେ ଡ୍ରାଇଭର ପାର୍ଟିସନ ଡୋର୍ ବିରୋଧରେ ଡ୍ରାଇଭ୍**

# ୭ ଦିନରେ ୩,୩୦୪ ବସ୍ ଯାଞ୍ଚ, ୩୮୯ ଇ-ଚାଲାଣ ଜାରି

କଟକ/ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ହ୍ରାସ ଓ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ଲକ୍ଷ୍ୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ହୋଇଥିଲା। ସ୍ଲିପର୍ ବସ୍ଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ଡ୍ରାଇଭର ପାର୍ଟିସନ୍ କବାଟ ବିରୋଧରେ ୭ ଦିନ ମଧ୍ୟରେ ମୋଟ ୩,୩୦୪ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୩୮୯ଟି ଚାଲାଣ ଜାରି ହୋଇଛି। କଟକ ଆର୍ଟିଓରେ ୨୮୭ଟି ବସ୍ ଯାଞ୍ଚ ହୋଇଥିବା ବେଳେ ଯାଜପୁରରେ ୨୪୧ଟି, ଗଞ୍ଜାମ ଆର୍ଟିଓରେ ୧୯୧ଟି, ରାଉରକେଲା ଆର୍ଟିଓରେ ୧୭୦ଟି, ସମ୍ବଲପୁର ଓ ଦେବଗଡ଼ରେ ୧୬୮ଟି ଲେଖାଏଁ ବସ୍ ଯାଞ୍ଚ ହୋଇଛି ଓ ଚଣ୍ଡିଖୋଲ ଆର୍ଟିଓରେ ୧୪୭ଟି ବସ୍ ଯାଞ୍ଚ କରାଯାଇଛି। କଟକରେ ନିୟମ ଉଲ୍ଲଙ୍ଘନ କରୁଥିବା ୬୦ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ନୟାଗଡ଼ରେ ୩୬ଟି, ଭୁବନେଶ୍ୱର-୨ ଆରଟିଓଙ୍କ ପକ୍ଷରୁ ଓ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ୨୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାଜପୁରରେ ୧୮ଟି ଏବଂ ସମ୍ବଲପୁର ଓ ମୟୂରଭଞ୍ଜରେ ୧୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଜାରି ରହିବ। ବସ୍ ମାଲିକମାନଙ୍କୁ ସଡ଼କ ସୁରକ୍ଷା ନିୟମକୁ ପ୍ରାଧାନ୍ୟ ଦେଇ ସୁରକ୍ଷା ନିୟମ ମାନି ଗାଡ଼ି ଚଳାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ମିଶନ ଶକ୍ତି ପକ୍ଷରୁ 'ପିଠା ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ରଜ ପର୍ବ ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାର ସହ ମହିଳା ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ପିଠା ଅନ ହ୍ୱିଲ୍ସ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୁଭଦ୍ରା ଶକ୍ତି ବଜାର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରଜ ଉପଲକ୍ଷେ ୬ଟି ସ୍ୱତନ୍ତ୍ର ଗାଡ଼ି - 'ପିଠା ଅନ ହ୍ୱିଲ୍ସ' ଆରମ୍ଭ କରିଥିଲେ।

ରଜ ପର୍ବ ଉପଲକ୍ଷେ ଏହି ଗାଡ଼ିଗୁଡ଼ିକ ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ଓଡ଼ିଶାର ପାରମ୍ପରିକ ପିଠା ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ର ମହିଳାମାନେ ଆରିସା, କାକରା, ମଣ୍ଡା, ଚକୁଳି, ପୋଡ଼ପିଠା ଆଦି ପାରମ୍ପରିକ ପିଠା ସହ ଦହିବରା, ବରା ଓ ଆଳୁଚପ୍ ଭଳି ବିଭିନ୍ନ ଜଳଖିଆ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରି କରିବେ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାର ସହ ଯୁବପିଢ଼ିଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ଏହି ପଦକ୍ଷେପ ଗ୍ରହଣ କରିଛି। ଏଥିସହ ଏସ୍ଏଚ୍ଜି ମହିଳାଙ୍କ ପାଇଁ ବଜାର ସଂଯୋଗ ସୁଦୃଢ଼ ହେବା ସହ ସେମାନଙ୍କ ଆୟବୃଦ୍ଧି ଓ ଉଦ୍ୟୋଗ ବିକାଶରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ରଜ ଉତ୍ସବର ଆନନ୍ଦକୁ ଦ୍ୱିଗୁଣିତ କରିବା ପାଇଁ ଜୁନ୍ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏସ୍ଆଇଆରଡି ପରିସରସ୍ଥିତ ସୁଭଦ୍ରା ଶକ୍ତି ବଜାରରେ ହସ୍ତତନ୍ତ ସାମଗ୍ରୀ ଉପରେ ୨୦+୧୦ ପ୍ରତିଶତ ସ୍ୱତନ୍ତ୍ର ରିହାତି ରହିଛି। ଏଠାରେ ଏସ୍ଏଚ୍ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ, ହସ୍ତକଳା, ମିଲେଟ୍ ଓ ଜୈବିକ ଉତ୍ପାଦର ବିସ୍ତୃତ ସମ୍ଭାର ଉପଲବ୍ଧ ରହିଛି।

**● ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ତଦନ୍ତ ଫାଇଲ ଚୋରି ପ୍ରସଙ୍ଗ**

# ଫାଇଲ୍ ଚୋରି ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର: ବିରଞ୍ଚି




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଗତ ୨୦୦୮ ଅଗଷ୍ଟ ୨୩ ପବିତ୍ର ଜନ୍ମାଷ୍ଟମୀ ଦିନ କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା। ବିଭିନ୍ନ ସମୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉପରେ ପୂର୍ବରୁ ମରଣାନ୍ତକ ଆକ୍ରମଣ କରାଯିବା ସତ୍ତ୍ୱେ ତାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଏହି ହତ୍ୟାକାଣ୍ଡ ସମୟରେ ମଧ୍ୟ ତତ୍କାଳୀନ ପୁଲିସ

**■ ବିଜେଡି କ୍ଷମତାରୁ ଯିବା ବେଳେ ଫାଇଲ ଚୋରି ହେଲା**

ପ୍ରଶାସନ ପକ୍ଷରୁ ତାଙ୍କୁ ଯେଭଳି ସୁରକ୍ଷା ଦିଆଯିବା କଥା, ତାହା ଦିଆଯାଇ ନ ଥିଲା। ଏପରିକି ଯେଉଁଦିନ ସ୍ୱାମୀଜୀଙ୍କ ହତ୍ୟା କରାଯାଇଥିଲା, ସେଦିନ ତାଙ୍କୁ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା। ଏଭଳି ଏକ ହୃଦୟ ବିଦାରକ ଘଟଣା ପରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଜଷ୍ଟିସ ଶରତ ମହାପାତ୍ରଙ୍କ କମିଶନ ବସିଥିଲା। ଜଷ୍ଟିସ ମହାପାତ୍ର ଏହି କମିଶନ୍ର ପରିଚାଳନା କରୁଥିବା ବେଳେ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା। ଏହାପରେ ଜଷ୍ଟିସ୍ ଏ.ଏସ୍.ନାଇଡୁ ଏହି କମିଶନର ଦାୟିତ୍ୱ ନେଇ ଏହାର ତଦନ୍ତ ଆଗକୁ ବଢ଼ାଇଥିଲେ। ପାଖାପାଖି ୮ ବର୍ଷ ପରିଶ୍ରମ କରିବା ପରେ ୨୦୧୬ ସେପେମ୍ବର ୧୬ରେ ଏହି କମିଶନ ତତ୍କାଳୀନ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ବିଜେପି ପକ୍ଷରୁ ବିଧାନସଭା ଭିତରେ ଓ ବାହାରେ ଏହି ରିପୋର୍ଟ ସାର୍ବଜନୀନ କରିବା ପାଇଁ ଦାବି ହୋଇଥିଲା। କିନ୍ତୁ ତତ୍କାଳୀନ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ୨୦୨୪ରେ ବିଜେପି ସରକାରକୁ ଆସୁଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଚୋରି କରି ନିଆଯାଇଥିଲା। ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ଥିଲା, ତାହାର ଉତ୍ତର ବିଜେଡି ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବା ଉଚିତ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

# ଜନତାଙ୍କ ବିଶ୍ୱାସ ହରାଇଛି ଓଡ଼ିଶାର ବିଜେପି ସରକାର: କଂଗ୍ରେସ

ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିବାକୁ ମାତ୍ର ଗୋଟିଏ ଦିନ ବାକି ଅଛି। ଜୁନ୍ ମାସ ୧୨ ତାରିଖ ଏ ସରକାର ପରମାୟୁ ୨ବର୍ଷ ଶେଷ ହେବ। କିନ୍ତୁ ଏ ଦୁଇ ବର୍ଷ ଭିତରେ ଓଡ଼ିଶାର କୌଣସି ପ୍ରାନ୍ତରେ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିଲା ନାହିଁ। ନିର୍ବାଚନ ପୂର୍ବରୁ ଯେଉଁ ସଂକଳ୍ପପତ୍ର ୨୧ଟି ବିନ୍ଦୁ ଉପରେ ବିଜେପି ଦଳ ରାଜ୍ୟବାସୀଙ୍କ ନିକଟରେ ସଂକଳ୍ପ କରିଥିଲେ. ସେସବୁ ସଂକଳ୍ପ କେବଳ ମିଛି ସଂକଳ୍ପ ଥିଲା ବୋଲି ଜଣାପଡ଼ିଗଲାଣି। ଆଜି ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଦେବାଶିଷ ନାୟକ ଓଡ଼ିଶାର ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ସାମ୍ବାଦିକମାନଙ୍କୁ କହିଛନ୍ତି। ଶ୍ରୀ ନାୟକ କହିଛନ୍ତି ରାଜ୍ୟରେ ଏବେ ଅରାଜକତା ବିଚରଣ କରୁଛି। ଘରୁ ବାହାରିବାକୁ ଭୟ ଲାଗୁଛି। ରାଜ୍ୟରେ ଭିଡ଼ହିଂସା ଓ ଘୃଣା ହିଂସା ବହୁ ପରିମାଣରେ ବୃଦ୍ଧି ପାଉଛି। ସରକାର କେବଳ ଆତ୍ମପ୍ରଚାରରେ ମାତିଛନ୍ତି ବୋଲି ସେ କହିଛନ୍ତି।




ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଆସନ୍ତା ୧୨ ତାରିଖ ଡବଲ ଇଞ୍ଜିନ୍ ସରକାରକୁ ୨ ବର୍ଷ ପୂରିବ। ଏ ସରକାର ପାଖରେ ଦୁଇ ବର୍ଷର ପୂର୍ତ୍ତି ପାଳନ କରିବା ପାଇଁ କୌଣସି ଉପଲବ୍ଧି ନାହିଁ। ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ଖୋଦ ପ୍ରଧାନମନ୍ତ୍ରୀ ରାଜ୍ୟର ଦାୟିତ୍ୱ ନିଜେ ନେବେ ଓ ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟ କରିବେ ବୋଲି ଭରସା ଦେଇଥିଲେ। କିନ୍ତୁ ଦୁଇ ବର୍ଷ ଭିତରେ ଦେଶରେ ଓଡ଼ିଶା ମହିଳାମାନଙ୍କ ପ୍ରତି ହେଉଥିବା ସଙ୍ଗୀନ ଅତ୍ୟାଚାରରେ ପ୍ରଥମ ରାଜ୍ୟରେ ମାନ୍ୟତା ପାଇଛି। ଏ ଦୁଇ ବର୍ଷ ଭିତରେ ପ୍ରତିଦିନ ୧୫ ଜଣରୁ ଅଧିକ ମହିଳାଙ୍କ ପ୍ରତି ସଙ୍ଗୀନ ଅପରାଧ ଘଟୁଛି। ଏପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ପ୍ରତିଦିନ କେଉଁଠି ନା କେଉଁଠି ଘଟିଚାଲିଛି। ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ନିମ୍ନ ସ୍ତରକୁ ଚାଲିଯାଇଛି। ଓଡ଼ିଶା ଆଜି ସାରା ବିଶ୍ୱରେ ଏଥିପାଇଁ ଘୋର ଅପମାନିତ ଓ ନିନ୍ଦିତ ହୋଇଛି, ଏହା କ'ଣ ଡବଲ ଇଞ୍ଜିନ ସରକାର ଉପଲବ୍ଧି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଏହି ଦୁଇ ବର୍ଷର ଶାସନ ସମୟରେ ରାଜ୍ୟରେ ୨୦ ହଜାର ୬୩ ଜଣ ମହିଳା ନିଖୋଜ ଅଛନ୍ତି ଓ ୬ ହଜାର ୨୨୩ ଜଣ ଅପ୍ରାପ୍ତ ବୟସ୍କ ପିଲାମାନେ ନିଖୋଜ ଅଛନ୍ତି। ତନ୍ମଧ୍ୟରୁ ୮୭ ପ୍ରତିଶତ କେବଳ ଅପ୍ରାପ୍ତ ବୟସ୍କା ଝିଅମାନେ ଅଛନ୍ତି। ରାଜ୍ୟରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ବହୁ ପରିମାଣରେ ବୃଦ୍ଧ ପାଇଛି। ଏହି ଦୁଇ ବର୍ଷ ଭିତରେ ଏ ସରକାର ୪୦ ହଜାର କୋଟିରୁ ଅଧିକ ଋଣ କରିସାରିଲେଣି। ରାଜ୍ୟରେ ମୁଣ୍ଡପିଛା ଋଣ ଆଜି ୩୦ ହଜାର ଟଙ୍କାକୁ ପହଞ୍ଚିଗଲାଣି। ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମୁଦାୟ ଋଣ ୧ ଲକ୍ଷ ୬୦ ହଜାର କୋଟିରେ ପହଞ୍ଚିବ। ରାଜ୍ୟରେ ଆୟ ଦ୍ରୁତ ଗତିରେ ହ୍ରାସ ପାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ଆୟ ଶତକଡା ୩.୫ ପ୍ରତିଶକୁ କମିଯାଇଛି। ଏ ସରକାର ଅମଳରେ ବାଲି ଚୋରି, ଖଣି ଚୋରି, ଜମି ଚୋରି ଦ୍ରୁତ ଗତିରେ ଚାଲିଛି। ତଥାପି ସରକାର କହୁଛନ୍ତି ବିକାଶର ଧାରା ଆଗେଇ ଚାଲିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

# ଗାଁରେ ସ୍ୱଦେଶୀ ବିହନ ବ୍ୟାଙ୍କ୍ କରିବାକୁ ପରାମର୍ଶ




ଭୁବନେଶ୍ୱର,୧୧।୬-(ତଥ୍ୟ) ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ଖାଉଟିଙ୍କ ସ୍ୱାସ୍ଥ୍ୟରକ୍ଷା ଲାଗି ଗାଁରେ ଗାଁରେ ସ୍ୱଦେଶୀ ବିହନ ବ୍ୟାଙ୍କ୍ ସୃଷ୍ଟି କରାଯିବା ଆବଶ୍ୟକ। କର୍ଣ୍ଣାଟକରେ ସ୍ୱଦେଶୀ ବିହନ ବ୍ୟାଙ୍କ୍ ମାଧ୍ୟମରେ କୋଟି କୋଟି ଟଙ୍କାର କାରବାର କରୁଥିବା 'ସହଜ ସମୃଦ୍ଧ' ସଂଗଠନର ପ୍ରତିଷ୍ଠାତା କ୍ରିଷ୍ଣା ପ୍ରସାଦ ଆଜି ଏଠାରେ ଏହା କହିଛନ୍ତି।

ବିଶିଷ୍ଟ ପରିବେଶବିତ୍ ତଥା ସ୍ୱଦେଶୀ ବିହନ ସଂରକ୍ଷଣର ଅଗ୍ରଧାବକ ପ୍ରଫେସର ରାଧାମୋହନଙ୍କ ସ୍ମୃତି ଦିବସରେ ଭିତ୍ତିଭାଷଣ ପ୍ରଦାନ କରିବା ଲାଗି ନିମନ୍ତ୍ରିତ ହୋଇ ଆସିଥିବା କ୍ରିଷ୍ଣା ପ୍ରସାଦ କହିଛନ୍ତି ଯେ ହାଇବ୍ରିଡ୍ ବିହନର ରୋଗ ପ୍ରତିରୋଧକ ଶକ୍ତି ଢେର କମ୍। ଏହି ବିହନରୁ ଯେଉଁ ଗଛ ସୃଷ୍ଟି ହେଉଛି ସେଗୁଡ଼ିକ ମଧ୍ୟ ଅତିବୃଷ୍ଟି ଓ ଅଳ୍ପବୃଷ୍ଟିଜନିତ ପରିସ୍ଥିତିକୁ ମୁକାବିଲା କରିପାରୁନାହାନ୍ତି। ମାନବୀୟ କ୍ରୁର କାର୍ଯ୍ୟକଳାପ ପାଇଁ ଭାରତ ସମେତ ସମଗ୍ର ବିଶ୍ୱରେ ତାପମାତ୍ରା ବଢୁଛି ଓ ଏଥିଯୋଗୁଁ ଋତୁଚକ୍ରରେ ମଧ୍ୟ ପରିବର୍ତ୍ତନ ଆସୁଛି। ଏହି ପରିପ୍ରେକ୍ଷୀରେ ଗ୍ରୀଷ୍ମର ପ୍ରାବଲ୍ୟ ବର୍ଷରେ ସର୍ବାଧିକ ସମୟ ରହୁଥିବା ବେଳେ ବର୍ଷା ଓ ଶୀତଋତୁ କମି କମି ଆସୁଛି ଓ ଶରତ, ବସନ୍ତ ଓ ହେମନ୍ତ ଭଳି ଋତୁଗୁଡ଼ିକ ସେମାନଙ୍କ ସତ୍ତା ହରାଇସାରିଲେଣି।

ଦେଶର ଜନସଂଖ୍ୟା ବଢ଼ି ଚାଲିଥିବା ପରିପ୍ରେକ୍ଷୀରେ ହାଇବ୍ରିଡ୍ ବିହନ ମାଧ୍ୟମରେ ଖରିଫ ଓ ରବି ଋତୁରେ ଚାଷକୁ ଦୀର୍ଘବର୍ଷ ଧରି ଉତ୍ସାହିତ କରି ଅତ୍ୟଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ମାଟିର ଉର୍ବରତା ନଷ୍ଟ ହୋଇ ଚାଲିଛି ଏବଂ ଏ ପ୍ରକାର ଚାଷରୁ ଉତ୍ପାଦିତ ହେଉଥିବା ଶସ୍ୟ, ପନିପରିବା, ଫଳମୂଳ ଆଦି ବ୍ୟବହାର କରି ଲୋକେ ମଧ୍ୟ ବିଭିନ୍ନ କିସମର ରୋଗରେ ପଡୁଛନ୍ତି।

ପୁରୁଣା ଦେଶୀ ବିହନ ମାଧ୍ୟମରେ ଚାଷ ଉପରେ ଏବେ ଓଡ଼ିଶା ସମେତ ପ୍ରାୟ ସବୁ ରାଜ୍ୟର ସରକାର ଏବଂ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଲୋପ ପାଇଯାଉଥିବା ବିଭିନ୍ନ କିସମର ଦେଶୀ ବିହନଗୁଡ଼ିକର ସଂରକ୍ଷଣ ଓ ସମ୍ପ୍ରସାରଣର ଢେର୍ ଆବଶ୍ୟକତା ରହିଛି। ପୂର୍ବରୁ ଦେଶୀ ବିହନଗୁଡ଼ିକ ମାଧ୍ୟମରେ ହେଉଥିବା ଚାଷ ସମୟରେ ଛୋଟ ଛୋଟ ପ୍ରାକୃତିକ ବିପତ୍ତି ଯୋଗୁଁ ଚାଷୀ ବିଶେଷ କ୍ଷତିଗ୍ରସ୍ତ ହେଉନଥିଲେ। ଏମିତିକି କେତେକ କିସମର ଚାଉଳ, ଗହମ, ପନିପରିବା, ଫଳମୂଳ ଆଦିରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହୁଛି। କେତେକ କିସମର ଚାଉଳରେ ୧୪ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋଟିନ୍ ଥିବା ଜଣାପଡ଼ିଛି। ଏସବୁକୁ ଆଖି ଆଗରେ ରଖି 'ସହଜ ସମୃଦ୍ଧ' ସଂଗଠନ କର୍ଣ୍ଣାଟକର ବ୍ୟାପକ ଅଞ୍ଚଳରେ ସ୍ୱଦେଶୀ ବିହନ ବ୍ୟାଙ୍କ୍ ପ୍ରତିଷ୍ଠା କରି ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଛି ଏବଂ ଏଥିଯୋଗୁଁ ଚାଷୀମାନଙ୍କ ରୋଜଗାର ବି ବଢୁଛି।

କୃଷି ସହ ପରିବେଶ ଜଡ଼ିତ ଥିବାରୁ ଜଙ୍ଗଲ ସଂରକ୍ଷଣ, ଗ୍ରାମ ଓ ସହରାଞ୍ଚଳରେ ଚାରା ରୋପଣ, ଭୂତଳ ଜଳ ସଂରକ୍ଷଣ, ବାୟୁମଣ୍ଡଳର ତାପମାତ୍ରା ହ୍ରାସ, ଜଳ ପ୍ରଦୂଷଣ ରୋକିବା ଆଦିକୁ ଜନଆନ୍ଦୋଳନରେ ପରିଣତ କରାଯିବା ଆବଶ୍ୟକ। ଏବେ ଆଲୋକ ପ୍ରଦୂଷଣ କୃଷି ଓ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ବଡ଼ ଆହ୍ୱାନ ଭାବେ ଉଭା ହେଉଛି ବୋଲି ଶ୍ରୀ ପ୍ରସାଦ କହିଛନ୍ତି। ସରକାରୀ ସ୍ତରରେ ଏହି ସମସ୍ୟା ଉପରେ ଆଲୋଚନା ଚାଲୁଥିବା ବେଳେ ଜନସାଧାରଣ ବ୍ୟବସ୍ଥାକୁ ଅପେକ୍ଷା ନ କରି ନିଜେ ନିଜର ଉତ୍ତରପୁରୁଷଙ୍କ ଭବିଷ୍ୟତ ପାଇଁ ସ୍ୱଦେଶୀ ବିହନ ସଂରକ୍ଷଣ ସହ ସ୍ୱଦେଶୀ, ସ୍ୱାବଲମ୍ବନ ଓ ପର୍ଯ୍ୟାବରଣ ନେଇ ନିଜ ନିଜ ସ୍ତରରେ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। (ତଥ୍ୟ)

**ସରକାରୀ ମାଲ୍ ଦରିଆମେଁ ଡାଲ**

# ହାତ ମାରିଦେଲେ ଝଡ଼ିପଡୁଛି କଂକ୍ରିଟ୍ ଢଲେଇ

## ସରିବାକୁ ବସିଲାଣି କାର୍ଯ୍ୟ, ଦେଖାନାହିଁ ସୂଚନା ଫଳକ



ଡେରାବିଶ,୧୧।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ କରାଣ୍ଡିଆ ମାଇନର କେନାଲ୍‌ରେ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ଠାରୁ ହରିଅଙ୍କ ପଞ୍ଚାୟତର ପାଣିଓଳା-୨ ଯାଏ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଚାଲିଛି। ଦୀର୍ଘମାସ ହେବ ଏହି କାର୍ଯ୍ୟ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ କେଉଁ ବିଭାଗ ଏହି ନିର୍ମାଣ କରୁଛି, କେଉଁ ଠିକାସଂସ୍ଥା ଦ୍ୱାରା ଏହା କରାଯାଉଛି, ଏହି ନିର୍ମାଣର ଡିଜାଇନ୍, ପ୍ରକଳ୍ପର ବ୍ୟୟ ଅଟକଳ, ଆବଶ୍ୟକ ସାମଗ୍ରୀ, ନିର୍ମାଣର ଆରମ୍ଭ ଓ ଶେଷ ତାରିଖ, ପରବର୍ତ୍ତୀ ରକ୍ଷଣାବେକ୍ଷଣ ସମ୍ପର୍କରେ ସର୍ବସାଧାରଣଙ୍କ ପାଇଁ କୌଣସି ସୂଚନା ଫଳକ ଅଦ୍ୟାବଧି ମରାଯାଇ ନାହିଁ। ଏହି ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଠିକାଦାର ଜଣକ ମନମୁଖି କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ନିର୍ମାଣ ସମୟରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନରହିବା, କଂକ୍ରିଟ ଢଲେଇ ବ୍ୟବହାର ହେଉଥିବା ବାଲି, ଗୋଡ଼ି ଓ ସିମେଣ୍ଟର ଆନୁପାତିକ ଭାଗ ନିମ୍ନମାନର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଢଲେଇ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଭାଇବ୍ରେଟର ବଦଳରେ ବାଉଁଶ ଖୋବା ବ୍ୟବହାର କରାଯାଉଥିବାରୁ ଢଲେଇର ଉଭୟ ପାର୍ଶ୍ୱରେ ବଡ଼ବଡ଼ ହନିକମ୍ବ ଦୃଶ୍ୟମାନ ହେଉଛି। ଏହାକୁ ଲୁଚାଇବା ପାଇଁ ଠିକାଦାର ଜଣକ ବନ୍ଧ ପଟରେ ସଙ୍ଗେ ସଙ୍ଗେ ମାଟି ଭରିଦେଇ ଲୁଚାଉଥିବାବେଳେ କେନାଲ୍‌ର ଭିତର ପଟରେ ଗାତ ଗୁଡ଼ିକୁ ପ୍ଲାଷ୍ଟର କରି ଲୁଚାଇ ଦେଉଛନ୍ତି। ପୂର୍ବରୁ କଂକ୍ରିଟ୍ କାଢର ବହୁସ୍ଥାନରେ ସିମେଣ୍ଟ ଲାଗିନଥିବା ଗୋଡ଼ି କଂକ୍ରିଟ୍ ଭିତରେ ଦେଖିବାକୁ ମିଳିଥିବା ବେଳେ ଏବେ ଏହି କାର୍ଯ୍ୟରେ ଏଗ ଗୁରୁତୁର ତ୍ରୁଟିକୁ ଗ୍ରାମବାସୀମାନେ ଧରିଛନ୍ତି। ବହୁ ସ୍ଥାନରେ ଶୁଖିଯାଇଥିବା କଂକ୍ରିଟ୍‌କୁ ହତ ମାରିଦେଲେ ଖଣ୍ଡଖଣ୍ଡ ହୋଇ ଛାଡ଼ିଯାଉଛି। ଏତେ ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଘଟଣାରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରାକୁ ସ୍ପଷ୍ଟ ଇଙ୍ଗିତ କରୁଛି। ସାଧାରଣ ଲୋକମାନେ ସରକାରୀ ମାଲ ଦରିଆମେ ଡାଲ ଘଟଣା ଘଟୁଥିବା ନେଇ ଆଲୋଚନା କରୁଛନ୍ତି। ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏହି ଗୁରୁତର ତ୍ରୁଟିପ୍ରତି ଦୃଷ୍ଟିଦେଇ ସଠିକ୍ ନିର୍ମାଣ କାର୍ଯ୍ୟ କରାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବୃଦ୍ଧାଙ୍କ ଘର ଛପର କରାଇ ଦେଉନାହିଁ ତହସିଲ୍ ପିଅନ



କେନ୍ଦ୍ରାପଡ଼ା,୧୧।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଅଧିକାରୀ ମାନଙ୍କର ପ୍ରଭାବ ଥିବାବେଳେ ରାଜକନିକା ତହସିଲ୍‌ରେ କାର୍ଯ୍ୟରତ ଥିବା ଜଣେ ପିଅନଙ୍କର ପ୍ରଭାବ ଏତେ ପରିମାଣରେ ବଢ଼ିଯାଇଛି ଯେ କାଳ ବୈଶାଖୀରେ ଜଣେ ବୃଦ୍ଧାଙ୍କର ଉଡିଯାଇଥିବା ଘର ଛପରକୁ ପୁନର୍ବାର ଛପର କରି ଦେଉନଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ରାଜକନିକା ବ୍ଲକ ଅନ୍ତର୍ଗତ ତେରେଣପଡ଼ା ଗ୍ରାମର ସାରଦା ଦାସଙ୍କ ଘର ଶହେ ବର୍ଷ ପୁରୁଣା ହୋଇଥିବାରୁ କାଳ ବୈଶାଖୀରେ ଏହା ଭାଙ୍ଗିରୁଜି ଯାଇଥିବାରୁ ଘର ଉପରେ ଆଜବେଷ୍ଟସ ପକାଇବା ପାଇଁ କାମ କରୁଥିବା ସମୟରେ ତସହିଲ୍‌ର ପିଅନ କାଳିପ୍ରସାଦ ଦାଶ ଏହାକୁ ବିରୋଧ କରିବାରୁ ଏହି ଅସହାୟ ବୃଦ୍ଧାଜଣଙ୍କର ଘର ଛପର କରିପାରୁନାହାଁନ୍ତି। ଜୀବନର ଅନ୍ତିମ ସମୟରେ ଏହି ବୃଦ୍ଧାଜଣକ ଖୋଲା ଆକାଶତଳେ ବର୍ଷା ଖରାରେ ଜୀବନ କାଟୁଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ରାଜକନିକା ତହସିଲଦାରଙ୍କୁ ତୁରନ୍ତ ଏହାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଡ୍ରାଇଭର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କେନ୍ଦ୍ରାପଡ଼ା,୧୧।୬ (ସଂଚାର ବ୍ୟୁରୋ): ଓଡ଼ିଶା ଡ୍ରାଇଭର ମହାସଂଘ କେନ୍ଦ୍ରାପଡ଼ା ଶାଖା ତରଫରୁ ଏକ ୬ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଡ୍ରାଇଭର ମହାସଂଘ ତରଫରୁ ଶ୍ରୀ ବଳଦେବଜୀଉ ରଥଦାଣ୍ଡ ଇଚ୍ଛାପୁରଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟରେ ପହଁଚି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବିପତ୍ର ଥିବା ଦାବି ଗୁଡିକ ମଧ୍ୟରେ ଓଡ଼ିଶା ମଟର ଟ୍ରାନ୍ସପୋର୍ଟ ଡ୍ରାଇଭର୍ ଏବଂ ୱାର୍କର ଫ୍ୱେଲ୍‌ଆର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ୍ କରାଯାଉ, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ୍ କରାଯାଉ। ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ। ପ୍ରତ୍ୟେକ ୧୦୦ କିଲୋମିଟର ଅନ୍ତରରେ ଗାଡି ରଖିବା ପାଇଁ ଏବଂ ଡ୍ରାଇଭରଙ୍କ ବିଶ୍ରାମ ଓ ଶୌଚ ହେବାପାଇଁ ବ୍ୟବସ୍ଥା କରାଯାଉ। ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡିକରେ ଶତକଡା ୭୦ ପ୍ରତିଶତ ଓଡ଼ିଶାର ଡ୍ରାଇଭରଙ୍କୁ କାମ କରିବା ପାଇଁ ଅଧିକାର ଦିଆଯାଉ। ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ। ଏହି ଦାବି ଗୁଡିକୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଏଣୁ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ତରଫରୁ ଆଗାମୀ ୯୦ ଦିନ ମଧ୍ୟରେ ଯଦି ଏହି ଦାବିଗୁଡିକ ପୂରଣ କରାନଗଲେ ସମସ୍ତ ଡ୍ରାଇଭର ସମାଜ ଆନ୍ଦୋଳନ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ରଞ୍ଜନ ମହାନ୍ତିଙ୍କ ସହ ଜ୍ଞାନପ୍ରିୟା ସାହୁ, ପ୍ରକାଶ ଦାସ, ଅମୁଲ୍ୟ ବେହେରାଙ୍କ ସମେତ ଶତାଧିକ ଡ୍ରାଇଭର୍ ଉପସ୍ଥିତ ଥିଲେ।

**ବିଏମ୍‌ସିର ପ୍ଲାଷ୍ଟିକ ବୋତଲ ସଂଗ୍ରହ ଅଭିଯାନ**

## ରିସାଇକ୍ଲିଂ ପାଇଁ ହିନ୍ଦୁସ୍ତାନ କୋକା-କୋଲା ସହ ଏମଓୟୁ




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ): ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ପାଇଁ ବିଏମ୍‌ସି ପକ୍ଷରୁ ଗୁରୁବାରଠାରୁ ପେଟ୍ ବୋତଲ (ପ୍ଲାଷ୍ଟିକ ବୋତଲ) ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ବିଏମ୍‌ସି ଓ ହିନ୍ଦୁସ୍ତାନ କୋକା-କୋଲା ମଧ୍ୟରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉପଲକ୍ଷେ ଗୁରୁବାର ସକାଳେ ଜାଗମରାସ୍ଥିତ ଫୁଡ୍‌କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ହିନ୍ଦୁସ୍ତାନ କୋକା-କୋଲା ରାଷ୍ଟ୍ରୀୟ ମୁଖ୍ୟ ତୁଷାର ପଟ୍ଟନାୟକଙ୍କ ସହ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଓ ୨୦୨୬ରେ ପରବର୍ତ୍ତୀ ସଂଶୋଧନକୁ କାର୍ଯ୍ୟକାରୀ କରିବାର ଏକ ଅଂଶ ଭାବରେ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀର ବ୍ୟବସ୍ଥିତ ସଂଗ୍ରହ, ସଜାଡ଼ିବା, ରିସାଇକ୍ଲିଂ ଓ ସୁରକ୍ଷିତ ନଷ୍ଟିକରଣ ପାଇଁ ବିଏମ୍‌ସି ପ୍ରତିଦିନ ଘରକୁ ଘର ଯାଇ ବର୍ଜ୍ୟବସ୍ତୁ ସଂଗ୍ରହ କରି ଆସୁଛି। ସଂଗ୍ରହ ଯାନରେ ପୃଥକ କମ୍ପାର୍ଟମେଣ୍ଟର ବ୍ୟବସ୍ଥା ରହିଛି। ବାଣିଜ୍ୟିକ କ୍ଷେତ୍ରରୁ ଦିନକୁ ଦୁଇଥର ବର୍ଜ୍ୟ ସଂଗ୍ରହ କରାଯାଉଛି। ସଂଗୃହିତ ବର୍ଜ୍ୟବସ୍ତୁ ଏମ୍‌ଆରଏଫ୍ କେନ୍ଦ୍ରଗୁଡ଼ିକରେ ସଜାଡ଼ି ଦିଆଯାଏ ଏବଂ ଅଧିକୃତ ତାଲିକାଭୁକ୍ତ ସଂସ୍ଥାକୁ ପଠାଯାଏ। ବଜାର ଅଞ୍ଚଳ, ଭେଣ୍ଡିଂ ଜୋନ୍ ଇତ୍ୟାଦି ଉପରେ ଧ୍ୟାନ ଦେଇ ନିୟମିତ ଭାବରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ରବର୍ତ୍ତନ କରାଯାଏ।

## ବାଇକ୍- ସ୍କୁଟି ଧକ୍କାରେ ସାମ୍ବାଦିକ ଗୁରୁତର

ଡେରାବିଶ,୧୧।୬ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଛକରେ ଆଜି ସନ୍ଧ୍ୟାରେ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ଦୁଇଜଣ ଯୁବକ ଗୁରୁତର ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଯୁବକଙ୍କ ମଧ୍ୟରୁ ଜଣେ ଯୁବ ସାମ୍ବାଦିକ ପ୍ରସନ୍ନ କୁମାର ଧଳ ଓ ଅନ୍ୟଜଣଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁସାରେ ନିଉଜ୍ ସଂଗ୍ରହ କରିବା ପାଇଁ ପ୍ରସନ୍ନ ବେଲାରପୁର ଛକରୁ ସଦାନନ୍ଦପୁର ଅଭିମୁଖେ ତାଙ୍କ ସ୍କୁଟି ଯୋଗେ ଯାଉଥିବା ବେଳେ ସମ୍ମୁଖପଟରୁ ଦ୍ରୁତଗତିରେ ଏକ ପଲସରରେ ଆସୁଥିବା ତିନିଜଣ ଯୁବକ ପ୍ରସନ୍ନଙ୍କୁ ଧକ୍କା ଦେଇଥିଲେ। ଫଳରେ ପଲସର ଚାଳକ ଯୁବକ ଓ ପ୍ରସନ୍ନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଛି। ଡେରାବିଶ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

## ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୧।୬ (ସଂଚାର ବ୍ୟୁରୋ): ଆସନ୍ତା ଜୁନ୍ ୨୧ ତାରିଖରେ ପାଳନ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସକୁ ସଫଳ ଓ ବ୍ୟାପକ ଭାବେ ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ। ଆନ୍ତର୍ଜାତୀୟ ଯୋଗ ଦିବସକୁ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଯୋଗ ପ୍ରଦର୍ଶନୀ ଏବଂ ସାମୁହିକ ଯୋଗାଭ୍ୟାସ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆଇ.ଆର୍. ଯୋଗର ଉପକାରୀତା ସମ୍ପର୍କରେ ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରିବା ସହିତ ଆନ୍ତର୍ଜାତୀୟ ଯୋଗ ଦିବସକୁ ଏକ ଜନ ଆନ୍ଦୋଳନ ରୂପ ଦେବାପାଇଁ ସମସ୍ତଙ୍କର ସକ୍ରୀୟ ସହଭାଗିତା ଉପରେ ଆଲୋକପାତ କରିଥିଲେ। ସମସ୍ତ ସମ୍ପୃକ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା**

## ଫେରାର ପୁରୁଷ ବନ୍ଧୁଙ୍କୁ ସାହାଯ୍ୟ କଲେ ହେବ କାର୍ଯ୍ୟାନୁଷ୍ଠାନ: ଡିସିପି

କଟକ, ୧୧।୬(ସଂଚାର ବ୍ୟୁରୋ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ବର୍ତ୍ତମାନ ସୁଦ୍ଧା ପୁରୁଷ ବନ୍ଧୁ ଫେରାର ରହିବା ମାମଲାକୁ ଆହୁରି ଜଟିଳ କରିଦେଇଛି। ତେବେ ଏନେଇ ପ୍ରତିକ୍ରିୟା ରଖିଛନ୍ତି କଟକ ଡିସିପି ଋଷିକେଶ ଡି. ଖିଲାରୀ। ସେ କହିଛନ୍ତି ଯେ, ଡାକ୍ତରୀ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଫେରାର ହେବାରେ ସାହାଯ୍ୟ କଲେ କାର୍ଯ୍ୟାନୁଷ୍ଠାନ ହେବ। ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନଙ୍କୁ ଭୀମସେନଙ୍କୁ କେହି ଆଶ୍ରୟ ଦେଲେ କିମ୍ବା ଫେରାର ହେବାରେ ସାହାଯ୍ୟ କଲେ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି। ଚନ୍ଦ୍ରିକାଙ୍କ ପୋଷ୍ଟମର୍ଟମ ରିପୋର୍ଟ ସମ୍ପର୍କରେ କହିଛନ୍ତି ଯେ, ଚନ୍ଦ୍ରିକାଙ୍କୁ ହତ୍ୟା କରାଯାଇଥିବା ନେଇ ରିପୋର୍ଟରେ ପ୍ରମାଣ ନାହିଁ। ସେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି।

## ବନଖଣ୍ଡ ଅଧିକାରୀଙ୍କୁ ବଦଳି

କଟକ,୧୧।୬(ସଂଚାର ବ୍ୟୁରୋ): ଦୀର୍ଘବର୍ଷ ଧରି ବଦଳିକୁ ଆଡ଼େଇ ରହିଥିବା ଫରେଷ୍ଟରମାନଙ୍କୁ ସ୍ଥାନାନ୍ତରିତ କରିଛନ୍ତି ଅନୁଗୁଳ ବନମଣ୍ଡଳ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁ ଓ ଆଠଗଡ ନୂତନ ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର।

ଆଠଗଡ଼ ବନଖଣ୍ଡରେ ଥିବା ଫରେଷ୍ଟରମାନଙ୍କୁ ଆଠଗଡ ବନଖଣ୍ଡରୁ ଅନ୍ୟ ବନଖଣ୍ଡକୁ ବଦଳି କରାଯାଇଛି। ଆଠଗଡ ବନଖଣ୍ଡ ଫରେଷ୍ଟର ଆଶିଷ ନାଏକଙ୍କୁ କଟକ ବନଖଣ୍ଡ, ତିଗିରିଆ ସେକ୍ସନ ଫରେଷ୍ଟର ପ୍ରଶାନ୍ତ କୁମାର ପରିଡାଙ୍କୁ ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନ, ଖୁଣ୍ଟୁଣୀର ଫରେଷ୍ଟର ସରୋଜ କୁମାର ପଣ୍ଡାଙ୍କୁ ଅନୁଗୁଳ ବନଖଣ୍ଡ, ଖୁଣ୍ଟୁଣୀ ନିଧିପୁର ସେକ୍ସନର ଫରେଷ୍ଟର ସୁଶାନ୍ତଚନ୍ଦ୍ର ଲେଙ୍କାଙ୍କୁ ଅନୁଗୁଳ କେନ୍ଦୁପତ୍ର ଡିଭିଜନକୁ ବଦଳି କରାଯାଇଛି।

## ହୁରାସାହିରେ ଶବଦାହ ଗୃହ ନିର୍ମାଣ ଦାବି



କେନ୍ଦ୍ରାପଡ଼ା ,୧୧।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗଳପୁର ପଞ୍ଚାୟତର ହୁରାସାହି ଗ୍ରାମରେ ଶବଦାହ ଗୃହ ନଥିବାରୁ ସ୍ଥାନୀୟ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୃତବ୍ୟକ୍ତିଙ୍କର ଶବଦାହ କାର୍ଯ୍ୟ ସମୟରେ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେବା ସହିତ ସାମାଜିକ ମର୍ଯ୍ୟାଦା ସହିତ ଶବ ଦାହ କାର୍ଯ୍ୟ କରିବାରୁ ବଞ୍ଚିତ ହେଉଛନ୍ତି। ବର୍ଷା ଓ ଖରାଦିନ ଶବ ନେଇ ଯାଉଥିବା ଶ୍ମଶାନକୁ ଶବଦାହ ଗୃହ ନଥିବାରୁ ଲୋକମାନେ ଖରା ଓ ବର୍ଷାରେ ଛିଡା ହେବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଏଠାରେ ଶବଦାହ ଗୃହ ନିର୍ମାଣ କରିବା ପାଇଁ ସରପଞ୍ଚଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଓଡ଼ିଶା ଜନତା କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ

କଟକ,୧୧।୬(ସଂଚାର ବ୍ୟୁରୋ): ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଓଡ଼ିଶା ଜନତା କଂଗ୍ରେସ କଟକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜେଲରୋଡ଼ସ୍ଥିତ ନେତାଜୀ ମ୍ୟୁଜିୟମ୍ ଗେଟ ନିକଟରୁ ଏକ ବିଶାଳ ରାଲି ବାହାରି ଡିଜିପି ଅଫିସ ଅଭିମୁଖେ ଯାତ୍ରା କରିଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦଳ ଏକ ଦାବିପତ୍ର ପ୍ରଦାନ କରିଛି। ଦଳର ସଭାପତି ମହମ୍ମଦ ମୋକିମ କହିଛନ୍ତି ଯେ, ରାଜ୍ୟର ସବୁ ପୁଲିସ ଥାନାରେ ସାଧାରଣ ଲୋକେ ନ୍ୟାୟ ପାଉ ନାହାନ୍ତି। ଥାନା ଅଧିକାରୀ ଲୋକଙ୍କ କଥା ଶୁଣୁ ନାହାନ୍ତି କି ଅଭିଯୋଗ ରଖୁ ନାହାନ୍ତି। ଫଳରେ ଶାସନ ବ୍ୟବସ୍ଥା ପୂରା ଢିଲା ହୋଇଯାଇଛି। ସରକାର ଅପରାଧ ନିୟନ୍ତ୍ରଣ ରୋକିବା ସହ ଥାନାଗୁଡିକରେ ବ୍ୟାପକ ବ୍ୟବସ୍ଥା କରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବାକୁ ଓଡିଶା ଜନତା କଂଗ୍ରେସ ପାର୍ଟି ଦାବି କରିଛି।

## ବିଦେଶୀ ଫଳ, ଚାଷୀ ଆଗ୍ରହୀ

ଭୁବନେଶ୍ୱର,୧୧।୬: ବିଦେଶୀ ଫଳ ଓ ପନିପରିବା ଚାଷକରି ଅଧିକ ଲାଭ ପାଇବାକୁ ଓଡିଶାର ଚାଷୀ ଆଗ୍ରହୀ ହେଉଛନ୍ତି। ଚାଷୀଙ୍କ ଆଗ୍ରହକୁ ଦେଖି ରାଜ୍ୟ ସରକାର ମଧ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ଯୋଗାଇ ଦେଉଛନ୍ତି। ବିଦେଶୀ ଫଳ ମଧ୍ୟରେ ଏବେ ରାଜ୍ୟରେ ଡ୍ରାଗନ ଫ୍ରୁଟ ସମେତ ଷ୍ଟ୍ରବେରୀ, ଆପଲ ବେରି ବହୁଳ ଭାବେ ଚାଷ କରାଯାଉଛି। ସେହିଭଳି ଚାଷୀମାନେ ଥାଇଲାଣ୍ଡ, ଜାପାନ ଆଦି ଦେଶରେ ଉତ୍ପାଦିତ ହେଉଥିବା ଦାମୀ ଆମ୍ବ ଚାରା ଆମଦାନୀ କରି ଚାଷ କରୁଛନ୍ତି। ପନିପରିବା ମଧ୍ୟରେ ବ୍ରୋକୋଲି ଠାରୁ ଆରମ୍ଭ କରି କ୍ୟାପିସ୍‌କମ୍, ରଙ୍ଗିନ କୋବି ଆଦିର ବେଶ୍ ବଜାର ଚାହିଦା ଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉଭୟ ରାଜ୍ୟ ଭିତରେ ଓ ବିଦେଶରେ ଡ୍ରାଗନ୍‌ଫ୍ରୁଟର ବେଶ୍ ଚାହିଦା ଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ରାଜ୍ୟର ୨୫ଟି ଜିଲ୍ଲାରେ ୧୦୭ ହେକ୍ଟର ଜମିରେ ଡ୍ରାଗନଫ୍ରୁଟ୍ ଚାଷ ହେଉଥିବାବେଳେ ବାର୍ଷିକ ୭୨୫ ମେଟ୍ରିକ ଟନ୍ ଉତ୍ପାଦନ ହେଉଛି। ଏହାର ଏକ ବଡ ଅଂଶ ବିଦେଶକୁ ରପ୍ତାନି କରାଯାଉଛି। ସବୁଠାରୁ ଅଧିକ ବଲାଙ୍ଗିରରେ ୩୧ ହେକ୍ଟର ଜମିରେ ଏହି ଚାଷ ହେଉଥିବାବେଳେ ଢେଙ୍କାନାଳରେ ୧୭ ହେକ୍ଟର. କୋରାପୁଟରେ ୧୦ ହେକ୍ଟର, କନ୍ଧମାଳରେ ୭ ଓ କଟକ ଜିଲ୍ଲାରେ ପ୍ରାୟ ୬ ହେକ୍ଟର ଜମିରେ ଡ୍ରାଗନଫ୍ରୁଟ୍ ଚାଷ କରାଯାଉଛି। ସେହିଭଳି ଓଡିଶାରେ ଚାଷ ହେଉଥିବା ଷ୍ଟ୍ରବେରୀର ମଧ୍ୟ ଦେଶ ଓ ବିଦେଶରେ ଭଲ ଚାହିଦା ରହିଛି। ବିଶେଷକରି ଜୈବିକ ଉପାୟରେ ହେଉଥିବା ଏହି ଚାଷ ବେଶ୍ ଲାଭଜନକ ହୋଇଛି। ଓଡିଶାର ପ୍ରାୟ ଶହେ ହେକ୍ଟର ଜମିରେ ଷ୍ଟ୍ରବେରୀ ଚାଷ ହେଉଛି। କେବଳ କୋରାପୁଟ ଜିଲ୍ଲାରେ ୩୨ ହେକ୍ଟର ଜମିରେ ଷ୍ଟ୍ରବେରୀ ଚାଷ ହେଉଥିବାବେଳେ ଏଠାରୁ ଉତ୍ପାଦିତ ଫଳ ବିଦେଶକୁ ରପ୍ତାନି ହେଉଛି। ଏହାବାଦ୍ ଓଡିଶାରେ ଚାଷ ହେଉଥିବା ଆମ୍ବ ମଧ୍ୟ ଚଳିତବର୍ଷ ବିଦେଶକୁ ରପ୍ତାନି ହୋଇଥିବାବେଳେ ରାଜ୍ୟରେ ଫଳୁଥିବା ସୁବର୍ଣ୍ଣରେଖା କିସମର ଆମ୍ବକୁ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ୍ କି ବାତ୍‌ରେ ପ୍ରଶଂସା କରିବାପରେ ଏହାର ଚାହିଦା ବେଶ୍ ବଢି ଯାଇଛି। ପନିପରିବା ମଧ୍ୟରେ ଏବେ ବିଦେଶୀ ପରିବା ବ୍ରୋକୋଲି, କ୍ୟାପ୍‌ସିକମ୍ ସହ ରଙ୍ଗିନ କୋବି ଆଦିର ଢେର ଚାହିଦା ରହିଛି। ରାଜ୍ୟ ଭିତରେ ଭଲ ବିକ୍ରିବଟା ହେବା ସହ ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନିର ସୁଯୋଗ ଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି। ତେବେ ଓଡ଼ିଶା ଏବେ କ୍ୟାପସିକମ୍ ଚାଷର ଅନ୍ୟତମ ହବ୍ ହୋଇଛି। ରାଜ୍ୟର ପ୍ରାୟ ୭୭୦ ହେକ୍ଟର ଜମିରେ ଏହି ଚାଷ ହେଉଥିବା ବେଳେ ବାର୍ଷିକ ୧୦ହଜାର ଟନ୍‌ରୁ ଅଧିକ ଉତ୍ପାଦିତ ହେଉଛି। ସେହିଭଳି ରାଜ୍ୟର କେତେକ ଅଞ୍ଚଳରେ ରଙ୍ଗିନ୍ କ୍ୟାପସିକମ୍ ସହ ରଙ୍ଗିନ ଫୁଲକୋବି ଓ ବନ୍ଧାକୋବି ଉତ୍ପାଦିତ ହେଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବୋଦୟ ମିଶନରେ...

ପ୍ରାରମ୍ଭିକ ଶିଶୁ ବିକାଶ କ୍ଷେତ୍ରରେ ରାଜ୍ୟ ସରକାର 'ଆମ କୁନି ପିଲା', 'ସୁଖଦ ଲାଳନପାଳନ', 'ଆମେ ପଢ଼ିବା ଆମ ଭାଷାରେ', 'ମୋ ବିକାଶ ପତ୍ର' ଏବଂ 'ଆରୋହଣ' ପରି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହନ ଦେଉଛି। ସେହିପରି କୃତ୍ରିମ ବୁଦ୍ଧିମତାର ସହାୟତାରେ ଶିଶୁ-କୈନ୍ଦ୍ରିକ ଶିକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥା ବିକାଶ କରାଯିବ ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟରେ ୪୪,୮୭୫ଟି ଶିଶୁ ବାଟିକା ଶ୍ରେଣୀଗୃହ ଆରମ୍ଭ ହୋଇଥିବା ବେଳେ ୩.୧୭ ଲକ୍ଷ ଶିଶୁ ଏହାର ସୁବିଧା ପାଉଛନ୍ତି। 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା' ଅଧୀନରେ ନବମ ଓ ଦଶମ ଶ୍ରେଣୀର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ 'ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ଓ ବାଳିକାଙ୍କ ସଶକ୍ତିକରଣ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଯୁବପିଢ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ଆଇଟିଆଇଗୁଡ଼ିକର ଆଧୁନିକୀକରଣ କରାଯାଉଛି। ୧୦ଟି ସରକାରୀ ଆଇଟିଆଇକୁ 'ଉତ୍କର୍ଷ ଆଇଟିଆଇ'ରେ ପରିଣତ କରାଯାଉଥିବା ବେଳେ ୨୫ଟି ଆଇଟିଆଇରେ ଉଦୀୟମାନ କ୍ଷେତ୍ର ପାଇଁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ କରାଯିବ। ବିଶ୍ୱ କୌଶଳ କେନ୍ଦ୍ରର ସମ୍ବଲପୁର ଓ ବ୍ରହ୍ମପୁରରେ ନୂତନ କ୍ୟାମ୍ପସ ସ୍ଥାପନ ପାଇଁ ଯୋଜନା ରହିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଗ୍ରହଣ କରାଯାଇଥିବା ବେଳେ ୧.୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସହ ଯୋଡ଼ାଯାଇଛି। ସେମିକଣ୍ଡକ୍ଟର ଓ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ପାଠ୍ୟକ୍ରମ ମଧ୍ୟ ଆରମ୍ଭ ହେଉଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ପ୍ରତିଷେଧକ, ପ୍ରୋତ୍ସାହନମୂଳକ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ୨.୨୮ କୋଟି ଲୋକ ଯୋଗ ଓ ସୁସ୍ଥତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ୨୮.୧୧ ଲକ୍ଷ ଟେଲି-ପରାମର୍ଶ ଏବଂ ୭୩.୪୬ ଲକ୍ଷ ଲୋକ ଆରୋଗ୍ୟ ଶିବିରର ସୁବିଧା ପାଇଛନ୍ତି।

### କାଠଗଡ଼ାରେ ବିରୋଧୀ...

ସେପଟେ ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ ମଧ୍ୟ ନିଜ ପ୍ରଶାସନିକ ଅଭିଜ୍ଞତା ଆଧାରରେ କହିଛନ୍ତି ଯେ କୌଣସି ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଗଠିତ ତଦନ୍ତ କମିଶନ ସାଧାରଣତଃ ନିଜର ତଦନ୍ତ ରିପୋର୍ଟର ଦୁଇରୁ ତିନୋଟି କପି ଦାଖଲ କରିଥାନ୍ତି। ଗୋଟିଏ କପି ଗୃହ ବିଭାଗ ପାଖକୁ ଯାଉଥିବା ବେଳେ ଅନ୍ୟ ଏକ କପି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ସିଏମ୍‌ଓକୁ ପଠାଯାଏ। ତେଣୁ କେବଳ ଗୋଟିଏ କପି ହଜିଗଲେ ସମ୍ପୂର୍ଣ୍ଣ ରିପୋର୍ଟ ଗାଏବ ହେବା କଥାକୁ ସହଜରେ ଗ୍ରହଣ କରାଯାଇପାରିବ ନାହିଁ। ଏପଟେ ଗତକାଲି ଥାନାରେ ଏତଲା ପରେ ଆଜି ପୁଲିସ ଆକ୍ସନ ମୋଡ୍‌କୁ ଆସିଛି। ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତା ଲୋକସେବା ଭବନ ଯାଇ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ ପ୍ରାୟ ୩୦ ମିନିଟ୍ ଧରି ପଚରାଉଚରା କରିଥିଲେ। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଦୁଇଟି କମିଶନ ରିପୋର୍ଟ ହଜିବା ଘଟଣା ପାଇଁ ଜଣେ ଏସିପି ଓ ଦୁଇ ଜଣ ଆଇଆଇସିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି।

### ଧର୍ମାନ୍ତରୀକରଣ...

କିଏସବୁ ଏହା ପଛରେ ଥିଲେ ଏବଂ କେମିତି ଭବିଷ୍ୟତରେ ଏପରି ଘଟଣା ଘଟିବନି, ସେନେଇ ହଜାରେରୁ ଅଧିକ ପୃଷ୍ଠାର ତଥ୍ୟ ରିପୋର୍ଟରେ ଥିଲା। ଏବେ ରିପୋର୍ଟ ଚୋରିକୁ ନେଇ ଯେଉଁ ଅଭିଯୋଗ ହେଉଛି, ତାକୁ ନେଇ ବି ପ୍ରତିକ୍ରିୟା ରଖିଛନ୍ତି ଜଷ୍ଟିସ୍ ନାଇଡୁ। ରିପୋର୍ଟ ଚୋରି ହୋଇ ନ ଥିବ, କେଉଁଠି ରହିଯାଇଥିବା କାରଣ ରିପୋର୍ଟକୁ ଚୋରି କରି କେହି କିଛି ବି ଲାଭ ପାଇବେ ନାହିଁ ବୋଲି ସେ କହିଛନ୍ତି।

### ନିଟ୍ ପରୀକ୍ଷାର୍ଥୀଙ୍କୁ...

ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ, କ୍ରୁଟ୍ ଓ ଉଚ୍ଚଶିକ୍ଷା ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

### ଡବଲ ଇଞ୍ଜିନରେ...

ସହାୟତା ମିଳିଛି। ବଡ଼ ଅନୁଭୂତି ଭାବେ ବୃତ୍ତିଗତ ଶିକ୍ଷାରେ ଅନୁସୂଚିତ ଜନଜାତି ପାଇଁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ପାଇଁ ୧୬.୨୫ ପ୍ରତିଶତ ଓ ପ୍ରଥମ ଥର ପାଇଁ ସାମାଜିକ ଅର୍ଥନୈତିକ ଦୁର୍ବଳ ବର୍ଗ (ଏସଇବିସି) ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ୪୪୮୭୫ ଶିଶୁ ବାଟିକା ମାଧ୍ୟମରେ ୩.୨ ଲକ୍ଷ ଶିଶୁ ଉପକୃତ ହୋଇଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବଦ୍ୟାଳୟ ଯୋଜନାରେ ୧୨ ହଜାର କୋଟି ବିନିଯୋଗରେ ୨୨୦୦ ବିଦ୍ୟାଳୟର ସୁଦୃଢ଼ୀକରଣ ପାଇଁ ପରିକଳ୍ପନା କରାଯାଇଛି। ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୨ ବର୍ଷରେ ୩.୨୨ ଲକ୍ଷ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ସେହିଭଳି ଏହି ସମୟରେ ରାଜ୍ୟରେ ଶିଳ୍ପର ବିକାଶ ଗତି ଧରିଛି। ୩.୬ ଲକ୍ଷ କୋଟି ପୁଞ୍ଜିନିବେଶରେ ୩୪ ପ୍ରକଳ୍ପ ମାଧ୍ୟମରେ ୨ ଲକ୍ଷ ୫୨ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ୧୭ ହଜାର କୋଟି ବିନିଯୋଗରେ ୯ ହଜାର କିମି ରାସ୍ତା ଓ ୫୭ଟି ସେତୁ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୫ ଲକ୍ଷ ପରିବାରକୁ ପକ୍କା ଘର ମିଳିଛି।

### ଦୁଇ ଫାଳ ହୋଇଯିବ...

ପୂରଣ ସତ୍ତ୍ୱେ ମୁଖ୍ୟ ବିରୋଧୀ ଦଳ ବିଜେଡିରେ ତୃଣମୂଳ କଂଗ୍ରେସ ଭଳି ଅବସ୍ଥା ଉପୁଜିନାହିଁ, କିନ୍ତୁ ବିଜେପି ତାହାର ବଙ୍ଗ ଅଭିଯାନ ପରେ କଳିଙ୍ଗ ଅଭିଯାନ ଚଳାଇ ବିଜେଡିର ଅବସ୍ଥା ତୃଣମୂଳ ଭଳି କରିଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ବର୍ତ୍ତମାନ ସୁଦ୍ଧା ବିଜେଡିର ତିନି ଜଣ ସାଂସଦଙ୍କ ସମେତ ଅନେକ ଟାଣୁଆ ନେତା ବିଜେପି ଶିବିରରେ ସାମିଲ ହୋଇଥିବା ବେଳେ ବିଧାୟକ ଦଳରେ କିନ୍ତୁ ଫାଟ ସୃଷ୍ଟି ହୋଇନାହିଁ। ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡିରେ ଯେଭଳି ଦଳୀୟ କନ୍ଦଳ ତୀବ୍ର ହେବାରେ ଲାଗିଛି ଓ ନେତାମାନେ ପରସ୍ପରର ଚେର କାଟୁଛନ୍ତି, ସେଥିରେ ଅତିଷ୍ଠ କିଛି ବିଧାୟକ ବିକଳ୍ପ ସନ୍ଧାନରେ ରହିଛନ୍ତି। ସୁଯୋଗ ପାଇଲା ମାତ୍ରେ ଏମାନେ ନିଜ ନିଜର ଚେଲାଚାମୁଣ୍ଡାଙ୍କୁ ଧରି ଡିଆଁ ମାରିବେ। ଇତିମଧ୍ୟରେ ବିଜେଡି ନେତୃତ୍ୱକୁ ଚ୍ୟାଲେଞ୍ଜ କରି ୬ ଜଣ ବିଧାୟକ ଗତ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରି ଦଳରୁ ନିଲମ୍ବିତ ହୋଇଛନ୍ତି। ଏହି ଘଟଣାରେ ଯଦିଓ ବିଜେପି ଛୋଟକାଟର ଅପରେସନ କରିଥିଲା, କିନ୍ତୁ ତାହା ଦିଲ୍ଲୀପ ରାୟଙ୍କ ନାଁରେ ଯାଇଥିଲା। ଦଳ ଇତିମଧ୍ୟରେ ଦେଶର ଅନ୍ୟତମ ଆଞ୍ଚଳିକ ଦଳ ଶିବସେନାର ଅବସ୍ଥା ବି ତୃଣମୂଳ ପରି କରିବା ପାଇଁ ଗୋଟି ଚାଳନା ଆରମ୍ଭ କରିଛି। ଯଦିଓ ବିଜେପି ନେତାମାନେ ବର୍ତ୍ତମାନ ସୁଦ୍ଧା କଳିଙ୍ଗ ଅଭିଯାନ ପାଇଁ ସେଭଳି କୌଣସି ପଦକ୍ଷେପ ନେଇନାହାନ୍ତି, କିନ୍ତୁ ଆଗକୁ ଏଭଳି ଘଟିବାର ସୂଚନା ପାଇବା ପରେ ବିଜେଡିର ବରିଷ୍ଠ ନେତାମାନେ ଏବେଠାରୁ ଗଡ଼ ଜଗିବା ଆରମ୍ଭ କରିଥିବା ଦଳ ଭିତରେ ଆଲୋଚନା ଜୋର୍ ଧରିଛି।

### ଜୀବନ ପାଇଁ କୂଅ...

ସହ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ତୁଳସୀରାମଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଏହି ଖବର ଜାଣିବା ପରେ ଉକ୍ତ ଘଟଣାକୁ ନେଇ ପୁଲିସ ତା'ର ତଦନ୍ତ ଆରମ୍ଭ କରିଛି। ତେବେ ୩ ଦିନ ତଳେ ତୁଳସୀରାମ ନିଖୋଜ ହୋଇଥିବା ନେଇ ପଦ୍ମପୁର ଥାନାରେ ଏକ ଏତଲା ଦିଆଯାଇଥିଲା ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି।

### ଦୁର୍ଗା ନାୟକ...

ଚାମେଲି ଓଝା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ନେଇ ବ୍ଲକର ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଭେଟିବାକୁ ଯାଇଥିଲେ। ସାଙ୍ଗରେ ତାଙ୍କ ଭାଇ ମଧ୍ୟ ଥିଲେ। ତେବେ ଦାବି ଜଣାଇବା ସମୟରେ ଚାମେଲି ତମାମ ଘଟଣାକୁ ନିଜ ମୋବାଇଲ ଫୋନ୍‌ରେ ରେକର୍ଡିଂ କରିଥିଲେ, ଯାହାକୁ ଶାସକ ଦଳର କିଛି କର୍ମୀ ବିରୋଧ କରିଥିଲେ। କିଛି ସମୟ ପାଇଁ ଏହି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ପରେ ମହାକାଳପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାମେଲିଙ୍କୁ ଭିଡିଓ ରେକର୍ଡିଂ ବନ୍ଦ କରିବାକୁ କହିଥିଲା। ହେଲେ ଭିଡିଓ କରିବା ତାଙ୍କର ସାମ୍ବିଧାନିକ ଅଧିକାର ଓ ତାଙ୍କ ମୋବାଇଲ୍ ସେ କାହିଁକି ଦେବେ ବୋଲି ଚାମେଲି ପ୍ରଶ୍ନ କରିଥିଲେ। ପରେ ଚାମେଲି ବ୍ଲକ୍ ପରିସରରୁ ବାହାରିବା ସମୟରେ ତାଙ୍କ ଭାଇଙ୍କୁ ପୁଲିସ ଅଟକାଇବା ସହ ଥାନାକୁ ନେବାକୁ ପ୍ରୟାସ କରିଥିଲା। କେଉଁ ଆଧାରରେ ତାଙ୍କ ଭାଇକୁ ଅଟକାଯାଉଛି ଓ ଥାନାକୁ ନେବାକୁ କୁହାଯାଉଛି, ସେ ସମ୍ପର୍କରେ ପୁଲିସକୁ ସେ ଜବାବ ମାଗିଥିଲେ। ଘଟଣାସ୍ଥଳରେ ପହଞ୍ଚିଥିଲେ ମହାକାଳପଡ଼ା ଥାନାଧିକାରୀ ମାନସ ମଲ୍ଲିକ। ସେ ଚାମେଲିଙ୍କ ସହ କଥା ହେବା ପରେ କାହିଁକି ଏଠାରେ ଉତ୍ତେଜନା ସୃଷ୍ଟି କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। କିଛି ସମୟ ପାଇଁ ଚାମେଲି ଓ ଶ୍ରୀ ମଲ୍ଲିକଙ୍କ ମଧ୍ୟରେ ମଧ୍ୟ କଥା କଟାକଟି ହୋଇଥିଲା। ଶେଷରେ ଚାମେଲିଙ୍କ ଭାଇଙ୍କୁ ପୁଲିସ ଥାନାକୁ ଉଠାଇନେବା ପରେ ଚାମେଲିଙ୍କୁ ମଧ୍ୟ ଥାନାକୁ ନେଇଯାଇଥିଲା। ଥାନାରେ ସେ କିଛି ସମୟ ରହିବା ପରେ ତାଙ୍କୁ ହଠାତ୍ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେଉଥିବା ସେ କହିଥିଲେ। ପୁଲିସ କର୍ମଚାରୀ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଯାଇଥିବା ଓ ତାଙ୍କୁ ଆକ୍ରମଣ କରିଥିବା ମଧ୍ୟ ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ପରେ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ ଚାମେଲିଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ସରକାରୀ କାର୍ଯ୍ୟାରେ ବାଧା ସୃଷ୍ଟି କରିବା, ଦୁର୍ବ୍ୟବହାର ଓ ସରକାରୀ କାର୍ଯ୍ୟାଳୟରେ ବେଆଇନ ଭିଡିଓ ରେକର୍ଡିଂ କରିବା ଅଭିଯୋଗରେ ଚାମେଲିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଚିକିତ୍ସା ଅବହେଳାରୁ ହେତୁ ନବଜାତ ଶିଶୁପୁତ୍ରର ମୃତ୍ୟୁ

ରାଇଘର,୧୧।୬ (ସଂଚାର ବ୍ୟୁରୋ): ଯୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ମୃତ ଅଭିଯୋଗ ଆଣିଲେ ପରିବାର ଲୋକ। ଠିକ୍ ସମୟରେ ଔଷଧ ନମିଳିବାରୁ ଶିଶୁ ପୁତ୍ର ମୃତ୍ୟୁ ହେଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ। ସୂଚନାନୁଯାୟୀ ରାଇଘର ବ୍ଲକର ଯୋଡ଼ିଙ୍ଗା ମେଡିକାଲରେ ନବଜାତ ଶିଶୁ ମୃତ୍ୟୁ ହୋଇଛି। ତେବେ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁପୁତ୍ରର ମୃତ୍ୟୁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ପରିବାର ଲୋକେ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି।

ବୋରଗାଁ ଗ୍ରାମର ଲଛନ ଗଣ୍ଡଙ୍କ ଝିଅ ପ୍ରମିଳା ୭ ବର୍ଷ ପୂର୍ବେ ପଡୋଶୀ ରାଜ୍ୟ ଛତିଶଗଡ଼ ର କିବିଡ଼ା ଗ୍ରାମର ସିଉ ଗଣ୍ଡଙ୍କୁ ବିବାହ କରିଥିଲେ କିଛି ମାସ ପୂର୍ବେ ପ୍ରମିଳା ଗର୍ଭବତୀ ହୋଇ ନିଜ ବାପା ଘରେ ଆସି ରହିଥିଲେ।

ଗତ ପାଞ୍ଚ ଦିନ ପୂର୍ବେ ପ୍ରମିଳା ଯୋଡ଼ିଙ୍ଗା ସ୍ୱାସ୍ଥକେନ୍ଦ୍ରରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହାପରେ ଡିସଚାର୍ଜ ହୋଇ ଘରକୁ ଚାଲିଯାଇଥିଲେ। ଗତକାଲି ନବଜାତ ଶିଶୁପୁତ୍ରକୁ ଜ୍ୱର ହୋଇଥିବା ବେଳେ ଆଜି ତାକୁ ଯୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ତେବେ ସଠିକ୍ ସମୟରେ ଚିକିତ୍ସା ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହାଟଭରାଣ୍ଡି ଚିକିତ୍ସାଧିକାରୀ ଡାକ୍ତର ଦଶରଥ ନାଗଙ୍କୁ ପଚାରିବାରୁ ଡାକ୍ତର ଠିକ୍ ସମୟରେ ଶିଶୁର ଚିକିତ୍ସା କରିଥିବା ବେଳେ ଘଟଣାକୁ କିଛି ବ୍ୟକ୍ତି ରାଜନୀତିକରଣ କରୁଛନ୍ତି। ତେଣୁ ତଦନ୍ତ କରାଯିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଡାକ୍ତର ନାଗ ପ୍ରକାଶ କରିଛନ୍ତି।



## ବୋରିଗୁମ୍ମାରେ କାଳବୈଶାଖୀ ତାଣ୍ଡବ
# ଗଛପଡ଼ି ବାଇକ ଚୂର୍‌ମାର, ଘରର ପାଣିଟାଙ୍କି ଉଡ଼ିଲା



ବୋରିଗୁମ୍ମା,୧୧।୬ (ସଂଚାର ବ୍ୟୁର): କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ଗତ ଦୁଇ ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳୁଛି। ଗତକାଲି କାଳବୈଶାଖୀ ପ୍ରଭାବରେ ବ୍ଲକରେ ରାସ୍ତାଘାଟରେ ଗଛ ପଡ଼ିରାସ୍ତା ଅବରୋଧ ଦେଖିବାକୁ ମିଳିଥିବାବେଳେ ଅନେକ ଘରର ଟିଣଛପର ମଧ୍ୟ ଉଡେଇ ନେଇଥିବା ଖବର ଶୁଣିବାକୁ ମିଳିଥିଲା। ସେହିପରି ଆଜି ମଧ୍ୟ ଅପରାହ୍ନରେ ୩୦ରୁ ୪୦କିମି ବେଗରେ ପବନ ବୋହିବା ସହ ଘଡ଼ିଘଡ଼ି, ବିଜୁଳି ଏବଂ ଜୋରରେ ବର୍ଷାପବନ ହେବାରୁ ସହରର ମେଡିକାଲ ପରିସରରେ ଗଛ ଉପୁଡ଼ି ପଡ଼ି ଅବସରପ୍ରାପ୍ତ ପୁଲିସ କର୍ମଚାରୀ ପ୍ରକାଶ ମିଶ୍ରଙ୍କ ବୁଲେଟ ଉପରେ ପଡ଼ିଯାଇଥିଲା। ଗଛ ପଡ଼ିବା ଦ୍ୱାରା ଶ୍ରୀ ମିଶ୍ରଙ୍କ ଗାଡ଼ି ସମ୍ମୁଖ ସମ୍ପୂର୍ଣ୍ଣ ଚେପା ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମେସିନ ସାହାର୍ଯ୍ୟରେ ଗଛଗୁଡ଼ିକୁ କାଟି ମେଡିକାଲ ରାସ୍ତାରୁ ହଟାଇବା ଦ୍ୱାରା ଯାତାୟାତ ସ୍ୱାଭାବିକ ହୋଇଛି। ସୂଚନା ପ୍ରକାରେ ବୋରିଗୁମ୍ମା ସହରର ମେରିଆ ମାର୍ଗ ସାହିର ବ୍ୟବସାୟୀ କେ. ଗିରିବାବୁଙ୍କ ଛାତଉପରେ ଲାଗିଥିବା ପାଣିଟାଙ୍କି ଉଡ଼ି ସାହି ମୁଖ୍ୟ ରାସ୍ତାରେ ପଡ଼ିଯାଇଥିବାରୁ ଯାତାୟାତରେ ଅସୁବିଧା ଉପୁଜିଥିଲା। ଖବର ପାଇ ବୋରିଗୁମ୍ମା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବୋରିଗୁମ୍ମା ଆଖପାଖ ଅଞ୍ଚଳରେ ଘରଟିଣ ଛପର କାଳବୈଶାଖୀ ପ୍ରଭାବରେ ଉଡେଇ ନେଇଛି। ଫଳରେ ବର୍ଷା ଯୋଗୁଁ ଘରେ ଥିବା ଶୁଖୁଲା ଖାଦ୍ୟ, ଲୁଗାପଟା ଓ ଅନ୍ୟାନ୍ୟ ଆସବାବପତ୍ର ଗୁଡ଼ିକ ଭିଜିବା ସହ ସାରା ରାତି ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି।

## ଡାହାଣୀ ପ୍ରଥା ବିରୋଧରେ ଦାନଗଦିରେ ଜନଜାଗରଣ
# ଅନ୍ଧବିଶ୍ୱାସ ନୁହେଁ, ବିଜ୍ଞାନ ହେଉ ଜୀବନର ପଥପ୍ରଦର୍ଶକ

ଯାଜପୁର,୧୧।୬(ସଂଚାର ବ୍ୟୁରୋ): ଗୁଣିଗାରେଡ଼ି, ଝଡାଫୁଙ୍କା ଓ ଡାହାଣୀ ପ୍ରଥା ଭଳି କୁସଂସ୍କାର ବିରୋଧରେ ଗ୍ରାମାଞ୍ଚଳରେ ସଚେତନତାର ମଶାଲ ଜଳାଇଛି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ। ଦାନଗଦି ବ୍ଲକର କାରାମଗୋଠ ଓ ରାଇଘାଟି ଗ୍ରାମରେ ଆୟୋଜିତ ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ସଚେତନତା ଶିବିରରେ ଶତାଧିକ ଗ୍ରାମବାସୀ ଯୋଗଦେଇ କୁସଂସ୍କାର ମୁକ୍ତ ସମାଜ ଗଠନର ସଂକଳ୍ପ ନେଇଥିଲେ।କାର୍ଯ୍ୟକ୍ରମରେ ଯୋଗଦେଇ ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ କହିଥିଲେ, "ରୋଗର ଚିକିତ୍ସା ଡାକ୍ତରଖାନାରେ ହୁଏ, ଗୁଣିଗାରେଡ଼ି କିମ୍ବା ଝଡାଫୁଙ୍କାରେ ନୁହେଁ।" ସେ ଗ୍ରାମବାସୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଅପଣାଇବାକୁ ଆହ୍ୱାନ ଜଣାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ କହିଥିଲେ ଯେ, ଡାହାଣୀ ସନ୍ଦେହରେ ମହିଳାମାନଙ୍କୁ ନିର୍ଯାତନା ଦେବା ଏକ ଘୋର ଅମାନବୀୟ କାର୍ଯ୍ୟ। ସମାଜରେ ଏପରି ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ନ ଦେଇ ସଚେତନତା ବୃଦ୍ଧି କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀପ୍ରଭା ଲେଙ୍କା କହିଥିଲେ, ଭୌତିକ ବିକାଶ ସହ ମାନସିକ ଓ ସାମାଜିକ ଚେତନାର ବିକାଶ ମଧ୍ୟ ସମାନ ଭାବେ ଜରୁରୀ। ଅନ୍ଧବିଶ୍ୱାସ ମଣିଷକୁ ପଛକୁ ଟାଣି ନେଉଥିବା ବେଳେ ବିଜ୍ଞାନ ତାକୁ ଆଗକୁ ବଢ଼ିବାର ରାସ୍ତା ଦେଖାଏ ବୋଲି ସେ କହିଥିଲେ। ଶିବିରର ବିଶେଷ ଆକର୍ଷଣ ଥିଲା ବ୍ଲକ କଳା ସଂସ୍କୃତି ସଂଘର କଳାକାରମାନଙ୍କ ଦ୍ୱାରା ପରିବେଷିତ ଅନ୍ଧବିଶ୍ୱାସ ବିରୋଧୀ ପାଲା। ଲୋକକଳା ମାଧ୍ୟମରେ ଦିଆଯାଇଥିବା ସଚେତନତା ବାର୍ତ୍ତା ଉପସ୍ଥିତ ଲୋକଙ୍କ ମନକୁ ଛୁଇଁଥିଲା। ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରଦର୍ଶନ ମାଧ୍ୟମରେ ମଧ୍ୟ ଅନ୍ଧବିଶ୍ୱାସ ବିରୋଧୀ ବାର୍ତ୍ତା ପ୍ରଚାର କରାଯାଇଥିଲା। ପ୍ରାୟ ଦୁଇଶହରୁ ଅଧିକ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶା ଓ ଅଙ୍ଗନବାଡ଼ି କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମାଜରୁ ଅନ୍ଧବିଶ୍ୱାସ ଦୂର କରି ଏକ ସଚେତନ ଓ ପ୍ରଗତିଶୀଳ ପରିବେଶ ଗଠନ ପାଇଁ ଏଭଳି ଅଭିଯାନ ନିଶ୍ଚିତ ଭାବେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ଉତ୍ସବର ରାଜଧାନୀ, ଉପାସର ଅସ୍ତରଙ୍ଗ
# ଦୁଇ ବର୍ଷରେ ବି ଶୁଖିଲା ରହିଲା ୧୨ କୋଟିର ପାଇପ୍

କାକଟପୁର/ଅସ୍ତରଙ୍ଗ,୧୧।୬(ସଂଚାର ବ୍ୟୁରୋ): ଜୁନ୍ ୧୨ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି। ଭୁବନେଶ୍ୱରରେ ସଫଳତାର ଆତସବାଜି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ମାଟିରେ ନିରାଶାର ଅନ୍ଧାର। ଡବଲ ଇଂଜିନର ଦୁଇ ବର୍ଷରେ ବି ଅସ୍ତରଙ୍ଗ ବ୍ଲକର ୭ଟି ଗ୍ରାମ ପାଇଁ ପିଇବା ପାଣି ସାତ ସପନ। ୨୦୨୩ରେ ବଡ଼ ଢୋଲ ପିଟି ଆରମ୍ଭ ହୋଇଥିଲା 'ମେଗା ପାନୀୟ ଜଳ ପ୍ରକଳ୍ପ'। ୧୨ କୋଟିରୁ ଅଧିକ ମଞ୍ଜୁର। ଶିଶୁଅ, ଛୁରୀଆନା, ଆଳସାହି ଗାଁରେ ରାସ୍ତା ଖୋଳାଗଲା, ପାଇପ ବିଛାଗଲା। ଲୋକେ ଭାବିଲେ ଦୁଃଖ ସରିଲା। ହେଲେ ଦୁଇ ବର୍ଷ ପରେ ଆଜି ସେହି ଖୋଳା ରାସ୍ତା 'ମରଣଯନ୍ତା' ପାଲଟିଛି, ଆଉ ପାଇପ୍ ଭିତରେ କେବଳ ପବନ। ଠିକାଦାର ଅଧା କାମ କରି ଟଙ୍କା ନେଇ ଉଭାନ। ମନ୍ତ୍ରୀ ଆସିଲେ, 'ଅତିଶୀଘ୍ର ସମାଧାନ'ର ଆଶ୍ୱାସନା ଦେଇ ଚାଲିଗଲେ। କିନ୍ତୁ ଶିଶୁଅ, ଛୁରିଆନା, ପାଟଳଦା ର ମହିଳାମାନେ ଆଜି ବି ସୂର୍ଯ୍ୟ ଉଇଁବା ଆଗରୁ ୨ କିମି ବାଟ ଚାଲି ପାଣି ଆଣନ୍ତି। ନଳକୂଅ ଶୁଖିଗଲେ ପୋଖରୀ ପାଣି ହିଁ ଭରସା।ପରିଣାମ- ଡାଇରିଆ, ଜଣ୍ଡିସ। ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି କୁହନ୍ତି, "ଦୁଇ ବର୍ଷ ହେଲା କେବଳ ଫାଇଲ ଗଡୁଛି, ପାଣି ଗଡୁନି।" ତେଣୁ ଆଜି ସରକାରଙ୍କ ପୂର୍ତ୍ତି ଦିବସ ପରେ ଆଗକୁ ଅସ୍ତରଙ୍ଗବାସୀ ଧରିବେ 'ମାଠିଆ-ବାଲ୍ଟି'। ବ୍ଲକ ଅଫିସ ଆଗରେ ହେବ ସତ୍ୟାଗ୍ରହ। ପ୍ରଶ୍ନ ସିଧା - ଯେଉଁ ସରକାର ଦୁଇ ବର୍ଷରେ ଲୋକଙ୍କୁ ବୁନ୍ଦାଏ ପାଣି ଦେଇପାରିଲାନି, ସେ କେଉଁ ସଫଳତାର ଉତ୍ସବ ପାଳୁଛି? ଅସ୍ତରଙ୍ଗ ପାଇଁ ଜୁନ୍ ୧୨ ଉତ୍ସବ ନୁହେଁ, ପ୍ରତିଶ୍ରୁତି ଭଙ୍ଗର କଳା ଦିବସ।



## ବିଞ୍ଝାରପୁର ତହସିଲରେ ବଦଳି ନିୟମ ଫେଲ୍
# ୬ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ସରକାରୀ କର୍ମଚାରୀ

ବିଞ୍ଝାରପୁର,୧୧।୬(ସଂଚାର ବ୍ୟୁରୋ): ସରକାରୀ ନିୟମ ଅନୁଯାୟୀ ପ୍ରାଶାସନିକ ସ୍ୱଚ୍ଛତା ଏବଂ ଜନ ସେବାକୁ ସରଳ କରିବା ପାଇଁ ଜଣେ ସରକାରୀ କର୍ମଚାରୀ ଗୋଟିଏ ସରକାରୀ କାର୍ଯ୍ୟାଳୟରେ ତିନି ବର୍ଷ ରହି ପାରିବେ। ଏହା ପରେ ପ୍ରାଶାସନିକ ନିୟମ ଅନୁଯାୟୀ ତାଙ୍କୁ ବଦଳି କରାଯିବା ବାଧ୍ୟତାମୂଳକ।କିନ୍ତୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲରେ ଏହି ବଦଳି ନିୟମ ଫାଇଲ୍ ତଳେ ଚାପି ହୋଇ ଫେଲ ମାରିଛି। ୩ ବର୍ଷ ନୁହେଁ ୬ ବର୍ଷ ଧରି ତହସିଲ ଅଫିସରେ ଗାଦି ମାଡ଼ି ବସିଛନ୍ତି ଅନେକ ବାବୁ ଏବଂ ବାବୁଆଣୀ ମାନେ। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସାମ୍ନାକୁ ଆସିବା ପରେ ଖୋଲିଛି ପ୍ରଶାସନର ପୋଲ। ଜନସାଧାରଙ୍କ ସ୍ୱାର୍ଥ ସହିତ ଜଡ଼ିତ ଏହି ସମ୍ବେଦନଶୀଳ ତହସିଲ୍ କାର୍ଯ୍ୟାଳୟରେ ଏକାଧିକ ରାଜସ୍ୱ କର୍ମଚାରୀ ଅଛନ୍ତି ଯେଉଁ ମାନେ ୩ ବର୍ଷ ସରକାରୀ ଅବଧି ପାର କରି ଏଠାରେ ଗାଦି ମାଡ଼ି ବସିଛନ୍ତି। ଏପରିକି ୫ ବର୍ଷ ୬ ବର୍ଷ ଏଠାରେ ବିନା ବଦଳିରେ ରହିଥିବା ଅଭିଯୋଗ ଆସିଛି। ବିଞ୍ଝାରପୁର ତହସିଲ କାର୍ଯ୍ୟାଳୟରୁ ତା୫/୦୬/୨୦୨୬ରିଖ ରେ ଚିଠି ସଂଖ୍ୟା ୨୯୩୮ ରେ ମିଳିଥିବା ତଥ୍ୟ ଅନୁଯାୟୀ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ଦାସ ସବୁଠୁ ଦୀର୍ଘ ସମୟ ଅର୍ଥାତ୍ ୬ ବର୍ଷ ୬ ମାସ ହେବ ଏଠାରେ ରହିଛନ୍ତି। ସିନିୟର୍ ରାଜସ୍ୱ ନିରୀକ୍ଷକ ରୋଜାଲିନ ଦାସ ଗତ ୫ ବର୍ଷ ୧୦ ମାସ ହେବ ଏହି କାର୍ଯ୍ୟାଳୟରୁ ହଟିନାହାନ୍ତି।ସିନିୟର୍ ରାଜସ୍ୱ ନିରୀକ୍ଷକ ଶମ୍ଭୁନାଥ ବେହେରା ମଧ୍ୟ ପ୍ରାୟ ୫ ବର୍ଷ ୯ ମାସଧରି ଏଠାରେ କାର୍ଯ୍ୟରତ। ସହକାରୀ ରାଜସ୍ୱ ନିରୀକ୍ଷକ ଅବିନାଶ ବେହେରା ଓ ଚନ୍ଦନ ବାରିକ ଉଭୟ ୩ ବର୍ଷ ୬ ମାସ ଧରି ଏଠାରେ ଡେରା ପକାଇଛନ୍ତି।




# ମୂଳାଶର କେନାଲ ପୋଲ ପାଲଟିଛି ମରଣଯନ୍ତା

ବୋରିଗୁମ୍ମା/ଜୟପୁର,୧୧।୬(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରୋଣ୍ଡାପାଲି ପଞ୍ଚାୟତ ମୂଳାଶର ଓ ଖଣ୍ଡିଆଗୁଡ଼ା ଗ୍ରାମ ସହ ସଂଯୋଗ ସ୍ଥାପନ କରୁଥିବା ମୂଳାଶର କେନାଲ ଉପରେ ଥିବା ଅଣଅସାରିଆ ପୋଲଟି ବର୍ତ୍ତମାନ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ପୋଲ ଅଣଅସାରିଆ ହେବା ସହିତ ଦୀର୍ଘବର୍ଷ ହେବ ଭାଙ୍ଗିରୁଜି ଗଲାଣି। ପୋଲର ଗାର୍ଡୱାଲ ମଧ୍ୟ ଭାଙ୍ଗିଯାଇଛି। ବିପଦସଂକୁଳ ପୋଲ ଉପରେ ଗଲାବେଳେ ଲୋକ ଭୟ କରୁଛନ୍ତି। ଫଳରେ ପ୍ରତିଦିନ ଯାତାୟାତ କରୁଥିବା ଶହ ଶହ ପଥଚାରୀ, ସାଇକେଲ ଓ ଦୁଇଚକିଆ ଚାରିଚକିଆଯାନ ଚାଳକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ମୂଳାଶର, ଖଣ୍ଡିଆଗୁଡ଼ା ଗ୍ରାମର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ଯାତ୍ରୀବାହୀ ଅଟୋ, ପଥଚାରୀ, ଦୁଇ ଓ ଚାରିଚକିଆ ଯାନ ଯାତାୟାତ କରେ।ଏତେ ଦୁର୍ବଳ ପୋଲ ଉପରେ ଯାତାୟାତ ସମୟରେ ପୋଲଟି ସମ୍ପୂର୍ଣ୍ଣ ଦୋହଲୁ ଥିବାବେଳେ କେତେବେଳେ ଯେ ପୋଲ ତଳକୁ ଖୋସିପଡ଼ି ଧନଜୀବନ ନଷ୍ଟ ହେବ ସେନେଇ ନାନା ଆଶଙ୍କା ରହିଛି। ଏହା ଯୋଗୁଁ ଅନେକ ପଥଚାରୀ ଓ ଦୁଇଚକିଆ ଚାଳକ ଖସିପଡୁଥିବା ବେଳେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅଧିକ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଦପ୍ତର, ସ୍କୁଲ, କଲେଜ, ମେଡିକାଲ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ।ରାସ୍ତାର ଅବସ୍ଥାକୁ ନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ପଦକ୍ଷେପ ମିଳିନଥିବା ଅଭିଯୋଗ କରିଛନ୍ତି।



# ଡ୍ରାଇଭର ମହାସଂଘର ୧୦ ଦଫା ଦାବିପତ୍ର



ଫୁଲବାଣୀ,୧୧।୬(ସଂଚାର ବ୍ୟୁରୋ): କନ୍ଧମାଳ ଜଲା ଡ୍ରାଇଭର ମହାସଂଘ ରୁ ସ୍ଥାନୀୟ କଲେଜ ଛକରୁ ଏକ ବିରାଟ ଶୋଭାଯାତ୍ରା ରେ ସହର ପରୀକର୍ମା କରି ପ୍ରଥମେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି କ୍ଷ୧ ଫବିଗୁଡିକ ମଧ୍ୟରେ ବୃତିଗତ ଡ୍ରାଇଭର ଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତା ପ୍ରଦାନ କରାଯିବା, -ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜ ର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା। ଗାଡି ଗୁଡିକ ପାର୍କି ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବାପାଇଁ ପାର୍କିଂ ସହିତ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ତା ପ୍ରତି (୧୦୦ କିଲୋମିଟର ଅନ୍ତରରେ କରାଯିବାଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ କମଚାରି ଓ୍ୱାରକେରରେ ଅଟୋ ଡ୍ରାଇଭର ଙ୍କୁ ସାମିଲ କରାଯିବା। ଓଡ଼ିଶାରେ ଥିବା ପ୍ରତେକ ଖଣି ଖାଦାନ ଏବଂ କାରଖାନା ଗୁଡିକରେ ଶତକଡା ୭୦% ଓଡ଼ିଶାର ଡ୍ରାଇଭର ଙ୍କୁ କାମକରିବା ପାଇଁ ଅଗ୍ରାକାର ଦିଆଯିବା ସେପ୍ଟେମ୍ବର ୧ ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା କରାଯାଉ ଜିଲ୍ଲା ସଭାପତି ଆଲୋକ କୁମାର ବେହେରା ଓ ଉପ ସଭାପତି ମାନସ ରଞ୍ଜନ ସାମଲ ଓ କୋଷାଧ୍ୟକ୍ଷ ବଂଶୀଧର ସାହୁ ଓ ସମ୍ପାଦକ ବୁଲୁ ମାଝୀ ଉପ କୋଷାଧକ୍ଷ ବଳରାମ ନାୟକ -ପ୍ରତେକ ବୃତିଗତ ଡ୍ରାଇଭର ଙ୍କୁ ଗୃହ ନିର୍ମାଣ ପାଇଁ ଆବାସ ଯୋଜନାରେ ସାମିଲ କରାଯାଉ।

# ବଜ୍ରାଘାତରେ ୪ ବଖରା ଘର ପୋଡ଼ି ନଷ୍ଟ



କାମାକ୍ଷାନଗର,୧୧।୬(ସଂଚାର ବ୍ୟୁରୋ): ବ୍ଲକ୍ ଅନ୍ତର୍ଗତ ଡୁମୁସିଙ୍ଗା ଥାନାର ଶାଳପଡ଼ାଗ୍ରାମ ହରିଜନ ସାହିର ୫ ଘଟିକା ସମୟରେ ବଜ୍ରପାତରେ ୪ବଖରା ଘର ପୋଡି ଯାଇଅଛି। କାଳବୈଶାଖୀ ଜନିତ ବର୍ଷା ରାଜ୍ୟରେ ଲାଗି ରହିଥିବାବେଳେ ଆଜି ଶାଳପଡ଼ା ହରିଜନ ସାହିରେ କୁଆପଥର ସହ ବଜ୍ରଘାତରେ ୪ ବିଖରା ଘର ସଂପୂର୍ଣ୍ଣ ପୋଡି ନଷ୍ଟ ହୋଇଥିବାବେଳେ ଲୁଗାପଟା, ଧାନ ଚାଉଳ ଓ ଆସବାବ ପତ୍ର ସହିତ ଧନସଂପତି ନଷ୍ଟ ହୋଇଯାଇଅଛି। କାମାକ୍ଷାନଗର ଅଗ୍ନି ବାହାନୀ ଗାଡି ଆସି ନିଆଁକୁ ଆୟତ କରିଥିଲେ ମଧ୍ୟ ଧନସଂପତିକୁ ଉଦ୍ଧାର କରିପାରିନାହିଁ। ସକାରୀ ସାହାଯ୍ୟ ଯୋଗାଇଦେବା ପାଇଁ କିର୍ତନ ନାଏକ ସରକାରଙ୍କ ପାଖରେ ଅନୁରୋଧ କରିଛନ୍ତି।

# ବସ୍ତା ମେଡିକାଲ ରୋଗୀ କଲ୍ୟାଣ ସମିତିର ବୈଠକ



ବାଲିଆପାଳ,୧୧।୬(ସଂଚାର ବ୍ୟୁରୋ): ବସ୍ତା ମେଡିକାଲ ରୋଗୀ କଲ୍ୟାଣ ସମିତି ର ବୈଠକ ମେଡିକାଲ ପରିସରରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସମର ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି.ବୈଠକ ଆରମ୍ଭ ରେ ବିଗତ ବୈଠକ ରେ ନିଆଯାଇଥିବା ନିଷ୍ପତି ଯଥା ରୋଗୀ ମାନେ ମେଡିକାଲ ରୁ ନେଉଥିବା ମେଡ଼ିସିନ କେମିତି ଖାଇବେ ଲିଖିତ ଦେବା, ପାଥୋଲୋଜି ରେ ହେଉଥିବା ଟେଷ୍ଟ ରିପୋର୍ଟ ଶୀଘ୍ର ମିଳିବା, କର୍ମଚାରୀ ମାନଙ୍କ ପାଇଁ ବାଇଓ ମେଟ୍ରିକ ବ୍ୟବସ୍ଥା, ଫଳକ ମାଧ୍ୟମ ରେ କାର୍ଯ୍ୟରତ ଡାକ୍ତର ଙ୍କ ନାମ ଲେଖାଯିବା, ଠିକ ଭାବେ ସଫେଇ ହେବା, ହସ୍ପିଟାଲ ପରିସର ରୁ ଗାଡି ତଥା ଅନ୍ୟାନ୍ୟ ସାମଗ୍ରୀ ର ଚୋରି କୁ ରୋକିବାକୁ ସିସିଟିଭି ଲଗାଇବା ପାଇଁ ସିଡିଏମଓ ଙ୍କୁ ଜଣାଇବା, ମେଡିକାଲ ରେ ସମସ୍ତ ଔଷଧ ଗଛିତ ରଖିବା ଉପରେ ଆଲୋଚନା କରାଯାଇଥିଲା. ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପଣ୍ଡା ଏ ସମସ୍ତ କାର୍ଯ୍ୟ ସଠିକ ଭାବେ ସମ୍ପାଦନ କରାଯାଇଥିବା କହିଥିଲେ। ବୈଠକ ରେ ରୋଗୀ କଲ୍ୟାଣ ସମିତି ର ସଦଶ୍ୟ, ସଦଶ୍ୟା ଙ୍କ ସହିତ ବିଧାୟିକା ସୁବାସିନୀ ଜେନା ବର୍ତ୍ତମାନ ର ବିଭିନ୍ନ ସମକ୍ଷ୍ୟା ଉପରେ ଆଲୋଚନା କରିଥିଲେ. ବସ୍ତା ମେଡିକାଲ ଉତ୍ତର ବାଲେଶ୍ୱର ରେ ଏକ ପ୍ରମୁଖ ଭୂମିକା ନେଉଥିବା ବେଳେ ଏଠାରେ ଡାକ୍ତର ସମକ୍ଷ୍ୟା ଏକ ବଡ଼ ସମକ୍ଷ୍ୟା ହୋଇଥିବାରୁ ବୈଠକ ରେ ବିଧାୟିକା ଉଦବେଗ ପ୍ରକାଶ କରିଥିଲେ।

# ରେଳ ଧାରଣା କଡ଼ରେ ପଡ଼ିଛି ଅଜଣା ମୃତଦେହ



ପାରାଦ୍ୱୀପ,୧୧।୬(ସଂଚାର ବ୍ୟୁରୋ): ରେଳ ଧାରଣା କଡରେ ପଡ଼ିଛି ଯୁବକଙ୍କ ମୃତଦେହ। ହରିଦାସପୁର ପାରାଦୀପ ରେଳ ଲାଇନ ଭୂତମୁଣ୍ଡାଇ ବରେଇ ନିକଟରେ ଏହି ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। କଟକ ପାରାଦୀପ ଜାତୀୟ ରାଜପଥର ଠିକ ଉପରେ ଯାଇଥିବା ରେଳ ଲାଇନ ଭିତରେ ଏହି ମୃତଦେହ ପଡ଼ିଛି। ଏକ ଲୁଙ୍ଗି ଓ ହଳଦିଆ କଲର ଗଞ୍ଜି ମୃତ ଯୁବକଙ୍କ ଦେହରେ ଥିବାବେଳେ କୌଣଷି କ୍ଷତ କିମ୍ବା ରକ୍ତର ଚିହ୍ନବର୍ଣ୍ଣ ଦେଖିବକୁ ମିଳିନାହିଁ। ଘଟଣାସ୍ଥଳରେ ପାରାଦୀପ ଲକ ପୁଲିସ ପହଁଚି ଥିବା ବେଳେ ଜୀଆରପି ପୁଲିସକୁ ଅପେକ୍ଷା କରାଯାଇଛି।

# ଚରିତ୍ରକୁ ସନ୍ଦେହ, ସ୍ତ୍ରୀକୁ ପିଟିପିଟି ହତ୍ୟା କଲା ସ୍ୱାମୀ



ସୁନ୍ଦରଗଡ଼,୧୧।୬(ସଂଚାର ବ୍ୟୁରୋ): ଜୁନ ୧୧ ତାରିଖ ଗୁରୁବାର ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଜୋରରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ପିଟିପିଟି ହତ୍ୟା କଲା। ଏହି ଖବର ଅଞ୍ଚଳରେ ବ୍ୟାପିବା ପରେ ସମସ୍ତେ ଏହା ଉପରେ ଭିନ୍ନ ଭିନ୍ନ ଟିପ୍ପଣୀ ଦେଉଛନ୍ତି। ରାଗ ହେଉ କିମ୍ବା ମଦର ପ୍ରଭାବ ହେଉ ଅଥବା ଅନ୍ୟ କିଛି କାରଣ ହେଉ ସମ୍ପୃକ୍ତ ଅଭିଯୁକ୍ତ ଅତି ନିର୍ମମ ଭାବେ ତା ସ୍ତ୍ରୀକୁ ବାନ୍ଧି ପିଟିପିଟି ହତ୍ୟା କରିଛି। ଗାଁଲୋକେ ଏହି ଦୃଶ୍ୟ ଦେଖିବା ପରେ ମୃତକଙ୍କ ପରିବାରଙ୍କୁ ସୂଚିତ କରିଥଲେ। ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ସ୍ୱାମୀ ଏହି ଜଘନ୍ୟ କାଣ୍ଡ ଘଟାଇଛି। ଘରଠାରୁ ପ୍ରାୟ ଏକ କିଲୋମିଟର ଦୂର ଜଙ୍ଗଲ କଡ ନାଳ ପାଖରେ ଏହି କାଣ୍ଡ ଘଟାଇଛି। ମୃତ ମହିଳା ହେଲେ - ସରୋଜିନୀ ମାଝି। ଅଭିଯୁକ୍ତ ହେଲା କୃପା କିଶାନ। କୃପା ତା ସ୍ତ୍ରୀକୁ ଗଛରେ ବାନ୍ଧି ପିଟି ଚାଲିଥିଲା ବେଳେ କେତେକ ସ୍ଥାନୀୟ ଲୋକେ ଦେଖିଥିବା ଜଣା ପଡ଼ିଛି। ତେବେ ମୃତକଙ୍କ ଭାଇଙ୍କୁ ମୃତକଙ୍କ ନଣନ୍ଦ ତଥା ହତ୍ୟାକାରୀର ଭଉଣୀ ସୁରେଖା କିଶାନ ଖବର ଦେଇଥିଲେ। ଖବର ପାଇ ସରୋଜିନୀଙ୍କ ବାପା ଘର ଲୋକେ ବହୁ ସମୟ ଖୋଜିବା ପରେ ତାଙ୍କୁ ହାତ ଗୋଡ ବନ୍ଧା ଅବସ୍ଥାରେ ପାଇଥିଲେ। ତେବେ ଏହି ଘଟଣା ଗତ କାଲି ଘଟିଥିଲା। ଏ ନେଇ ମୃତକଙ୍କ ବାପା ଗଜେନ୍ଦ୍ର ମାଝିଙ୍କ ରିପୋର୍ଟ କ୍ରମେ ଲେଫ୍ରିପଡ଼ା ଥାନା କେଶ ନମ୍ବର -୧୬୫ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

# ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା

ନୀଳଗିରି,୧୧।୬(ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ଠିକାଦାର ଙ୍କ ଭରସାରେ ବାହାର ରାଜ୍ୟକୁ ଯାଇଥିଲେ। ମାସକୁ ୧୫ ହଜାର ଟଙ୍କା ମିଳିବ ବୋଲି ଆଶା ମଧ୍ୟ ଦେଇଥିଲେ ଠିକାଦାର। ହେଲେ ୧୦ ମାସ କାମ କରି ମଧ୍ୟ ଗୋଟିଏ ଟଙ୍କା ମିଳିଲାନି। ଟଙ୍କା ମାଗିଲେ ପ୍ରତି ବଦଳରେ ମିଳୁଥିଲା ବେଲ୍ଟ ମାଡ। ଶେଷରେ କୌଣସି ମତେ ଜୀବନ ବଞ୍ଚାଇ ସେଠାରୁ ଲୁଚି ପଳାଇ ଆସିବା ପରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ଶ୍ରମିକ। ସୂଚନା ରୁ ଜଣା ପଡ଼ିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ମହିଷାପଙ୍ଗା ପଞ୍ଚାୟତ ଜାମ୍ବବଣୀ ଗ୍ରାମର ସ୍ୱର୍ଗତ କଟି ସିଂ ଙ୍କ ପୁଅ ଦୀପକ ସିଂ (୪୭) ନାମକ ଜଣେ ଶ୍ରମିକ ଧୋବଶିଳା ପଞ୍ଚାୟତ କେରାଟପଡ଼ିଆ ଗ୍ରାମର ଜଣେ ଠିକାଦାରଙ୍କ ଅଧୀନରେ ଗୁଜୁରାଟ ରାଜ୍ୟ ମୁବେଇ ଜିଲ୍ଲାର ଏକ ମାର୍ବଲ କମ୍ପାନୀରେ କାମ କରିବା ପାଇଁ ଯାଇଥିଲେ। ସେଠାରେ ମାସିକ ୧୫ ହଜାର ଟଙ୍କା, ଖାଇବା ରହିବା ମାଗଣା ମିଳିବ ବୋଲି କହିଥିଲେ ଠିକାଦାର ଜଣକ।

# ଅସହ୍ୟ ଗୁଳୁଗୁଳିରେ ରୋଗୀ ବେହାଲ, ସିଏଚ୍‌ସିର ଏସି ଅଚଳ



ସତ୍ୟବାଦୀ,୧୧।୬ (ସଂଚାର ବ୍ୟୁରୋ): ରାଜ୍ୟବ୍ୟାପୀ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜାରି ରହିଥିବା ବେଳେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଏସି ବ୍ୟବସ୍ଥା ଅଚଳ ହୋଇପଡ଼ିଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ଯୋଗୁଁ ହସ୍ପିଟାଲ ପରିସରରେ ଚିକିତ୍ସା ସେବା ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ହସ୍ପିଟାଲର ସମସ୍ତ ୱାର୍ଡ ଓ ରୋଗୀ ସେବା କକ୍ଷରେ ଲାଗିଥିବା ଏସି ଦୀର୍ଘଦିନ ଧରି ଅଚଳ ହୋଇ ରହିଛି। ଫଳରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି ଅସହ୍ୟ ହୋଇପଡ଼ିଥିବାରୁ ଭର୍ତ୍ତି ରୋଗୀମାନେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ବିଶେଷକରି ବୃଦ୍ଧ, ଶିଶୁ, ଗୁରୁତର ରୋଗୀ ଏବଂ ସଦ୍ୟ ପ୍ରସୂତି ମା'ମାନଙ୍କ ପାଇଁ ପରିସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଛି। ୱାର୍ଡଗୁଡ଼ିକରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବ୍ୟବସ୍ଥା ନଥିବାରୁ ସମସ୍ୟା ଆହୁରି ଉତ୍କଟ ହୋଇଛି। ଗରମ ସହ୍ୟ କରି ନପାରି ଅନେକ ରୋଗୀ ବେଡ୍ ଛାଡ଼ି ବାହାର ବରାଣ୍ଡା କିମ୍ବା ଖୋଲା ସ୍ଥାନରେ ବସୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ସେବିକା କକ୍ଷରେ ମଧ୍ୟ ଅସହ୍ୟ ଗରମ ଯୋଗୁଁ ସ୍ୱାସ୍ଥ୍ୟକର୍ମୀମାନେ ଦୀର୍ଘ ସମୟ ରହିପାରୁ ନଥିବାରୁ ରୋଗୀ ସେବା ଉପରେ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଏସି ବ୍ୟବସ୍ଥା ହସ୍ପିଟାଲ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ରୋଗୀଙ୍କ ସମ୍ପର୍କୀୟମାନଙ୍କ ଅଭିଯୋଗ ଅନୁସାରେ, ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏସି ମରାମତି ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ରୋଗୀମାନେ ଅସହ୍ୟ ଗରମ ଓ ଗୁଳୁଗୁଳି ମଧ୍ୟରେ ଚିକିତ୍ସା ନେବାକୁ ବାଧ୍ୟ ହେଉଛନ୍ତି।

# ହାତୀ ଶାବକର ମୃତଦେହ ଉଦ୍ଧାର

ବାରିପଦା,୧୧।୬ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେଞ୍ଜର ପୁରୁଣା ଦେଓ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲ ରୁ ବନବିଭାଗ ଏକ ହାତୀ ଶାବକ ର ମୃତ ଦେହ କୁ ଉଦ୍ଧାର କରିଅଛି। ଆଜି ସକାଳୁ କିଛି ସ୍ଥାନୀୟ ଲୋକ ଜଙ୍ଗଲରେ ଏହି ହାତୀଛୁଆ ର ମୃତ ଦେହ କୁ ଦେଖି ବନବିଭାଗ କୁ ଖବର ଦେଇଥିଲେ। ବନବିଭାଗ ର ଏକ ଟିମ ଘଟଣା ସ୍ଥଳରେ ପହଂଚି ହାତୀ ଛୁଆର ମୃତଦେହ କୁ ଉଦ୍ଧାର କରିବା ସହ ବ୍ୟବଛେଦ କରିଛି। ହାତୀଛୁଆ ର ବୟସ ଏକ ବର୍ଷ ରୁ କମ ହେବ ବୋଲି ଅନୁମାନ କରାଯାଉଅଛି। ତେବେ ହାତୀଛୁଆଟିର କେଉଁ କାରଣରୁ ମୃତ୍ୟୁ ଘଟିଅଛି ତାହା ବନବିଭାଗ ପକ୍ଷରୁ ତଦନ୍ତ କରାଯାଉଅଛି।

# ପ୍ରଥମ କରି ସ୍ୱତନ୍ତ୍ର ବର୍ଗଙ୍କୁ ମିଳିଲା ସାମାଜିକ ସୁରକ୍ଷା ଭତ୍ତା



ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ଚଳିତ ବର୍ଷ ପ୍ରଥମକରି ୬ ଜଣ କିନ୍ନରଙ୍କୁ ମଧୁବାବୁ ପେନସନ ଯୋଜନା (ଏମ୍‌ବିପିୱାଇ)ରେ ସାମିଲ କରାଯାଇଛି। ଏହି କିନ୍ନରମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯିବା ସହ ଜଣେ ସୁସ୍ଥ କୁଷ୍ଠ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଅଛି। ୱାର୍ଡ ନମ୍ବର ୨୩, ୪୪, ୪୯, ୫୪ ଏବଂ ୬୨ ରୁ ୬ ଜଣ ଟ୍ରାନ୍ସଜେଣ୍ଡର ହିତାଧିକାରୀ ଏବଂ ୱାର୍ଡ ନମ୍ବର ୬୫ରୁ ଜଣେ ସୁସ୍ଥ କୁଷ୍ଠ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

ଏହି ପଦକ୍ଷେପ ସାମାଜିକ ଅନ୍ତର୍ଭୁକ୍ତିକରଣ, ସାମାଜିକ ମର୍ଯ୍ୟାଦା ଏବଂ ଆର୍ଥିକ ସୁରକ୍ଷା ପ୍ରତି ବିଏମସିର ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି । ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସୁବିଧା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ଏବଂ ଏକ ସୁନିଶ୍ଚିତ, ନ୍ୟାୟ ସଂଗତ ଏବଂ ସହାନୁଭୂତିଶୀଳ ସମାଜର ଦୃଷ୍ଟିକୋଣକୁ ମଜବୁତ୍ କରିବ ବୋଲି କହିଛନ୍ତି କମିଶନର ଚଞ୍ଚଳ ରାଣା।

ଚଳିତ ବର୍ଷ ଉକ୍ତ ହିତାଧିକାରୀମାନେ ପ୍ରଥମ କରି ଭତ୍ତା ପାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ଆମକୁ ସାମାଜିକ ନ୍ୟାୟ ମିଳିଛି ବୋଲି କହିଛନ୍ତି। ଏହି ଅବସରରେ ସଂପୃକ୍ତ ଓ୍ୱାର୍ଡର କର୍ପୋରେଟରମାନେ ମଧ୍ୟ ଉପସ୍ଥିତ ଥିଲେ। ବିଏମସିର ସାମାଜିକ ନିରାପତ୍ତା ଡେପୁଟି କମିଶନର ସୁଶ୍ରୀତା ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

## ସରକାରୀ ଅଧିକାରୀଙ୍କ ଗାଡ଼ି ବ୍ୟବହାର ଉପରେ କଟକଣା

# ସବୁ ସରକାରୀ ଅଧିକାରୀଙ୍କୁ ମିଳିବନି ସ୍ୱତନ୍ତ୍ର କାର୍

ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ସାମ୍ପ୍ରତିକ ପଶ୍ଚିମ ଏସିଆ ସଙ୍କଟ କାରଣରୁ ଦେଖାଦେଇଥିବା ତୈଳ ସମସ୍ୟାର ମୁକାବିଲା ପାଇଁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏନେଇ ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା। ନୂଆ ନିଷ୍ପତ୍ତିରେ ସରକାରୀ ଅଧିକାରୀଙ୍କ ସ୍ୱତନ୍ତ୍ର କାର୍ ଉପରେ କଟକଣା ଲଗାଯାଇଛି। ଏହାସହ ଅଧିକାରୀଙ୍କୁ କାର୍ ଶେୟାର କରି କାର୍ଯ୍ୟାଳୟ ଆସିବା ଭଳି ନିଷ୍ପତ୍ତି ନିଆଯାଇଛି।

ଜାରି ବିଜ୍ଞପ୍ତି ଅନୁସାରେ, ଏଣିକି ସବୁ ସରକାରୀ ଅଧିକାରୀଙ୍କୁ ମିଳିବ ନାହିଁ ସ୍ୱତନ୍ତ୍ର କାର୍। କେବଳ ସ୍ୱତନ୍ତ୍ର ଶାସନ ସଚିବ ଏବଂ ତା'ଠାରୁ ଉପର ପାହ୍ୟାର ବରିଷ୍ଠ ଅଧିକାରୀମାନେ ହିଁ ସରକାରୀ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଗାଡ଼ି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ସେହିପରି ଚଳିତ ଜୁନ୍ ମାସ ପହିଲାରୁ ଯେଉଁମାନେ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି, ସେମାନେ ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଗାଡ଼ି ପାଇବେ ନାହିଁ । ଏହି ପଦବୀରେ ୩ ବର୍ଷର ସେବା ସମ୍ପୂର୍ଣ୍ଣ କରିବା ପରେ ହିଁ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ି ମିଳିବ, ସେପର୍ଯ୍ୟନ୍ତ ସେମାନେ 'ପୁଲ୍' ଗାଡ଼ି ବ୍ୟବହାର କରିବେ। ଏହି ଭେଇକିଲ ସେୟାରିଂ ବା 'ପୁଲ' ଗାଡ଼ି ସରକାର ଯୋଗାଇବେ। ତେବେ ମେ' ୩୧ ସୁଦ୍ଧା ଗାଡ଼ି ପାଇସାରିଥିବା ଅଧିକାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ । ଖାଲି ସେତିକି ନୁହେଁ, ବିଭିନ୍ନ ପ୍ରଶାସନିକ ବିଭାଗରେ ଥିବା ଅନୁଶାସନ ସଚିବଙ୍କଠାରୁ ଆରମ୍ଭ କରି ଯୁଗ୍ମ ଶାସନ ସଚିବ ପାହ୍ୟାର ଅଧିକାରୀମାନଙ୍କୁ ମଧ୍ୟ ପୁଲ୍ ଭିତ୍ତିରେ ଗାଡ଼ି ଯୋଗାଇ ଦିଆଯିବ। ଗୋଟିଏ ଗାଡ଼ିକୁ ଅତିକମରେ ୨ ରୁ ୩ ଜଣ ଅଧିକାରୀ ମିଳିତ ଭାବେ ବ୍ୟବହାର କରିବେ । ଏଥିପାଇଁ ପଦବୀ ନିର୍ବିଶେଷରେ ସେମାନଙ୍କ ଦରମାରୁ ମାସିକ ୧,୬୮୦ ଟଙ୍କା କଟାଯିବ। ସେହିଭଳି ରାଜ୍ୟ ଭିତରେ କୌଣସି ଦୂର ସ୍ଥାନକୁ ସରକାରୀ ଗସ୍ତରେ ଯିବା ସମୟରେ ଅଧିକାରୀମାନେ ସରକାରୀ ଗାଡ଼ି ବଦଳରେ ଯଥାସମ୍ଭବ ବସ୍ କିମ୍ବା ଟ୍ରେନରେ ଯାତ୍ରା କରିବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ସରକାରୀ ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକ ପାଇଁ ମଧ୍ୟ ଏହି କଟକଣା ସମାନ ଭାବେ ଲାଗୁ ହେବ।

## ସିଏମ୍‌ଓରୁ ଫାଇଲ୍ ଚୋରି ମାମଲା

# ଏତଲା ପରେ ଲୋକସେବା ଭବନରେ ତଦନ୍ତ ଆରମ୍ଭ



ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ସିଏମଓରୁ ଦୁଇଟି ଫାଇଲ ହଜିବା ଘଟଣାରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କ୍ୟାପିଟାଲ ଥାନାଧିକାରୀ ଲୋକସେବା ଭବନରେ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କଠାରୁ ତଥ୍ୟ ନେଇଛନ୍ତି। କ୍ୟାପିଟାଲ ଥାନାରେ ଗତକାଲି ଏଫ୍‌ଆଇଆର୍ ହୋଇଥିବା ବେଳେ ଆଜି ତା'ର ଖୋଳତାଡ଼ ଆରମ୍ଭ ହୋଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନୁଯାୟୀ କ୍ୟାପିଟାଲ ଥାନା ପୁଲିସ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦିଆଯିବ। ପ୍ରଥମେ କର୍ମଚାରୀଙ୍କ ବୟାନ ରେକର୍ଡ ହେବ। ସିଏମ୍‌ଓ ଓ ଗୃହ ବିଭାଗର ଯେଉଁ ଅଧିକାରୀ ବା କାର୍ଯ୍ୟାଳୟ ସହାୟକ ଏହି ଫାଇଲ୍‌ଗୁଡ଼ିକୁ ହ୍ୟାଣ୍ଡଲ୍ କରୁଥିଲେ ସେମାନଙ୍କୁ ପଚରାଉଚରା କରାଯିବ। ଏହାପରେ ଡିଜିଟାଲ ଓ ଫିଜିକାଲ ଟ୍ରେଲ୍ କରାଯିବ। ଫାଇଲ୍ ମୁଭମେଣ୍ଟ ରେଜିଷ୍ଟର, ରିସିଭିଂ ଆକନଲେଜମେଣ୍ଟ ଓ ଲୋକସେବା ଭବନର ସିସିଟିଭି ଫୁଟେଜ୍ ଉପଲବ୍ଧ ଥିଲେ, ତା'ର ବି ପୁଙ୍ଖାନୁପୁଙ୍ଖ ଯାଞ୍ଚ ହେବ। ଏହି ମାମଲାରେ ବିଏନ୍‌ଏସ୍‌ର ଧାରା ୩୧୯ (ବିଶ୍ୱାସଘାତକତା) ଲାଗୁ ହୋଇପାରେ। ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏଥିପାଇଁ ୧୦ ବର୍ଷ କାରାଦଣ୍ଡର ପ୍ରାବଧାନ ରହିଛି। ଏଥିସହ ଦସ୍ତାବିଜ୍ ନଷ୍ଟ କରିବା ଓ ସରକାରୀ ରେକର୍ଡ ଆକ୍ଟ, ୧୯୯୩ର ବିଭିନ୍ନ ଧାରା ଲାଗୁ ହୋଇପାରେ। ରିପୋର୍ଟ ଗାଏବକୁ ନେଇ ଶାସକ ବିଜେପି ସରକାର ପୂର୍ବତନ ବିଜେଡି ସରକାରକୁ ଘେରିବା ଆରମ୍ଭ କରିଥିବା ବେଳେ ବିରୋଧୀ ଏହାର ସତ୍ୟତା ଓ କ୍ରୋନୋଲୋଜି ଉପରେ ପ୍ରଶ୍ନ ଉଠାଇଛନ୍ତି। ଯଦିଓ ଏହି ମାମଲାରେ ପ୍ରାଥମିକ ଭାବେ କାହାର ନାଁ ସାମ୍ନାକୁ ଆସିନାହିଁ, ତଥାପି ଯଦି କୌଣସି ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ ହୁଏ, ତା'ହେଲେ ତଦନ୍ତ ଦାୟିତ୍ୱ ରାଜ୍ୟ କ୍ରାଇମ ବ୍ରାଞ୍ଚ ହାତକୁ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

## ମହଙ୍ଗା ପଡ଼ିଲା ଥାର୍ଡ ଡିଗ୍ରୀ

# ଦୁଇ ଅବକାରୀ ଅଧିକାରୀ ନିଲମ୍ବିତ



କେନ୍ଦ୍ରାପଡ଼ା,୧୧।୬(ସଂଚାର ବ୍ୟୁରୋ)ଃ ମହଙ୍ଗା ପଡ଼ିଛି ଥାର୍ଡ ଡିଗ୍ରୀ। ନିଲମ୍ବିତ ହେଲେ ଦୁଇ ଅବକାରୀ ଅଧିକାରୀ। କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇ ଅବକାରୀ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଚୋରାମଦ ବିକ୍ରି ନେଇ ଅଭିଯୋଗ କରିଥିବା ଯୁବକଙ୍କୁ ଥାର୍ଡ ଡିଗ୍ରୀ ଦେବା ଘଟଣାରେ ଉଭୟଙ୍କୁ ନିଲମ୍ବନ କରାଯାଇଛି। ଦୁଇ ନିଲମ୍ବିତ ଅଧିକାରୀ ହେଲେ ଅବକାରୀ ଏସ୍‌ଆଇ ଛାୟାକାନ୍ତ ନାୟକ ଓ ଅବକାରୀ କମିଶନର ଏଏସ୍‌ଆଇ ପ୍ରଦୀପ ମଲ୍ଲିକ। ସହକାରୀ କମିଶନର ଓ ଅବକାରୀ ବିଭାଗର ଅଧୀକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଦୁଇ ଜଣଙ୍କୁ ଅବକାରୀ କମିଶନର ନିଲମ୍ବିତ କରିଛନ୍ତି। ଏନେଇ ଆଜି କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଗତ ୨୮ ତାରିଖରେ ରାଜନଗର ବାରଦିଆରେ ଚୋରାମଦ ବିକ୍ରି ନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ଅଞ୍ଚଳର ବିନୋଦ କୁମାର ଦାସ। ତେବେ ଏହି ଘଟଣାରେ ଚଢ଼ାଉ ବେଳେ ଫଟୋ ଉଠାଇବାରୁ ଅବକାରୀ ଅଧିକାରୀ ତାଙ୍କୁ ମାଡ଼ ମାରିଥିବା ବିନୋଦ ଅଭିଯୋଗ କରିଥିଲେ। ଏହାପରେ ଦୁଇ ଅଧିକାରୀଙ୍କୁ ବଦଳି କରାଯାଇଥିଲା। ତେବେ ଆଜି ସେମାନଙ୍କୁ ନିଲମ୍ବିତ କରାଯାଇଛି।

## ● ଏମ୍ସ ହସ୍ପିଟାଲ ସାମ୍ନାରେ ଆତଙ୍କ

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ




ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ଏମ୍ସ ହସ୍ପିଟାଲ ସାମ୍ନାରେ ଆତଙ୍କ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ। ସିସିଟିଭିରେ କଏଦ ହେଲା ଆକ୍ରମଣ ସମୟର ଦୃଶ୍ୟ। ଆକ୍ରମଣ ପଛରେ ପୁରୁଣା ଶତ୍ରୁତା ଥିବା ସୂଚନା ମିଳିଛି। ଯୋଜନାବଦ୍ଧ ଭାବେ ଟାର୍ଗେଟ କରାଯାଇଥିବା ସଂଦେହ କରାଯାଉଛି। ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ କରିଛି ପୋଲିସ। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ରେଡ୍ କରୁଛି ଖଣ୍ଡଗିରି ଥାନା ପୋଲିସ। ସୂଚନାଯୋଗ୍ୟ ଯେ କିଛିଦିନ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ମହାଦେଇ ପାଟଣା ଗାଁର ଯୁବକ ଗୌରାଙ୍ଗଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହାପରେ ନିଖୋଜ ଥିଲେ ଗୌରାଙ୍ଗ। ଗୌରାଙ୍ଗଙ୍କୁ ଠାବ କରିବା ପାଇଁ ପଡ଼ିଥିଲା ଚହଳ। ଜଣେ ଅଭିଯୁକ୍ତ ଗିରଫ ପରେ ଠାବ ହେଲା ମୃତଦେହ। ଆଳି ଥାନା ପେତପଡା ପଞ୍ଚାୟତର ନ' ମାଣିଆ ପାଟ ମଝି ବେଣାବୁଦାରୁ ମିଳିଲା ଖପୁରୀ, ହାଡ଼ ଓ ପୋଷାକ। ଘଟଣାସ୍ଥଳ ଲୋକାରଣ୍ୟ। ହାଡ଼ ଓ ଖପୁରିକୁ ଜଗିରହିଥିଲେ ପୁଲିସ ବାହିନୀ।

## ସୌମ୍ୟ ମୃତ୍ୟୁ ମାମଲାରେ ଆସିଲା ପୋଷ୍ଟମର୍ଟମ ରିପୋର୍ଟ

# ମୁଣ୍ଡରେ ଗଭୀର ଆଘାତ, ଶରୀରର ୨୧ ସ୍ଥାନରେ କ୍ଷତ



ବାଲିଅନ୍ତା,୧୧।୬(ସଂଚାର ବ୍ୟୁରୋ)ଃ ଜିଆର୍‌ପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଛି। ସୌମ୍ୟଙ୍କ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏଥିସହ ତାଙ୍କ ଶରୀରର ୨୧ଟି ଜାଗାରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ମୁଣ୍ଡର ଆଗ, ପଛ ଓ ମଝିରେ ଶକ୍ତ ଆଘାତ ଯୋଗୁଁ ରକ୍ତ ଜମାଟ ବାନ୍ଧି ଫୁଲିଯାଇଥିଲା। ଫୁସଫୁସରେ ମଧ୍ୟ ରକ୍ତ ଜମାଟ ବାନ୍ଧିଥିଲା। ନିଶା ଦ୍ରବ୍ୟ ସେବନ କରିଥିଲେ କି ନାହିଁ ତାହା ଜାଣିବାକୁ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଦିଆଯାଇଛି। ତେବେ ଆଜି ଏହି ରିପୋର୍ଟ ଆସିବା ପରେ ତଦନ୍ତକୁ ଆହୁରି ଜୋରଦାର କରାଯାଇଛି।

ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ୍ ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ନିକଟରେ ସଡ଼କ ଦୁର୍ଘଟଣାକୁ ନେଇ ଦୁଇ ଯୁବତୀଙ୍କ ସହ ଯୁବକଙ୍କ ପାଟିତୁଣ୍ଡ ଓ ପରେ ଅସଦାଚରଣ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଜିଆରପି କନଷ୍ଟେବଳ ସୌମ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପୁଲିସ ଆଖି ଆଗରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ପିଟି ଚାଲିଥିଲେ। ଶେଷରେ ତାଙ୍କର ଜୀବନ ଚାଲିଯାଇଥିଲା। ଏହି ହତ୍ୟାକାଣ୍ଡ ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ମାମଲାରେ ପୁଲିସ୍ ଅଦ୍ୟାବଧି ୧୫ ଜଣଙ୍କୁ ଗିରଫ କରିସାରିଛି। ଅବଶିଷ୍ଟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ ତଦନ୍ତ ଜାରି ରଖିଛି।

## ● ଭୁବନେଶ୍ୱର ଷ୍ଟେସନରେ ଟଳିଗଲା ଦୁର୍ଘଟଣା

# ଗୋଟିଏ ଟ୍ରାକ୍‌ରେ ଦୁଇ ଟ୍ରେନ୍



ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ଆଜି ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଏକ ବଡ଼ ଧରଣର ରେଳ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଗୋଟିଏ ଟ୍ରାକ୍‌ରେ ଦୁଇଟି ଟ୍ରେନ୍ ମୁହାଁମୁହିଁ ହୋଇଛନ୍ତି। ଭୁବନେଶ୍ୱର ଝାରପଡ଼ା ବ୍ରିଜ୍ ନିକଟରେ ଏପରି ଘଟଣା ଘଟିଛି। ଟ୍ରାକରେ ଗୋଟିଏ ଟ୍ରେନ ଠିଆ ହୋଇଥିବା ବେଳେ ସାମ୍ନାପଟୁ ଆଉ ଏକ ଟ୍ରେନ୍ ଆସିଥିଲା। ତେବେ ଉକ୍ତ ଟ୍ରେନ୍‌ର ବେଗ ଯଥେଷ୍ଟ କମ୍ ଥିବାରୁ ଏହା କିଛି ଦୂରରେ ଅଟକି ଯାଇଥିଲା। ତେବେ ଭୟରେ ଟ୍ରେନ୍‌ରୁ ଯାତ୍ରୀମାନେ ଓହ୍ଲାଇ ପଡ଼ିଥିଲେ। କିନ୍ତୁ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ସିଗନାଲ୍‌ରେ ତ୍ରୁଟି ପାଇଁ ଗୋଟିଏ ଟ୍ରାକ୍‌ରେ ଦୁଇ ଟ୍ରେନ୍ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଅଘଟଣ ସମ୍ପର୍କରେ ଖବର ପାଇ ରେଳ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିପରି ଗୋଟିଏ ଟ୍ରାକରେ ଦୁଇଟି ଟ୍ରେନ୍ ଆସିଲା ? ଏଥିପାଇଁ କିଏ ଦାୟୀ ଆଦି ଜାଣିବା ସକାଶେ ରେଳ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି।

# ହତ୍ୟା ଘଟଣାରେ ପ୍ରେମିକ ଗିରଫ

## ■ ବୁଲାଇବାକୁ ନେଇ ବାଇକ୍‌ରୁ ଠେଲି ଦେଇଥିଲା



ବ୍ରହ୍ମପୁର,୧୧।୬(ସଂଚାର ବ୍ୟୁରୋ)ଃ ପ୍ରେମିକାକୁ ହତ୍ୟା ଘଟଣାରେ ପ୍ରେମିକ ଗିରଫ। ରାକେଶ ଆଚାର୍ଯ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଦ୍ୟନାଥପୁର ପୁଲିସ। ପ୍ରେମିକା ବିବାହ ପାଇଁ ବାରମ୍ବାର ଦାବି କରିବାରୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲା ପ୍ରେମିକ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ନିମଖଣ୍ଡି ପେଣ୍ଠ ଅଞ୍ଚଳର ଅମ୍ବିକା ବ୍ରହ୍ମପୁରରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ରାକେଶଙ୍କ ସହ ବାଇକ୍ ଯୋଗେ ଗୋପାଳପୁର ଯାଇଥିଲେ। ତେବେ ସେଠାରୁ ରାତିରେ ଫେରିବା ସମୟରେ ଆଙ୍କୁଲି ଓଭରବ୍ରିଜ ନିକଟରେ ରାକେଶ ଅମ୍ବିକାଙ୍କୁ ଠେଲି ଦେଇଥିଲା। ପରେ ସେ ଦୁର୍ଘଟଣା ଘଟିଥିବାର ନାଟକ ରଚି ପରିବାର ଲୋକଙ୍କୁ ଭୁଆଁଇବାକୁ ଉଦ୍ୟମ କରିଥିଲା। କିନ୍ତୁ ରାକେଶ କଥାରେ ତାଳମେଳ ରହୁ ନ ଥିବାରୁ ଅମ୍ବିକାଙ୍କ ମାମୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ପରେ ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଋଣ ଦେବା ନାଁରେ ଠକେଇର ପର୍ଦ୍ଦାଫାସ

# ୧୩୭ ବାଇକ୍, ୧୨୭ ମୋବାଇଲ ଓ ୩.୬୧ ଲକ୍ଷ ଟଙ୍କା ଜବତ



ଗଜପତି,୧୧।୬(ସଂଚାର ବ୍ୟୁରୋ)ଃ ଗଜପତି ଜିଲ୍ଲାର ଅଡ଼ବା ଥାନା ପୁଲିସ ଋଣ ପ୍ରଦାନ ନାଁରେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଠକେଇ କରୁଥିବା ଏକ ବଡ଼ ର୍‍ୟାକେଟର ପର୍ଦ୍ଦାଫାସ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କେ. ରବୀନ୍ଦ୍ର ରେଡ୍ଡୀଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ନଗଦ ୩ ଲକ୍ଷ ୬୧ ହଜାର ୨୦୦ ଟଙ୍କା, ୧୩୭ଟି ମୋଟର ସାଇକେଲ, ୧୨୭ଟି ମୋବାଇଲ ଫୋନ୍, ବିଭିନ୍ନ ଗାଡ଼ିର ଆର୍‌ସି ଓ ସ୍ମାର୍ଟ କାର୍ଡ, ଚୁକ୍ତିପତ୍ର, ଷ୍ଟାମ୍ପ ପେପର ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯାଇଛି।

ଅଭିଯୋଗ ଅନୁସାରେ, ରବୀନ୍ଦ୍ର ଲୋକମାନଙ୍କୁ ମୋଟର ସାଇକେଲ, ସୁନା ଅଳଙ୍କାର, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜମା ରଖିଲେ ଋଣ ପ୍ରଦାନ କରିବ ବୋଲି ପ୍ରଲୋଭିତ କରିଆସୁଥିଲେ। ଏହି ପ୍ରଲୋଭନରେ ପଡ଼ି ପ୍ରାୟ ୬ ମାସ ତଳେ ଜଣେ ବ୍ୟକ୍ତି ନିଜର ମୋଟର ସାଇକେଲ ଓ ସମ୍ପୃକ୍ତ କାଗଜପତ୍ର ଅଭିଯୁକ୍ତଙ୍କ ନିକଟରେ ଜମା ରଖି ୨୦ ହଜାର ଟଙ୍କା ଋଣ ନେଇଥିଲେ। ଏଥିସହ ଅଭିଯୁକ୍ତ ତାଙ୍କଠାରୁ ଏକ ଖାଲି ଷ୍ଟାମ୍ପପେପରରେ ସ୍ୱାକ୍ଷର ମଧ୍ୟ ନେଇଥିଲେ।

ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଋଣ ରାଶି ଫେରସ୍ତ କରି ନିଜ ମୋଟର ସାଇକେଲ ଫେରାଇ ନେବାକୁ ଚାହିଁଥିଲେ ମଧ୍ୟ ରବୀନ୍ଦ୍ର ବିଭିନ୍ନ ବାହାନା ଦେଖାଇ ତାଙ୍କୁ ଏଡ଼ାଇ ଚାଲିଥିଲେ। ଶେଷରେ ସେ ଗାଡ଼ି ଫେରାଇବାକୁ ସିଧାସଳଖ ମନା କରିଦେଇଥିଲେ, ଯାହା ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ଆର୍. ଉଦୟଗିରି ଏସଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ କ୍ରମରେ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବିପୁଳ ପରିମାଣର ମୋଟର ସାଇକେଲ, ମୋବାଇଲ ଫୋନ୍, ନଗଦ ଟଙ୍କା ଓ ବିଭିନ୍ନ ଦସ୍ତାବିଜ ଜବତ କରାଯାଇଥିଲା।

# ନାବାଳିକା ଗର୍ଭବତୀ ମାମଲାରେ ଯୁବକ ଗିରଫ



ବଞ୍ଜୋ,୧୧।୬(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ସୋସୋ ଥାନାଞ୍ଚଳର ଜନୈକା ୧୭ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାରେ ଆଜି ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ସୋସୋ ଥାନାରେ କେସ୍ ନଂ- ୧୨୦/୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୬୪(୨)(ଏମ୍) ଓ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଧୁବନ ଗ୍ରାମର ଗୌରାଙ୍ଗ ମହାକୁଡ଼ଙ୍କ ପୁଅ ମନୋଜ ମହାକୁଡ଼ (୨୦)।

ମିଳିଥିବା ସୂଚନାନୁସାରେ, କଟକର ମଙ୍ଗଳାବାଗ ଥାନାରୁ ଏକ ଜିରୋ ଏଫଆଇଆର୍ ସୋସୋ ଥାନାକୁ ପ୍ରେରଣ କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ ସୋସୋ ଅଞ୍ଚଳର ଜନୈକା ୧୭ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଅଭିଯୁକ୍ତ ସ୍ୱାମୀ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ମୋଲାର ପ୍ରେଗନାନ୍ସି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହି ରିପୋର୍ଟ ଆଧାରରେ ସୋସୋ ଥାନାରେ ନିୟମିତ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା, ତାଙ୍କ ମାତାପିତା ଓ ସମ୍ପୃକ୍ତ ଡାକ୍ତରଙ୍କ ବୟାନ ରେକର୍ଡ କରିଥିଲେ। ତଦନ୍ତ ପରେ ପୁଲିସ ଅଭିଯୁକ୍ତ ମନୋଜ ମହାକୁଡ଼ଙ୍କୁ ଗିରଫ କରିଥିବା ବେଳେ ତାଙ୍କୁ ଅଦାଲତ ଚାଲାଣ କରାଯାଇଛି। ଏନେଇ ଆନନ୍ଦପୁର ଏସଡିପିଓ କମଳ ଲୋଚନ ପଣ୍ଡା ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲା

# ବାବାଙ୍କୁ ୨୦ ବର୍ଷ କାରାଦଣ୍ଡ



ମନମୁଣ୍ଡା,୧୧।୬(ସଂଚାର ବ୍ୟୁରୋ)ଃ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ବୌଦ୍ଧ ଆଡିସନାଲ ଜିଲ୍ଲା ଆଣ୍ଡ ସେସନ୍ସ ଜଜ୍ ଅଖିଳ କୁମାର ପଶ୍ଚିମକବାଟ ଅଭିଯୁକ୍ତ ବାବାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଚିକିତ୍ସା ଆଳରେ ବାବା ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ।

ମନମୁଣ୍ଡା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁ ନ ଥିଲା। ଅନେକ ଡାକ୍ତରୀ ଚିକିତ୍ସା ନାବାଳିକା କରାଇଥିଲେ। କିନ୍ତୁ ଝିଅ ଆରୋଗ୍ୟ ହୋଇ ନ ଥିଲା। ନାବାଳିକାଙ୍କ ବାପା ଜଣକ ନିରାଶ ହୋଇ ଗତବର୍ଷ ଜୁଲାଇ ୧ରେ ଗ୍ରାମରେ ଥିବା ଜଣେ ବାବା ସୀତାରାମଙ୍କ ଶରଣାପନ୍ନ ହୋଇଥିଲେ। ଚିକିତ୍ସା ସକାଶେ ଗୋଟିଏ ରାତି ଝିଅ ଏଠାରେ ଛାଡ଼ିଦେଲେ ସେ ଆରୋଗ୍ୟ କରିଦେବେ ବୋଲି ବାବା ଜଣଙ୍କ କହିଥିଲେ। ବାବାଙ୍କ କଥାରେ ବିଶ୍ୱାସ କରି ସେଠାରେ ଝିଅକୁ ବାପା ଛାଡ଼ି ପଳାଇ ଆସିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖିଥିବା ଉକ୍ତ ବାବା ସେହି ରାତ୍ରିରେ ନାବାଳିକାକୁ ଚିକିତ୍ସା ବାହାନାରେ ଦୁଷ୍କର୍ମ କରିଥିଲେ। ନାବାଳିକା ଭୟଭୀତ ହୋଇ ସେହି ରାତ୍ରିରେ କୌଣସି ପ୍ରକାରେ ବାବା ନିକଟରୁ ଖସି ପଳାଇଆସିଥିଲେ। ବାଟରେ ଜଣେ ଲୋକଙ୍କୁ ସାହାଯ୍ୟ ମାଗିଥିଲେ। ଉକ୍ତ ଲୋକ ନାବାଳିକାଙ୍କ ବାପାକୁ ଖବର ଦେଇଥିଲେ। ଏହାପରେ ଆମ୍ବୁଲାନ୍ସ ଯୋଗେ ନାବାଳିକାକୁ ମନମୁଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ପୀଡ଼ିତାର ବାପାଙ୍କ ଏତଲା ପ୍ରକାରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ତଥାକଥିତ ବାବାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ବୌଦ୍ଧ ଆଡିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ ଜଜ୍‌ଙ୍କଠାରେ ଉକ୍ତ ମାମଲା ନଂ. ୧୦/୨୫ ବିଚାରାଧୀନ ଥିଲା। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅଖିଳ କୁମାର ପଶ୍ଚିମକବାଟ ୧୬ ଜଣ ସାକ୍ଷୀଙ୍କ ବୟାନ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଆଧାର କରି ଉପରୋକ୍ତ ପ୍ରକାଶ କରିଛନ୍ତି। ଘଟଣା ଘଟିବାର ମାତ୍ର ଏକ ବର୍ଷ ୪ ମାସ ମଧ୍ୟରେ ମାମଲାର ବିଚାର କରି କାରାଦଣ୍ଡାଦେଶ ଶୁଣାଯିବା ସହ ପୀଡ଼ିତା ପକ୍ଷଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇଥିବାରୁ ଏହାକୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ୍ ପବ୍ଲିକ ପ୍ରସିକ୍ୟୁଟର ଧୁରୀଣ କୁମାର ଦେହୁରୀ ମାମଲା ପରିଚାଳନା କରିଥିଲେ।

# ବାଇକକୁ ଧକ୍କା ଦେଲା ଟ୍ରକ୍ଃ ୩ ଗୁରୁତର



ବାଲେଶ୍ୱର,୧୧।୬(ସଂଚାର ବ୍ୟୁରୋ)ଃ ବାଇକକୁ ପଛପଟୁ ଧକ୍କା ଦେଇଛି ଏକ ଟ୍ରକ। ଫଳତଃ ଜଣେ ମହିଳାଙ୍କ ସମେତ ମୋଟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ରାଜଘାଟ ବ୍ରିଜ ନିକଟରେ ଏହି ଦୁର୍ଘଟଣାଟି ଘଟିଛି। ବାଇକ୍‌କୁ ପଛପଟୁ ଟ୍ରକ୍‌ଟି ଧକ୍କା ଦେବାରୁ ଏଥିରେ ଆହତ ହୋଇଥିବା ମହିଳା ଜଣଙ୍କ ଗର୍ଭବତୀ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସିଂଲା ଥାନା କାଦରାୟାଁ ଅଞ୍ଚଳର ଜଣେ ଗର୍ଭବତୀଙ୍କ ସହ ଦୁଇ ଜଣ ଯୁବକ ବାଇକ୍ ଯୋଗେ ଜଳେଶ୍ୱର ଡାକ୍ତରଖାନାକୁ ଯାଉଥିବା ସମୟରେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। କ୍ଷତିପୂରଣ ଦାବିରେ ଲୋକେ ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଉଭୟ ପାର୍ଶ୍ୱରେ ବେଶ୍ କିଛି ସମୟ ଧରି ଯାନବାହନ ଅଟକି ରହିଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ହଟାଇଥିବା ଜଣାପଡ଼ିଛି।

# ଆତ୍ମସମର୍ପଣଙ୍କ ଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ




ଫୁଲବାଣୀ,୧୧।୬(ସଂଚାର ବ୍ୟୁରୋ)ଃ ଗତ ମାର୍ଚ୍ଚ ୩୧ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କନ୍ଧମାଳକୁ ମାଓମୁକ୍ତ ଜିଲ୍ଲା ଘୋଷଣା କରିବାର ଦୁଇ ମାସ ପରେ କନ୍ଧମାଳ ପୁଲିସକୁ ମିଳିଛି ବଡ଼ ସଫଳତା। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ଜବତ କରିଛି ବିପୁଳ ପରିମାଣର ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ଗୁଳି। କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ୯ଟି ଏସ୍‌ଓଜି ଓ ଗୋଟିଏ ଡିଭିଏଫ୍ ଟିମ ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡାମାହା, ପାଜିମାହା, ଟେଙ୍ଗେରି ଓ ବାଲିମାହା ଅଞ୍ଚଳରେ ସର୍ଚ୍ଚ ଅପରେସନ କରିବା ସମୟରେ ମାଓବାଦୀମାନେ ଗୁପ୍ତ ଭାବେ ରଖିଥିବା ଅସ୍ତ୍ରଶସ୍ତ୍ରର ସନ୍ଧାନ ପାଇଥିଲେ। ସେଗୁଡିକ ମଧ୍ୟରେ ଗୋଟିଏ ସଲର ବନ୍ଧୁକ, ୨ଟି ଏସ୍‌ବିଜିଏଲ୍ ବନ୍ଧୁକ, ଗୋଟିଏ ଦେଶୀ ବନ୍ଧୁକ, ୩୦ଟି ଡିଟୋନେଟର୍, ୧୦ଟି ଏସ୍‌ବିଜିଏଲ୍ ଗ୍ରେନେଡ୍, ଗୋଟିଏ ଏସ୍‌ଏଲ୍‌ଆର୍ ମାଗାଜିନ୍, ୧୬ଟି ଜୀବନ୍ତ ଗୁଳି ଓ ବିପୁଳ ମାଓ ସାମଗ୍ରୀ। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ତାଙ୍କ ସହ ଫୁଲବାଣୀ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋସଲେ, ଜିଲ୍ଲା ଇଣ୍ଟେଲିଜେନ୍ସ ଅପରେସନ ସେଲ୍ ଅଧିକାରୀ ଆଶିଷ ସରକାର ଓ ଅମରେଶ ନରେନ୍ଦ୍ର, ଅବିନାଶ ନାୟକ ଉପସ୍ଥିତ ଥିଲେ। ଗତ ଜାନୁଆରୀ ୨୫ ଓ ମାର୍ଚ୍ଚ ୩୧ରେ ୧୦ ଜଣ ମାଓବାଦୀଙ୍କ ଏନ୍‌କାଉଣ୍ଟର୍ କରାଯାଇଥିବା ବେଳେ ୨୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ତେବେ ଏହି ଅଞ୍ଚଳରେ ପୁଣିଥରେ ମାଓ ସଂଗଠନ ସକ୍ରିୟ ହେବା ଆଶଙ୍କା ପରିପ୍ରେକ୍ଷୀରେ କନ୍ଧମାଳ ପୁଲିସ କମ୍ବିଂ ଓ ସର୍ଚ୍ଚ ଅପରେସନକୁ ଜୋରଦାର କରିଥିବା ଶ୍ରୀ ପ୍ରସାଦ କହିଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ଅଧିକ ଇଥାନଲ୍ ମିଶା ପେଟ୍ରୋଲ୍‌ରୁ ଉତ୍ପାଦ ଶୁଳ୍କ ଛାଡ଼




ନୂଆଦିଲ୍ଲୀ,୧୧।୬ଃ ଇଥାନଲ୍‌କୁ ପରିବହନ କ୍ଷେତ୍ରର ଭବିଷ୍ୟତ ଇନ୍ଧନ ଭାବେ ଉପସ୍ଥାପନ କରିବାକୁ ସରକାର ମନ ସ୍ଥିର କରିଛନ୍ତି। ସେଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରାଯାଉଛି। ଅଧିକ ଇଥାନଲ୍ ମିଶିଥିବା ପେଟ୍ରୋଲ ଉପରୁ ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଉଚ୍ଛେଦ କରିଛନ୍ତି। ଇ-୨୨, ଇ-୨୫, ଇ-୨୭ ଓ ଇ-୩୦ ତେଲ ଉପରେ ଏହି ନିଷ୍ପତ୍ତି ଲାଗୁ ହୋଇଛି। ଇ-୨୨ର ତେଲର ଅର୍ଥ ହେଉଛି ସେଥିରେ ୨୨ ପ୍ରତିଶତ ଇଥାନଲ ଓ ୭୮ ପ୍ରତିଶତ ପେଟ୍ରୋଲ ରହୁଛି। ସେହିପରି 'ଇ' ସହ ଯେଉଁ ସଂଖ୍ୟା ଲେଖାଥିବ, ସେଥିରେ ସେତିକି ପ୍ରତିଶତ ଇଥାନଲ ଓ ଅବଶିଷ୍ଟ ପେଟ୍ରୋଲ ରହିଥିବ।ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଲୋକମାନଙ୍କୁ ଦରବୃଦ୍ଧିରୁ ଆଶ୍ୱସ୍ତି ଦେବା ଲାଗି ସରକାର ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୧୦ ଟଙ୍କା କମ୍ କରିଥିଲେ। ଏବେ ସେହି ଧରଣର ସୁବିଧା ଅନ୍ୟ ପ୍ରକାର ଇନ୍ଧନକୁ ମଧ୍ୟ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ଭବିଷ୍ୟତରେ ଇ୮୫ ଓ ଇ୧୦୦ ତେଲ ଆଣିବାକୁ ମଧ୍ୟ ଯୋଜନା ରଖିଛନ୍ତି। ଇଥାନଲ ଜରିଆରେ ଅଶୋଧିତ ତେଲ ଆମଦାନି ନିର୍ଭରଶୀଳତା କମ୍ କରିବା ଉପରେ ସରକାର କାମ କରୁଛନ୍ତି। କିଛି ଦିନ ତଳେ ଦେଶର ଦୁଇ ପ୍ରମୁଖ ଗାଡ଼ି ନିର୍ମାତା ମାରୁତି ସୁଜୁକି ଓ ହିରୋ ମୋଟୋକର୍ପ ତରଫରୁ ଇଥାନଲ୍‌ରେ ଚାଲୁଥିବା ଗାଡ଼ି ମଡେଲ୍ ଉନ୍ମୋଚନ କରାଯାଇଥିଲା। ଆଗାମୀ ଦିନରେ ସେହି ଧରଣର ଅଧିକରୁ ଅଧିକ ଗାଡ଼ି ଆସିବ। ସେହି ଗାଡ଼ିଗୁଡ଼ିକରେ ଫ୍ଲେକ୍ସ-ଫୁଏଲ୍ ଇଞ୍ଜିନ ବ୍ୟବହାର କରାଯାଇଛି ଯାହା ଇଥାନଲ୍‌ରେ ଚାଲିପାରିବ।

ଇଥାନଲ ତେଲକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ସରକାର ସ୍ୱତନ୍ତ୍ର ଇଥାନଲ ପମ୍ପ ସ୍ଥାପନ କରିବେ। ଚଳିତ ବର୍ଷ ଶେଷ ସୁଦ୍ଧା ୫୦୦ ଓ ୨୦୨୭ ସୁଦ୍ଧା ସେହି ଧରଣର ୫୦୦୦ ପମ୍ପ ସ୍ଥାପନ କରିବା ଯୋଜନା ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୂଚନା ଦେଇଥିଲେ। ତେଲ କମ୍ପାନିଗୁଡ଼ିକ ଇ୮୫ ତେଲକୁ ପେଟ୍ରୋଲଠାରୁ ୨୦ ଟଙ୍କା କମ୍ ଦାମ୍‌ରେ ବିକ୍ରି କରିବେ ବୋଲି ସେ କହିଥିଲେ। ପେଟ୍ରୋଲ ତୁଳନାରେ ଇଥାନଲ ମିଶା ତେଲର ଦହନଶୀଳ ଶକ୍ତି କମ୍ ରହୁଥିବାରୁ ଗ୍ରାହକଙ୍କୁ ତାହା ରିହାତିରେ ଦିଆଯିବ।



# ୪୪୦୦ ସ୍ପେସ୍‌ଏକ୍ସ କର୍ମଚାରୀ ହେବେ ମିଲିଓନେୟାର

ୱାସିଂଟନ,୧୧।୬ଃ ବିଶ୍ୱର ଏକ ନମ୍ବର ଧନୀ ଏଲନ ମସ୍କ ଏକ ବଡ଼ ଲକ୍ଷ୍ୟ ଦିଗରେ କାମ କରୁଛନ୍ତି। ସେ ମହାକାଶ ଅନୁସନ୍ଧାନ ସଂସ୍ଥା ସ୍ପେସ୍‌ଏକ୍ସର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆସିବ। ଏହାର ପ୍ରଭାବରେ କମ୍ପାନିର ୪,୪୦୦ରୁ ଅଧିକ କମ୍ପାନି ମିଲିଓୟନେୟାର ହେବାକୁ ଯାଉଛି। କମ୍ପାନିର ସେୟାର ପିଛା ଦର ୧୩୫ ଡଲାର ରହିଛି। ଯଦି ସେହି ଦରରେ କମ୍ପାନି ସେୟାର ଷ୍ଟକ୍ ବଜାରରେ ତାଲିକାଭୁକ୍ତ ହେବ ତେବେ ଅଳ୍ପ ସେୟାର ପାଖରେ ରଖିଥିବା କର୍ମଚାରୀମାନେ ମଧ୍ୟ ମିଲିଓନେୟାର ହୋଇଯିବେ। ୪୦୦ରୁ ଅଧିକ କର୍ମଚାରୀଙ୍କ ସମ୍ପତ୍ତି ୧୦୦ ନିୟୁତ ଡଲାରରୁ ଅଧିକ ହୋଇଯିବ।ସାଧାରଣତଃ ଏକ ଆଇପିଓ ଆସିଲେ କମ୍ପାନିର ପ୍ରତିଷ୍ଠାତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପକୃତ ହୋଇଥାନ୍ତି। କାରଣ ଖୁଚୁରା ନିବେଶକମାନଙ୍କ ପାଇଁ ସାଧାରଣତଃ ୫-୧୦ ପ୍ରତିଶତ ସେୟାର ସଂରକ୍ଷିତ ରହିଥାଏ। କିନ୍ତୁ ସ୍ପେସ୍‌ଏକ୍ସର ୩୦ ପ୍ରତିଶତ ପର୍ଯ୍ୟନ୍ତ ସେୟାର ଖୁଚୁରା ନିବେଶକମାନଙ୍କ ପାଇଁ ରହିବ। ସ୍ପେସ୍‌ଏକ୍ସ ଆରମ୍ଭ ହେବା ବେଳକୁ ଏକ ଅତି ଛୋଟ କମ୍ପାନି ଥିଲା। ସେହି ସମୟରେ କର୍ମଚାରୀମାନଙ୍କୁ ନଗଦ ରାଶିରେ ନୁହେଁ, ସାଧାରଣତଃ ଇକ୍ୱିଟି ଜରିଆରେ ଦରମା ଦିଆଯାଉଥିଲା। ଅଧିକାଂଶ କର୍ମଚାରୀ ସେହି ସେୟାର ବିକ୍ରି କରିନାହାନ୍ତି। ସ୍ପେସ୍‌ଏକ୍ସ ସେୟାର ଯଦି ଆଇପିଓ ଦର ୧୩୫ ଡଲାର ଅନୁସାରେ ତାଲିକାଭୁକ୍ତ ହେବ ତେବେ ସେହି ସବୁ କର୍ମଚାରୀ ଲାଭବାନ ହେବେ। ସ୍ପେସ୍‌ଏକ୍ସର ୪୨ ପ୍ରତିଶତ ସେୟାର ମସ୍କଙ୍କ ପାଖରେ ରହିଛି। ଏହି ଆଇପିଓ ସଫଳ ହେଲେ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିଓନେୟାର ହେବେ।

# ଲଞ୍ଚ ହେଲା ରିୟଲମିର ଆଉ ଏକ ଦମଦାର ସ୍ମାର୍ଟଫୋନ୍

ନୂଆଦିଲ୍ଲୀ,୧୧।୬ଃ ଭାରତରେ ଲଞ୍ଚ ହୋଇଛି **realme P4R** ସ୍ମାର୍ଟଫୋନ। ଏହାର ସବୁଠୁ ଖାସ୍ ଫିଚର୍ସ ଏହାର ଦମଦାର ବ୍ୟାଟେରୀ। ଯାହା ଥରେ ଚାର୍ଜ କଲେ ୩ ଯାଏ ବ୍ୟାଟେରୀ ବ୍ୟାକଅପ ଦେବ ବୋଲି କମ୍ପାନୀ ଦାବି କରିଛି। ଏଥିରେ ଗ୍ରାହକଙ୍କୁ ପରଫରମାନ୍ସବି ଖୁବ୍ ଦମଦାର ମିଳିବ।

ଫିଚର କଥା କହିଲେ ଫୋନରେ ୧୪୪Hz ରିଫ୍ରେଶ ରେଟ ସହ ରହିଛି ୬.୮ ଇଞ୍ଚର ବଡ଼ HD+ ଡିସପ୍ଲେ। ଫୋନରେ ଗ୍ରାହକଙ୍କ ମିଡିଆଟେକ୍ ଡିମେନସିଟି ୬୩୦୦ ଚିପସେଟ୍ ମିଳିବ। ଯାହା ଫଳରେ ଦୈନନ୍ଦିନ କାମ ସହ ଗେମିଂ ମଧ୍ୟ ଖୁବ୍ ଆରାମରେ ହୋଇପାରିବ। ଫୋନରେ ଡୁଆଲ କ୍ୟାମେରା ସେଟଅପ୍ ସହ ୫୦ ମେଗାପିକ୍ସେଲର ପ୍ରାଇମେରୀ କ୍ୟାମେରା ଏବଂ ୮ ମେଗାପିକ୍ସେଲର ସେଲଫି କ୍ୟାମେରା ମିଳିବ। ପ୍ରାଇମେରୀ କ୍ୟାମେରା ସେଟଅପ ସହ ଏଆଇ ପଲ୍ସ ଲାଇଟ ଦିଆଯାଇଛି। ଯାହାକୁ ୯ଟି ରଙ୍ଗ, ୫ ପ୍ରକାରର ସ୍ପିଡ ଏବଂ ଗେମିଂ ଲାଇଟ ପାଇଁ କଷ୍ଟମାଇଜ କରିହେବ।

ଫୋନର ସବୁଠୁ ମୁଖ୍ୟ ଫିଚର୍ସ ହେଉଛି ଏହାର ୪୫ ୱାଟ ସପୋର୍ଟ ସହ ୮ ହଜାର ଏମଏମଏଚର ବଡ଼ ବ୍ୟାଟେରୀ। ଫୁଲ ଚାର୍ଜ ହେଲେ ୩ ଦିନର ବ୍ୟାକଅପ୍ ସହ ୧୨ ଘଣ୍ଟା ପର୍ଯ୍ୟନ୍ତ **BGMI** ଖେଳି ହେବ ବୋଲି କମ୍ପାନି କହିଛି। ଅନ୍ୟାନ୍ୟ ବେସିକ ଫିଚର୍ସ ସହ ଫୋନକୁ ଟାଇଟାନିୟମ ଗ୍ଲେୟାର, ସିଲଭର ଗ୍ଲେୟାର ଏବଂ ଲାଭେଣ୍ଡର ଗ୍ଲେୟାର ଭଳି ତିନି କଲର ଅପ୍ସନ ସହ ଲଞ୍ଚ କରାଯାଇଛି। ଫୋନର ୪+୧୨୮ ଜିବିର ଦାମ ୧୮, ୯୯୯ ଟଙ୍କା, ୬+୧୨୮ ଜିବିର ଦାମ ୨୦, ୯୯୯ ଟଙ୍କା ଏବଂ ୬+ ୨୫୬ ଜିବି ଭାରିଆଣ୍ଟର ଦାମଯ ୨୨, ୯୯୯ ଟଙ୍କା ରହିଛି।



# ବିଦେଶରେ ସମ୍ପତ୍ତି ଲୁଚାଇବା ମାମଲାରେ ଅନିଲ ଅମ୍ବାନୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ମୁମ୍ବାଇ,୧୧।୬ଃ ଟିକସ ଚୋରି ଓ ବିଦେଶରେ ସମ୍ପତ୍ତି ଲୁଚାଇବା ମାମଲାରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ବମ୍ବେ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଅମ୍ବାନୀ ଦାଖଲ କରିଥିବା ମାମଲାର ଶୁଣାଣୀ ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଏହି ମାମଲାରେ କୋର୍ଟ ଆୟକର ବିଭାଗକୁ ଚାରି ସପ୍ତାହ ଭିତରେ ଜବାବ ଦାଖଲ କରିବାକୁ କହିଛନ୍ତି। ୨୦୨୨ ଅଗଷ୍ଟ ୮ରେ ଆୟକର ବିଭାଗ ପକ୍ଷରୁ ଅନିଲଙ୍କୁ ନୋଟିସ୍ ଜାରି କରି ସେ ସ୍ୱିସ୍ ବ୍ୟାଙ୍କରେ ରଖିଥିବା ୮୧୪ କୋଟି ଟଙ୍କାର ଜମାରାଶି ତଥ୍ୟ ଲୁଚାଇଥିବା ଓ ତାହା ଉପରେ ୪୨୦ କୋଟି ଟଙ୍କାର ଟିକସ ଦେଇ ନଥିବା ଅଭିଯୋଗ କରାଯାଇଥିଲା। କଳାଧନକୁ ନେଇ ଦେଶରେ ପ୍ରଚଳନ କରାଯାଇଥିବା ନିୟମର ଯେଉଁ ଧାରାଗୁଡ଼ିକ ଅନିଲଙ୍କ ବିରୋଧରେ ଲଗାଯାଇଛି ତାହା ପ୍ରମାଣିତ ହେଲେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ ଓ ଜରିମାନା ମଧ୍ୟ ଗଣିବାକୁ ପଡ଼ିପାରେ। ତେବେ ସେହି ଆଇନର ସାମ୍ବିଧାନିକ ବୈଧତାକୁ ପ୍ରଶ୍ନ କରି ଅନିଲ କୋର୍ଟରେ ଏକ ରିଟ୍ ପିଟିସନ ଦାୟର କରିଥିଲେ। ଉକ୍ତ ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ଅନିଲଙ୍କୁ ଆଶ୍ୱସ୍ତି ମିଳିଛି। ଅନିଲଙ୍କ ବିରୋଧରେ ୨୦୧୮, ୨୦୧୯ ଓ ୨୦୨୫ରେ ସମାନ ଅଭିଯୋଗରେ ଦାଖଲ ହୋଇଥିବା ମାମଲାଗୁଡ଼ିକୁ ଏକକାଳୀନ ଶୁଣାଣି କରିବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି।




# ଫେସବୁକ୍ ଫଟୋରୁ ତିଆରି ହେଉଛି ଆପତ୍ତିଜନକ ଭିଡିଓ

ନୂଆଦିଲ୍ଲୀ, ୧୧।୬ଃ ଆଜିକାଲିର ଡିଜିଟାଲ୍ ଦୁନିଆରେ ଆମେ ସମସ୍ତେ ସୋସିଆଲ ମିଡିଆ, ବିଶେଷ କରି ଫେସବୁକରେ ନିଜ ଫଟୋ ଅପଲୋଡ୍ କରିବାକୁ ଭଲ ପାଉ। କିନ୍ତୁ ଆପଣ ଜାଣିଛନ୍ତି କି ? ଫେସବୁକ୍‌ରେ ଥିବା ଆପଣଙ୍କର ଗୋଟିଏ ସାଧାରଣ ଫଟୋ ଆପଣଙ୍କ ପାଇଁ ବଡ଼ ବିପଦ ଆଣିପାରେ। ଆଜି ଆମେ ଆପଣଙ୍କୁ ଫେସବୁକ୍ ବିଷୟରେ ଏମିତି ଏକ ସାଙ୍ଘାତିକ ସତ୍ୟ ବିଷୟରେ କହିବୁ, ଯାହା ଶୁଣିଲେ ଆପଣ ଭୁଲରେ ବି ଫେସବୁକରେ ଫଟୋ ଅପଲୋଡ କରିବେନି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା **AI** ଯୁଗରେ ଏହି ଫଟୋଗୁଡ଼ିକୁ ବ୍ୟବହାର କରି ଅପରାଧୀମାନେ ତିଆରି କରୁଛନ୍ତି 'ଡିପ୍‌ଫେକ୍' ବା ନକଲି ଆପତ୍ତିଜନକ ଭିଡିଓ। ବିଶେଷ କରି ମହିଳା ଏବଂ ଯୁବତୀମାନଙ୍କର ଫଟୋକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରୁଛନ୍ତି। ଏହି ଭିଡିଓଗୁଡ଼ିକ ଏତେ ଅସଲି ଦେଖାଯାଏ ଯେ, ପ୍ରଥମ ନଜରରେ ଏହା ଅସଲି ନା ନକଲି, ତାହା ଚିହ୍ନିବା କଷ୍ଟକର ହୋଇପଡ଼େ। ତେବେ ଡରିବାର କୌଣସି ଆବଶ୍ୟକତା ନାହିଁ, ଯଦି ଆପଣ ଫେସବୁକ୍‌ର କିଛି ଗୁରୁତ୍ୱପୂର୍ଣ୍ଣ ସେଟିଂକୁ ତୁରନ୍ତ ବଦଳାଇ ଦେବେ, ତେବେ ଏହି ବଡ଼ ବିପଦରୁ ନିଜକୁ ରକ୍ଷା କରିପାରିବେ। ଆସନ୍ତୁ ଜାଣିବା କ'ଣ ସେହି ସେଟିଂ ଏବଂ କିପରି ରହିବେ ସୁରକ୍ଷିତ ? ସବୁଠାରୁ ପ୍ରଥମେ ଆପଣଙ୍କ ଫେସବୁକ୍ ପ୍ରୋଫାଇଲ୍‌କୁ ଯାଇ **Photos** ଏବଂ **Albums** ସେକ୍ସନ ଚେକ୍ କରନ୍ତୁ। ଯଦି ଆପଣଙ୍କର କୌଣସି ଆଲବମ୍ 'ପବ୍ଲିକ୍' ମୋଡ୍‌ରେ ଅଛି, ତେବେ ତାକୁ ତୁରନ୍ତ ବଦଳାଇ **'Friends'** କିମ୍ବା **'Only Me'** କରିଦିଅନ୍ତୁ। ଏହାଦ୍ୱାରା ଅପରିଚିତ ବ୍ୟକ୍ତି ଆପଣଙ୍କ ଫଟୋ ଦେଖିପାରିବେ ନାହିଁ କି ଡାଉନଲୋଡ୍ କରିପାରିବେ ନାହିଁ।




ଫେସବୁକ୍‌ରେ ବହୁତ ବଢ଼ିଆ ଫିଚର ଅଛି, ଯାହାର ନାଁ ହେଉଛି **'Privacy Checkup'**। ଏଠାକୁ ଯାଇ ଆପଣ ସହଜରେ ଦେଖିପାରିବେ ଯେ ଆପଣଙ୍କର ପୋଷ୍ଟ ଏବଂ ବ୍ୟକ୍ତିଗତ ସୂଚନା କେଉଁମାନେ ଦେଖୁଛନ୍ତି। ଏଠାରେ ଟ୍ୟାଗିଂ ଏବଂ ପୋଷ୍ଟ ଭିଜିବିଲିଟିକୁ କେବଳ ସାଙ୍ଗମାନଙ୍କ ମଧ୍ୟରେ ସୀମିତ ରଖନ୍ତୁ। ଅନେକ ସମୟରେ ଆପଣଙ୍କ ସାଙ୍ଗମାନେ ନିଜ ପୋଷ୍ଟରେ ଆପଣଙ୍କୁ ଟ୍ୟାଗ୍ କରିଦିଅନ୍ତି ଏବଂ ସେହି ଫଟୋ ସର୍ବସାଧାରଣରେ ଦେଖାଯାଏ। ଏଥିପାଇଁ **Settings** କୁ ଯାଇ **'Review tags on your posts'** ବିକଳ୍ପକୁ ଅନ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଅନୁମତି ବିନା କେହି ବି ଆପଣଙ୍କ ପ୍ରୋଫାଇଲ୍‌ରେ ଟ୍ୟାଗ୍ ହୋଇଥିବା ଫଟୋ ଦେଖାଇପାରିବେ ନାହିଁ।

ଯଦି କୌଣସି ପରିସ୍ଥିତିରେ ଆପଣ ଜାଣିବାକୁ ପାଉଛନ୍ତି ଯେ ଆପଣଙ୍କର କୌଣସି ନକଲି ଡିପ୍‌ଫେକ୍ ଭିଡିଓ ତିଆରି କରାଯାଇଛି, ତେବେ ଜମାରୁ ଭୟଭୀତ ହୁଅନ୍ତୁ ନାହିଁ। ସେହି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭିଡିଓକୁ ରିପୋର୍ଟ କରନ୍ତୁ। ଏହା ସହିତ ସେହି ଭିଡିଓର ସ୍କ୍ରିନସଟ୍ ଏବଂ ଲିଙ୍କ୍ ସଂଗ୍ରହ କରି ଭାରତ ସରକାରଙ୍କ ଅଫିସିଆଲ୍ ସାଇବର କ୍ରାଇମ୍ ପୋର୍ଟାଲ୍ **cybercrime.gov.in** ରେ ତୁରନ୍ତ ଅଭିଯୋଗ ଦାଖଲ କରନ୍ତୁ। ମନେରଖନ୍ତୁ, ଆପଣଙ୍କର ସାମାନ୍ୟ ସଚେତନତା ହିଁ ଆପଣଙ୍କୁ ଏହି ବଡ଼ ବିପଦରୁ ରକ୍ଷା କରିପାରିବ। ଆଜି ହିଁ ନିଜ ମୋବାଇଲରେ ଫେସବୁକ୍ ପ୍ରାଇଭେସି ସେଟିଂକୁ ବଦଳାନ୍ତୁ। ସୋସିଆଲ ମିଡିଆ ବ୍ୟବହାର ବେଳେ ସଚେତନ ରୁହନ୍ତୁ, ସାଇବର ଅପରାଧ ପ୍ରତି ସଜାଗ ରୁହନ୍ତୁ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ମୌଳିକ ସମସ୍ୟା ଦୂର କରିବା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ



**ଢେଙ୍କାନାଳ,୧୧।୬(ସଂଚାର ବ୍ୟୁରୋ):** ଜିଲ୍ଲା କଂଟାବଣିଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମୌଳିକ ସମସ୍ୟାର ସୁଧାର ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଭେଟ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ରାଜସ ଗ୍ରାମର କଳକାରଖାନା ଗଢ଼ି ଉଠିଥିବାବେଳେ ଜଙ୍ଗଲ ଜମି ଓ ଜଳ ବ୍ୟବହାର କରି ଆସୁଛନ୍ତି। ଏପରିକି ପାଓ୍ୱାର ପ୍ଲାଣ୍ଟ ମଧ୍ୟ ଗଢ଼ି ଉଠିଛି। କଳକାରଖାନା ଗଢ଼ି ଉଠିଥିବାବେଳେ କଂପାନୀ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଦୂର କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ ହେଁ କୌଣସି ଏକମାତ୍ର ସମସ୍ୟାର ସମାଧାନ କରିପାରି ନାହିଁ। କଂପାନୀର ପ୍ରତିଶ୍ରୁତି ଏବେ ପାଣିର ଗାର ସଦୃଶ ହୋଇଛି। ଏହି ଗ୍ରାମର ଅଧିବାସୀମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିଲେ ହେଁ କଂପାନୀ କର୍ତ୍ତୃପକ୍ଷ ତାହାକୁ ସମାଧାନ କରିବାରେ ବିଫଳ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ କଂପାନୀରେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଉପେକ୍ଷା କରିଆସୁଛି। ଗ୍ରାମରେ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ମଧ୍ୟ କୌଣସି ସୁବିଧା କରିପାରି ନଥିବା ବେଳେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ମଧ୍ୟ ଅବହେଳା କରିଆସୁଛନ୍ତି। ଉପରୋକ୍ତ ମୌଳିକ ସମସ୍ୟାର ସମାଧାନ ପାଇଁ ବାରମ୍ବାର କଂପାନୀ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ଜଣାଇ ଆସିଥିଲେ ମଧ୍ୟ କୌଣସି ସମାଧାନ ହୋଇନପାରିବା ଯୋଗୁଁ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଗ୍ରାମର ମୌଳିକ ସମସ୍ୟାକୁ ୫ ଦିନ ମଧ୍ୟରେ କରାନଗଲେ ଅଞ୍ଚଳବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ମନରେଗାରୁ ଗୃହ ଯୋଜନା

# ହିତାଧିକାରୀଙ୍କ ଖାତାକୁ ଗଲା ନା ଦଲାଲଙ୍କ ପକେଟକୁ ?

**କାକଟପୁର/ଅସ୍ତରଙ୍ଗ,୧୧।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଥିବା ୧୫ ଗୋଟି ପଞ୍ଚାୟତ ସରିପୁର, କେନ୍ଦ୍ରାପଟି, ନଗର, ଆଳସାହି, ଆଳଙ୍ଗପୁର, ନଇଁଗୁଆଁ, ତାଳଦା, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ଼, ପାଟଳଦା, ଛୁରିଆନା, ଶିଶୁଅ, କୋରଣା ଓ ମାଣ୍ଡୁକି ପଞ୍ଚାୟତରେ ଗତ ୫ ବର୍ଷରେ ସରକାରୀ ଅର୍ଥ କେତେ ଖର୍ଚ୍ଚ ହୋଇଛି ଓ କେଉଁ ବାବଦରେ ଖର୍ଚ୍ଚ ହୋଇଛି ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ବଢ଼ିଚାଲିଛି। ମନରେଗା ଯୋଜନାରେ ପ୍ରତି ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କା ଆସିଛି। କିନ୍ତୁ କେତେ ଜବକାର୍ଡଧାରୀ କାମ ପାଇଛନ୍ତି, କେତେ ଟଙ୍କା ସିଧା ଶ୍ରମିକଙ୍କ ଖାତାକୁ ଯାଇଛି ତାହାର ସ୍ପଷ୍ଟ ହିସାବ ନାହିଁ। ଅନେକ ଗାଁରେ ଜବକାର୍ଡ ଦଲାଲଙ୍କ ପାଖରେ ରହିଥିବା ଓ ମେସିନରେ କାମ କରି ଶ୍ରମିକଙ୍କ ନାଁରେ ଟଙ୍କା ଉଠାଯାଉଥିବା ଅଭିଯୋଗ ହେଉଛି। ସେହିପରି ବାତ୍ୟାଆଶ୍ରୟସ୍ଥଳୀ ମରାମତି, ସ୍କୁଲ ଗୃହ ମରାମତି, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ




ଗୃହ ଯୋଜନାରେ ପ୍ରତି ପଞ୍ଚାୟତରେ କେତେ ଲୋକଙ୍କୁ ଘର ମିଳିଛି, କେତେ ଜଣ ଅପେକ୍ଷାରେ ଅଛନ୍ତି, ପିସି କାରବାର ଚାଲିଛି କି ନାହିଁ ତାହା ଯାଞ୍ଚ ଆବଶ୍ୟକ। ୧୫ଶ ଅର୍ଥ କମିଶନ ପଞ୍ଚାୟତ ଅନୁଦାନରେ ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କେତେ ଗାଁକୁ ସବୁ ଦିନିଆ ପକ୍କା ରାସ୍ତା ହୋଇଛି, ଡ୍ରେନ, କଲଭର୍ଟ, ପାନୀୟ ଜଳ ପ୍ରକଳ୍ପ କେତେ ସମ୍ପୂର୍ଣ୍ଣ ହୋଇଛି ତାହା ସ୍ଥଳ ଯାଞ୍ଚରେ ଜଣାପଡ଼ିବ। ଅନେକ ସ୍ଥାନରେ କାମ ନହୋଇ କେବଳ ବିଲ ଉଠାଯାଇଥିବା ଲୋକେ ଅଭିଯୋଗ କରୁଛନ୍ତି। ଜିଲ୍ଲା ପ୍ରଶାସନ ବା ସ୍ୱତନ୍ତ୍ର ଅଡିଟ ଟିମ ଦ୍ୱାରା ପ୍ରତି ପଞ୍ଚାୟତର ୫ ବର୍ଷର ଖର୍ଚ୍ଚ ଓ କାମର ସାମାଜିକ ଅଡିଟ ହେବା ଦରକାର ବୋଲି ବୁଦ୍ଧିଜୀବୀ ଦାବି କରୁଛନ୍ତି। ସରକାରୀ ଅର୍ଥ ସଠିକ ଖର୍ଚ୍ଚ ହୋଇଛି ନା ସରପଞ୍ଚ, ଯନ୍ତ୍ରୀ ଓ ନେତାଙ୍କ ପକେଟ ଗରମ ହୋଇଛି ତାହାର ତଦନ୍ତ ହେଲେ ସତ ପଦାକୁ ଆସିବ। ଏ ନେଇ ଜିଲ୍ଲାପାଳ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# କଥା ଦେଇ କଥା ରଖିଲେ ଅଧ୍ୟକ୍ଷା, ବଣ୍ଟନ କଲେ ରାସନ କାର୍ଡ

**ନୂଆପଡ଼ା,୧୧।୬(ସଂଚାର ବ୍ୟୁରୋ):** ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି କଥା ଦେଇ କଥା ରଖିଛନ୍ତି ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ। ଦୀର୍ଘ ଦିନ ଧରି ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ଅନେକ ଯୋଗ୍ୟ ପରିବାରଙ୍କୁ ସେ ନିଜେ ପହଞ୍ଚି ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହା ଦ୍ୱାରା ସମ୍ପୃକ୍ତ ପରିବାରଗୁଡ଼ିକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ, ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଲଛିପୁର ସତନାମୀପଡ଼ାର ଅନେକ ଯୋଗ୍ୟ ହିତାଧିକାରୀ ଅନେକ ସମସ୍ୟାର ଜର୍ଜରିତ ଖବର ପାଇ ଖଡ଼ିଆଳ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସରଜମିମ ତଦନ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ୧୫ ରୁ ୨୦ ପରିବାର ଆବାସ ଘର ପାଇବାରୁ ବଞ୍ଚିତ ଥିବାବେଳେ ଅନେକଙ୍କ ବର୍ତ୍ତମାନ ରାସନକାର୍ଡ ମଧ୍ୟ ନଥିବା ଜାଣିବାକୁ ପାଇଥିଲେ। ଆସନ୍ତା ଦୁଇ ମାସ ଭିତରେ ସବୁ ସମସ୍ୟାର ସମାଧାନ ହେବାର ପ୍ରତିଶ୍ରୁତି ଦେଇ ଆସିଥିଲେ ଓ ଆଜି ମାତ୍ର ସାତ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ତିଆରି କରି ନିଜେ ନିଜ ସମର୍ଥକ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ସହ ଲଛିପୁର ଗାଁ ଯାଇ ରାସନ କାର୍ଡ ବଣ୍ଟନ କରିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ସେ ସମ୍ପୃକ୍ତ ପଡ଼ାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଞ୍ଚ୍ କରି ରାସନ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ତାଙ୍କର ପ୍ରାଥମିକତା ଏବଂ କୌଣସି ହିତାଧିକାରୀ ବଞ୍ଚିତ ରହିବେ ନାହିଁ।

# ବହୁ ବାଦବିବାଦ ପରେ ସ୍ମାର୍ଟ ଜେଲ ନିର୍ମାଣ ପୁନଃ ଆରମ୍ଭ

## ଛତ୍ରିଆ ପଡ଼ିଆରେ କଡ଼ା ସୁରକ୍ଷା ବଳୟ, ଗ୍ରାମବାସୀଙ୍କ ବିରୋଧକୁ ନେଇ ପ୍ରଶାସନ ସତର୍କ

**ଯାଜପୁର,୧୧।୬(ସଂଚାର ବ୍ୟୁରୋ):** ଦୀର୍ଘ ଦିନର ବାଦବିବାଦ, ବିରୋଧ ଓ ଅନିଶ୍ଚିତତା ପରେ ଶେଷରେ ଯାଜପୁରର ପ୍ରସ୍ତାବିତ ସ୍ମାର୍ଟ ଜେଲ ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ଯାଜପୁର ବ୍ଲକ ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ଛତ୍ରିଆ ପଡ଼ିଆ ଅଞ୍ଚଳରେ ବୁଧବାର ସକାଳୁ ହିଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ବ୍ୟାପକ ସଂଖ୍ୟାରେ ପୋଲିସ ବଳ, ପ୍ରଶାସନିକ ଅଧିକାରୀ ଓ ଗୁଇନ୍ଦା ବିଭାଗର କର୍ମଚାରୀଙ୍କୁ ମୁତୟନ କରାଯାଇଥିବାରୁ ସମଗ୍ର ଅଞ୍ଚଳ ଛାଉଣୀର ରୂପ ନେଇଛି। ପ୍ରାୟ ୨୦ ଏକର ଜମି ଉପରେ ରାଜ୍ୟ ସରକାରଙ୍କ ମହତ୍ୱାକାଙ୍କ୍ଷୀ ସ୍ମାର୍ଟ ଜେଲ ପ୍ରକଳ୍ପ ନିର୍ମାଣ ହେବାକୁ ଥିବାବେଳେ, ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଛି। ବିଶେଷକରି ଉକ୍ତ ଜମି ଚାଷଯୋଗ୍ୟ ହୋଇଥିବାରୁ ଏବଂ ଏହା ଉପରେ ଅନେକ ପରିବାରର ଜୀବିକା ନିର୍ଭର କରୁଥିବାରୁ ପ୍ରକଳ୍ପକୁ ବିରୋଧ କରି ଗ୍ରାମବାସୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ ଓ ପ୍ରତିବାଦ କରିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଅଞ୍ଚଳର ଉର୍ବର ଚାଷ ଜମି ନଷ୍ଟ ହେଲେ ଶତାଧିକ ଚାଷୀ ଓ କୃଷି ନିର୍ଭରଶୀଳ ପରିବାର ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବେ। ଅନ୍ୟପଟେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ମତ ହେଉଛି ଯେ, ଆଧୁନିକ ସୁବିଧାସମ୍ପନ୍ନ ସ୍ମାର୍ଟ ଜେଲ ନିର୍ମାଣ ହେଲେ ଜିଲ୍ଲାର ଭିତ୍ତିଭୂମି ବିକାଶ ସହିତ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ। ଗ୍ରାମବାସୀଙ୍କ ସମ୍ଭାବ୍ୟ ବିରୋଧ ଓ ଆନ୍ଦୋଳନକୁ ଆଖିଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୋଲିସ ବଳକୁ ସଜାଗ ରଖାଯାଇଥିବାବେଳେ ସ୍ଥିତି ଉପରେ ବରିଷ୍ଠ ଅଧିକାରୀମାନେ ନଜର ରଖିଛନ୍ତି। ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ମାଣ କାର୍ଯ୍ୟ ଆଗେଇ ନେବା ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି। ଏପଟେ ସ୍ମାର୍ଟ ଜେଲ ନିର୍ମାଣକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଥିବାବେଳେ, ଆଗାମୀ ଦିନରେ ଗ୍ରାମବାସୀଙ୍କ ପ୍ରତିକ୍ରିୟା ଓ ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। ଏହି ପ୍ରକଳ୍ପ ବିକାଶର ନୂଆ ଅଧ୍ୟାୟ ଲେଖିବ ନା ଚାଷୀଙ୍କ ଅସନ୍ତୋଷକୁ ଆହୁରି ତୀବ୍ର କରିବ, ତାହା ସମୟ ହିଁ କହିବ।

### ହାଇଓ୍ୱେ ଆସିବା ଆଗରୁ ମାଫିଆ ଆସିଗଲେ

# ଅସ୍ତରଙ୍ଗ-କାକଟପୁରର ୨୯ ଗାଁରେ ଜମି ଲୁଟ୍ ଆରମ୍ଭ

**କାକଟପୁର /ଅସ୍ତରଙ୍ଗ,୧୧।୬(ସଂଚାର ବ୍ୟୁରୋ):** କୋଟି କୋଟିର କୋଷ୍ଟାଲ ହାଇଓ୍ୱେ ପ୍ରକଳ୍ପ ଘୋଷଣା ହେବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ୨୯ଟି ଗାଁରେ ଜମି ମାଫିଆଙ୍କ ରାଜ ଆରମ୍ଭ ହୋଇଗଲାଣି। ରାତାରାତି ଜମି ଦଲାଲଙ୍କ ଗାଡି ଗାଁକୁ ଗାଁ ବୁଲୁଛି। କୋଷ୍ଟାଲ ହାଇଓ୍ୱେ ଅସ୍ତରଙ୍ଗ ବ୍ଲକର କୁଣ୍ଢେଶ୍ୱର, ଅସରିଫୁର, ଜିଓଳ, ମୁଦୁଗଲ, କେନ୍ଦ୍ରାପଟି, କଣ୍ଟାପଡା, ଜିଉଁନ୍ତି, ନଇଁଗୁଆଁ, ବେଗୁନିଆବସ୍ତ, ଆଳଙ୍ଗପୁର, ବରପଦା, ଅଠଡିରା, ଆଳସାହି, ଦକ୍ଷିଣମୂଳ, ପିତାପଡା ଏବଂ କାକଟପୁର ତହସିଲର ବାଁ ବରଡା, ଆଣିପାଡିଆ, କୁରୁମ, ପୁବେଇ, ବାମରା, ଆରୁହ, ଷଡ଼ଙ୍ଗୀ,



କଣ୍ଟିମାଳ, ଛେଳିବେରୁହା, ଟିକରପଡା, ହଳଦୀବସନ୍ତ, କରୁଣା, ଶ୍ରୀଚନ୍ଦନପୁର, ଗଡ଼ନୟରଛଡା ଦେଇ ଯିବ। ଘୋଷଣାର ୭ ଦିନ ମଧ୍ୟରେ ଏହି ଅଞ୍ଚଳରେ ଜମି ରେଜିଷ୍ଟ୍ରେସନ ୪୦୦% ବଢ଼ିଛି। ଯେଉଁ ଜମିର ଦାମ ମାସକ ତଳେ ଏକର ପିଛା ୩ ଲକ୍ଷ ଥିଲା, ଆଜି ତାହା ୧୫ ଲକ୍ଷ ଛୁଇଁଲାଣି। ଭୁବନେଶ୍ୱର, କଟକ, କୋଲକାତାର ରିଅଲ ଇଷ୍ଟେଟ ମାଫିଆ ସ୍ଥାନୀୟ ଦଲାଲ ମାଧ୍ୟମରେ ଗରିବ ଚାଷୀଙ୍କ ଜମି କମ୍ ଦାମରେ କିଣି ନେଉଛନ୍ତି। କୁରୁମ ଗାଁର ଚାଷୀ ଦୈତାରି ସାହୁ କୁହନ୍ତି, "ମୋତେ କହିଲେ ସରକାର ଜମି ନେଇଗଲେ କିଛି ମିଳିବନି। ତେଣୁ ଡରି କମ୍ ଦାମରେ ବିକିଦେଲି।

# ବ୍ୟାସନଗର ଟାଉନ ହଲରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ



**ଯାଜପୁର ରୋଡ୍,୧୧।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ମଲ୍ଲିକ'ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଜି ସହରର ଟାଉନ ହଲ ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ 'ବିକାଶର ଧାରା ଓଡ଼ିଶା ସାରା' ସରକାରଙ୍କ ଜନ କଲ୍ୟାଣ ଯୋଜନାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଦେଶ ଓ ରାଜ୍ୟର ବିକାଶ ପାଇଁ କିଭଳି ବିଜେପି ସରକାର କାର୍ଯ୍ୟ କରୁଛନ୍ତି ବିଧାୟକ ଶ୍ରୀ ଦାସନାୟକ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକର ଯୋଜନାର ଉପଲବ୍ଧତା ଉପରେ ସରକାର, ପ୍ରଶାସନ ଓ ଜନସାଧାରଣ ମାନଙ୍କ ସହଭାଗିତା ମଧ୍ୟରେ ଉର୍ତମ ସୁବୁଝାବଣା ଦ୍ୱାରା ଅବହେଳିତ ଅବସ୍ଥାର ଶେଷ ସିମାରେ ଦୁଃଖିଦ ଅବସ୍ଥାରେ ରହୁଥିବା ଲୋକ ମାନଙ୍କ ପାଖରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡ଼ିକ କିପରି ପହଂଚାଇବା ସେଥିପାଇଁ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ। ପରିଶେଷରେ ପୌର ପରିଷଦର ବିଭିନ୍ନ ୱାର୍ଡର ଅନେକ ହିତାଧିକାରୀଙ୍କୁ ବିଧାୟକ ଶ୍ରୀ ଦାସନାୟକ ରେସନ କାର୍ଡ ଏବଂ ଟ୍ରେଡ ଲାଇସେନ୍ସ ପ୍ରଦାନ କରିଥିଲେ। କାଉନସିଲର ଶ୍ରୀ ଅଶୋକ କୁମାର ରାଉତ, ମନିନ୍ଦ୍ର କୁମାର ସାହୁ, ଭରତ ଓଝା ପ୍ରମୁଖଙ୍କ ସମେତ ଅନ୍ୟ କାଉନସିଲର ମାନେ ଏବଂ ସମସ୍ତ ବ୍ୟାସନଗର ପୌର କର୍ମଚାରୀ, ଜନସାଧାରଣ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା

# କଂଗ୍ରେସ ଦଳର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



**ବୋରିଗୁମ୍ମା/ଜୟପୁର, ୧୧।୬ (ସଂଚାର ବ୍ୟୁର):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ବିଫଳତା ଏବଂ ସାଧାରଣ ଲୋକଙ୍କ ପ୍ରତି ଉଦାସୀନତାର ପ୍ରତିବାଦରେ କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ଧାରଣା ଦେବା ସହିତ ଘେରାଉ କରିଥିଲେ। ଜୟନଗର ସ୍ଥିତ ସଙ୍ଗମ ମଣ୍ଡପ ଠାରୁ ଶତାଧିକ ଛାତ୍ର, ଯୁବ, ମହିଳା ଓ ଅନ୍ୟାନ୍ୟ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ମାନେ ମିଳିତ ଭାବେ ଏକ ବିରାଟ ପଟୁଆରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କେନ୍ଦ୍ର ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ଉପ ଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଗତ ୩ ମାସ ଧରି ସରକାରଙ୍କ ଯୋଜନା ଅନୁଯାୟୀ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ହିତାଧ୍ୟାକାରୀ ସାଧାରଣ ଗରିବ ଲୋକଙ୍କୁ ଟଙ୍କା ପ୍ରଦାନ କରାଯାଇନାହିଁ। ତେଣୁ ଅବିଳମ୍ବେ ତୁରନ୍ତ ସମସ୍ତ ହିତାଧ୍ୟାକାରୀଙ୍କୁ ଭତ୍ତା ଟଙ୍କା ତୁରନ୍ତ ଏବଂ ନିୟମିତ ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଦେଶରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ନିତ୍ୟାବଶକୀୟ ସାମଗ୍ରୀ ଅହେତୁକ ଦରବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନକୁ ଅତିଷ୍ଠ ହୋଇଯାଇଛି। ତେଣୁ ଏହିପରି ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ କରାଯାଇ ଏହି ଅତିଆବଶ୍ୟକ ସାମଗ୍ରୀର ଦରଦାମ ଅତିଶିଘ୍ର କମ୍ କରାଯାଉ। ଡବଲ ଇଞ୍ଜିନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ପାଇଁ ଦେଶର ଶାସନ ବ୍ୟବସ୍ଥା ଭୁଷୁଡି ପଡ଼ିଛି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଇସ୍ତଫା ଦେବାକୁ ଦାବି କରାଯାଇଛି। ସପ୍ତାହ ମଧ୍ୟରେ ସୁଧାର ନ ଆସିଲେ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନକୁ ସାରା ଓଡ଼ିଶାରେ ତୀବ୍ର କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ଚେତାବନୀ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରକ, ପୌର ଶାନ୍ତିମଣି ବିନ୍ଧାଣି, ସଞ୍ଜୁ ନାୟକ ପ୍ରମୁଖଙ୍କ ସମେତ ଅନ୍ୟାମାନେ ଉପସ୍ଥିତ ଥିଲେ।

# ୨୬ ବର୍ଷ ପରେ ପୁଣି ଚାଲିବ ଶାରଳା ସମବାୟ ସୂତା କଳ



**ପାରାଦ୍ୱୀପ, ୧୧।୬ (ସଂଚାର ବ୍ୟୁର):** ୧୯୯୯ ମସିହାରୁ ବନ୍ଦ ହୋଇଥିବା ତିର୍ତ୍ତୋଲ ଅଞ୍ଚଳରେ ଥିବା ସାରଳା ସମବାୟ ସୂତାକଳ ଜାଗାରେ ଏବେ ନିର୍ମାଣ ହେବ ଟେକ୍ସଟାଇଲ ପାର୍କ। ଶିଳ୍ପ ବିଭାଗ ବକେୟା ଥିବା ୨୩ କୋଟି ଟଙ୍କା ପୈଠ କରି ଏହି ଜମିକୁ ଇଡକୋ ଅଧିନକୁ ଆଣିବା ପରେ ଏବେ ଜିଲ୍ଲାବାସୀଙ୍କ ମନରେ ଖୁସି ସଞ୍ଚାରିତ ହୋଇଛି। ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ଏକମାତ୍ର ସାରଳା ସମବାୟ ସୂତାକଳ ବନ୍ଦ ହେବାପରେ ଅନେକ ପରିବାର ନିଯୁକ୍ତି ହରାଇଥିଲେ। ଗତ ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଜିଲ୍ଲାବାସୀ ଏନେଇ ଦାବି ରଖିଥିବା ବେଳେ ଏହା ପୁଣି ନୂତନ ଦିଗନ୍ତ ପ୍ରତିଷ୍ଠା କରିବାକୁ ଯାଉଥିବା ଆଜି ସୂଚନା ଦେଇଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହି ଜମିରେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ୬ ଟି ଟେକ୍ସଟାଇଲ କମ୍ପାନୀ ଆସି ପରିଭ୍ରମଣ କରି ଯାଇଥିବା ବେଳେ ଏଠାରେ ପୁଣି ଜିଲ୍ଲାବାସୀ ସେମାନଙ୍କର କାରିଗରୀ କଳାନୈପୁଣ୍ୟ ପ୍ରଦର୍ଶିତ କରିବାରେ ସକ୍ଷମ ହେବେ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ଏହି ପରିପେକ୍ଷୀରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଅନେକ ଲୋକ ମନ୍ତ୍ରୀଙ୍କ ପାରାଦୀପ କାର୍ଯ୍ୟାଳୟକୁ ଆସି. ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସରପଞ୍ଚଙ୍କ ଗୁଣ୍ଡାଗର୍ଦ୍ଦି, କେନାଲ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କୁ ମାଡ଼

# ଜୀବନରୁ ମାରିଦେବା ଧମକରେ ସରପଞ୍ଚଙ୍କ ନାଁରେ ମାମଲା

**ଧାମନଗର, ୧୧।୬ (ସଂଚାର ବ୍ୟୁର):** ଧାମନଗର ବ୍ଲକରେ ଜନପ୍ରତିନିଧି ଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ରାଧାବଲ୍ଲଭପୁର ପଞ୍ଚାୟତର ସରପଞ୍ଚ ପ୍ରୀତମ ଦାସ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ପିଟ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି।



ସୁଚନା ଥାଉକି ଗତ ୮ ଜୁନ୍ (୨୦୨୬) ସକାଳ ପ୍ରାୟ ୯:୧୦ ସମୟରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପଣ୍ଡୁ ବଜାର ୪ ନମ୍ବର କେନାଲ ନିକଟସ୍ଥ ମାର୍କଣ୍ଡିଆ ଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ। ଏହି ସମୟରେ ସସରକାରୀ ଦଳର ସରପଞ୍ଚ ପ୍ରୀତମ ଦାସ ସେଠାରେ ପହଞ୍ଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ। ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଞ୍ଚ ଉଗ୍ରରୂପ ଧାରଣ କରି ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ଆକ୍ରମଣ ଓ ମାଡ଼ପିଟ କରିଥିଲେ। ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ସରପଞ୍ଚଙ୍କ ବିରୋଧରେ କେସ ନମ୍ବର ୨୫୪ (ତା ୦୮/୦୬/୨୦୨୬) ରୁଜୁ କରି ହୋଇଥିବା ବେଳେ ଅପର ପକ୍ଷେ ପ୍ରୀତମ ଦାସଙ୍କ ଅଭିଯୋଗ କ୍ରମେ ଥାନା କେଶ ନମ୍ବର୍ ୨୫୫/୨୬ରେ ମଧ୍ୟ ମାମଲା ରୁଜୁ କରି ପୁଲିସ ଉଭୟ ପକ୍ଷ ଘଟଣାର ତଦନ୍ତ କରୁଛି।

# ଡ୍ରାଇଭର ସଂଘର ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନକୁ ଦାବୀପତ୍ର ପ୍ରଦାନ



**ଢେଙ୍କାନାଳ, ୧୧।୬ (ସଂଚାର ବ୍ୟୁର):** ଜିଲ୍ଲାର ଡ୍ରାଇଭର ସଂଘ ପକ୍ଷରୁ ୬ଦଫା ଦାବୀ ନେଇ ଆଜି ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ କୋରିଆଁ ବାଇପାସ୍ ଛକ ଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ନାରାବାଜି କରିବା ସହ ଦାବୀପତ୍ର ପ୍ରଦାନ କରିଥିଲେ। ଦାବୀଗୁଡ଼ିକ ମଧ୍ୟରେ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ୍ କରାଯିବା, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ୍ ତିଆରି କରାଯିବା, ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତା ପ୍ରଦାନ କରାଯିବା, ଗାଡି ଗୁଡ଼ିକ ପାଇଁ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିଲୋମିଟର ଅନ୍ତରରେ କରାଯିବା, ଓଡିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡା ୭୦ ପ୍ରତିଶତ ଓଡିଶାର ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଭିତରେ ସୁଯୋଗଦେବା ସହିତ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବାକୁ ଉଲ୍ଲେଖ ରହିଛି।

# ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସରକାରୀ ଓକିଲ ଓ ପୁଲିସ ଅଧିକାରୀ

**ନବରଙ୍ଗପୁର,୧୧।୬ (ସଂଚାର ବ୍ୟୁର):** ଆଜି ନବରଙ୍ଗପୁର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ କଶ୍ୟପ ପାର୍ଥ ଜଗଦୀଶ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା ନିଜ ବକ୍ତବ୍ୟ ରେ ପୁଲିସ ଓ ସରକାରୀ ଅଭିଯୋଜକ ଙ୍କ ମଧ୍ୟରେ କିଭଳି ଭାବରେ ସମନ୍ୱୟ ରହିବା ସହ ନୂତନ ଆଇନ ରେ ଦୋଷୀକୁ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିବା ସହ କେସର ସମସ୍ତ ଘଟଣା ସମ୍ବନ୍ଧୀୟ କାଗଜପତ୍ର କୁ କୋର୍ଟ ରେ ନିର୍ଭୁଲ ଭାବରେ ଉପସ୍ଥାପିତ କରିବା ପାଇଁ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା, ସୁନନ୍ଦା ପ୍ରଧାନ, ମୃତ୍ୟୁଞ୍ଜୟ ମହାରଣା, ଅଶୋକ କୁମାର ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସିମାଞ୍ଚଳ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ ଓ ଗୋପୀନାଥ ମଲ୍ଲିକ ପ୍ରମୁଖ ସରକାରୀ ଓକିଲ ଙ୍କୁ ସମ୍ମାନିତ କରିବା ସହ କେସ ର ତଦନ୍ତ କରିଥିବା ପୁଲିସ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଧନ୍ୟବାଦ ଦେବା ସହ ବୈଠକ ସମାପ୍ତ ହୋଇଥିଲା।

# ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

**କଣାସ, ୧୧।୬ (ସଂଚାର ବ୍ୟୁର):** ବ୍ଲକ କଣାସ ଗ୍ରାମପଞ୍ଚାୟତ ବିଶ୍ୱାଳିପଡ଼ାରେ ଆଜି ଜଣେ ମହିଳା ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ବିଶ୍ୱାଳିପଡ଼ା ଗ୍ରାମର ସୁବାଷ ଚନ୍ଦ୍ର ମିଶ୍ରଙ୍କ ପତ୍ନୀ ଇତିଶ୍ରୀ ମିଶ୍ର ୪୬ବର୍ଷ ଆଜି ଭୋରୁ ଘରବାଡିପଟ ପୋଖରୀକୁ ଗାଧେଇବାକୁ ଯାଇଥିଲେ ତୁଠରେ ଶିଆଳି ଲାଗିଥିବାରୁ ଗୋଡଖସି ଯିବାରୁ ଗଭିର ଜଳ ଭିତରକୁ ଚାଲିଯାଇଥିଲେ। କିଛି ସମୟ ପରେ ତାଙ୍କର ଶରୀର ଭାସିବାରୁ ପରିବାର ଲୋକ ତାଙ୍କ ନିସ୍ତେଜ ଶରୀରକୁ ଉପରକୁ ଆଣି ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶବ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା



**ମାଲକାନଗିରି,୧୧।୬ (ସଂଚାର ବ୍ୟୁର):** ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ସିଡିଏମ୍ ଓ ପିଏଚଓ ଡା. ନିହାର ରଞ୍ଜନ ପ୍ରହରାଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଚାଲିଥିବା ଜାତୀୟ ଗୁଣବତ୍ତା ନିଶ୍ଚିତକରଣ କାର୍ଯ୍ୟକ୍ରମ ର ପ୍ରଗତି ସମୀକ୍ଷା କରିବା ସହ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ, ପରିଷ୍କାର-ପରିଚ୍ଛନ୍ନତା, ରୋଗୀ ସନ୍ତୁଷ୍ଟି ଏବଂ ଗୁଣବତ୍ତା ମାନଦଣ୍ଡର ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଉନ୍ନୟନ କାର୍ଯ୍ୟଯୋଜନା, ନୂତନ ଭିତ୍ତିଭୂମି ନିର୍ମାଣ, ରୋଗୀ ସୁବିଧା ବୃଦ୍ଧି, ଚିକିତ୍ସା ଉପକରଣର ଉପଲବ୍ଧତା ଏବଂ ମାନବ ସମ୍ବଳ ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଉନ୍ନତି ପାଇଁ ଜିଲ୍ଲାପାଳ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ମାଲେରିଆ, କ୍ଷୟରୋଗ, ଅଣ-ସଂକ୍ରାମକ ରୋଗ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମାତୃ ସ୍ୱାସ୍ଥ୍ୟ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚକର ସମୀକ୍ଷା କରାଯାଇଥିଲା।

# ଉଇଖିଆ ନାଳ କଲଭର୍ଟ୍, ରାସ୍ତା ଅବସ୍ଥା ଶୋଚନୀୟ

**କଣାସ, ୧୧।୬ (ସଂଚାର ବ୍ୟୁର):** କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ତଇଲା ଠାରୁ ଦିବ୍ୟସିଂହପୁରକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଉଇଖିଆ ନାଳ ଉପରେ ଥିବା କଲଭର୍ଟଟି ଭାଙ୍ଗିରୁଜି



ଯାଇଥିବାରୁ ଏହି ରାସ୍ତା ଦେଇ ଦୈନଦିନ ୮ରୁ ୧୦ଖଣ୍ଡ ଗ୍ରାମର ଲୋକମାନେ ଯାତାୟତ କରୁଥିବାରୁ ବହୁଅସୁବିଧାର ସମ୍ମୁଖୀନ ହେବାସହ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ଏବଂ କଟଭର୍ଟ ନିର୍ମାଣ କରିବା ପାଇଁ ଉକ୍ତ ଗ୍ରାମବାସୀମାନେ ବାରମ୍ବାର ସରପଞ୍ଚ ଓ ବିଡିଓଙ୍କ ନିକଟରେ ଦାବୀ କରି ଆସୁଥିଲେ ମଧ୍ୟ ରାସ୍ତାର ଅବସ୍ଥା ବଦଳୁନଥିବାରୁ ଉକ୍ତ ଗ୍ରାମବାସୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି।




# ରୋଗ ଉପଶମ କରେ ସବୁଜ ପନିପରିବା ଓ ଫଳ



ବଜାରସାରା ଆକର୍ଷଣୀୟ, ପୁଷ୍ଟିକର, ସୁସ୍ୱାଦୁ ତଥା ଶସ୍ତା ଶାଗ ଓ ପନିପରିବା ଏବଂ ଭଲିକି ଭଲି ଫଳ ଯାହାକୁ ଯେତେ। ଯଦିଓ ବିଳମ୍ବ ହୋଇଛି ତଥାପି ଥିରିଥିରି ହୋଇ ଶୀତ ଆସି ଦେହମନକୁ ରୋମାଞ୍ଚିତ କଲାଣି। ଉଷୁମ ଖାଦ୍ୟ ପ୍ରତି ଆକର୍ଷଣ ବଢ଼ିଥିବା ବେଳେ କୋଲ୍ଡ୍ରିଙ୍କସ୍ ପରି ମୃଦୁପାନୀୟ ଆଉ ତୁଣ୍ଡକୁ ସୁଆଦ ଲାଗୁନି। ତେଣୁ ଏହି ଋତୁଟା ସ୍ୱାସ୍ଥ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର। ଶୀତଦିନରେ କେଉଁ ଖାଦ୍ୟ ଖାଇଲେ ଶରୀରକୁ କ'ଣ ଫାଇଦା ମିଳୁଛି....ଚାଲନ୍ତୁ ଜାଣିବା....

ପାଳଙ୍ଗ, ମେଥି, ସୋରିଷ ଓ ମୂଳା ଶାଗାରେ ଭିଟାମିନ୍-'ଏ' (ବିଟା-ଭିଟାମିନ୍), ଭିଟାମିନ୍ 'ସି', ଭିଟାମିନ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନରେ ସମୃଦ୍ଧ। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ 'ଓମେଗା ଥ୍ରି' ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ୍ 'ସି', ଭିଟାମିନ୍ 'ଇ', ଚାକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନ୍‌ଏଡ୍‌ସ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଓ ବିଭିନ୍ନ ପ୍ରକାର କ୍ୟାନ୍ସର୍ ଜାତ ହେବାରେ ଆଶଙ୍କା ହ୍ରାସପାଏ। ଏହି ଋତୁରେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରୁ ମିଳେ ବିଟାକାରୋଟିନ୍ ଭିଟାମିନ୍ 'ସି', ସାଆନିଡିନ୍, ଲିଉଟିନ୍ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ବିଟ୍‌ରୁ ବେଶୀ ମିଳେ ଭିଟାମିନ୍ 'ଏ', 'ବି', 'ସି', 'କେ', ପୋଟାସିୟମ୍ ଓ ଫୋଲେଟ୍। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳରେ ରହିଛି ବିଟା କାରୋଟିନ୍ ଓ ଭିଟାମିନ୍ 'ସି' ଭଳି ଆଣ୍ଟି ଅକ୍ସିଡାଣ୍ଟ ଓ ବେଶି ଖାଦ୍ୟତନ୍ତୁ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏଥିରେ ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନଥାଏ।

ମୂଳା ଓ କୋବି ହେଉଛି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା। ମୂଳାରେ ରହିଥାଏ ପ୍ରଚୁର ଭିଟାମିନ୍, ଖଣିଜ ଲବଣ ଓ କାଟେଚିନ୍, ପାଇରୋଗାଲ୍ଲୋଲ, ଭାନିଲିନ୍ ଏବଂ ଅନ୍ୟାନ୍ୟ ଫିନୋଲିକ୍ ଯୌଗିକ ଭଳି ଆଣ୍ଟି ଅକ୍ସିଡାଣ୍ଟ। ଏଗୁଡ଼ିକରେ କ୍ୟାଲୋରି, ଶ୍ୱେତସାର ଓ ସ୍ନେହସାର କମ୍ ରହୁଥିବାରୁ ହୃଦ୍‌ରୋଗୀ, ଡାଇବେଟିସ୍ ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ ଓ ମେଦବହୁଳ ଆକ୍ରାନ୍ତ ରୋଗୀମାନେ ଏଗୁଡ଼ିକୁ ଯେତେଇଚ୍ଛା ସେତେ ଖାଇପାରିବେ।

ଶିମ୍ବରୁ ମିଳେ 'ଡେଡ୍‌ଜେନ୍' ଜାତୀୟ ବିଶେଷ ଧରଣର ଆଇସୋଫ୍ଲାଭୋନ୍, ଯାହା ସ୍ତନ କର୍କଟ ବିରୋଧୀ। ଶିମ୍ବରେ ଥିବା ବିଟା ସାଇଟୋଷ୍ଟିରଲ୍ ନିବାରଣ କରେ ଉଚ୍ଚ ରକ୍ତଚାପ ଏବଂ ଏଲ୍-ଡୋପା ନାମକ ଉପାଦାନଟି ପାର୍କିନ୍‌ସନ୍ ରୋଗ ପ୍ରତିରୋଧ କରିବା ସହ ମିଜାଜକୁ ଭଲ ରଖେ। ବିନ୍‌ସରେ ଅଛି ଅଧିକ ପରିମାଣର ଭିଟାମିନ୍ ସି, ଲିଉଟିନ୍, ଜିଜାନ୍‌ଥିନ୍ ଜାତୀୟ ଅତି ଫଳପ୍ରଦ ଆଣ୍ଟି ଅକ୍ସିଡାଣ୍ଟ। ନିୟମିତ ଭାବରେ ବିନ୍‌ସ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିପାଏ ଏବଂ ମଧୁମେହ, ହୃଦ୍‌ରୋଗ, କାଟାରିକ୍ଟ ଆଦି ରୋଗ ଜାତ ହେବାର ଆଶଙ୍କା ହ୍ରାସ ପାଏ।

କମଳା, ଲେମ୍ବୁ, ଡାଳିମ୍ବ, ସେଓ, ଅଙ୍ଗୁର, ଅଁଳା ଆଦି ଫଳ ଶରୀର ପାଇଁ ଉପକାରୀ। କମଳାରେ ରହିଛି ଭିଟାମିନ୍ 'ସି' ଓ ଫଲିକ୍ ଏସିଡ୍, ବିଟା କାରୋଟିନ୍, ଲିଉଟିନ୍ ଏବଂ ଜିଜାନଥିନ୍ ଜାତୀୟ ଫ୍ଲାଭୋଏନ୍‌ଡସ୍। ଏଥିରୁ ମିଳୁଥିବା ହେସ୍‌ପରିଡିନ୍ ନାମକ ଫ୍ଲାଭୋଏନ୍‌ଡସ୍ ଏଲ୍‌ଡିଏଲ୍ କୋଲେଷ୍ଟରଲ୍ ଭଳି କ୍ଷତିକାରୀ କୋଲେଷ୍ଟର୍‌ଲର ମାତ୍ରା ହ୍ରାସ କରିଥାଏ। ଲେମ୍ବୁରୁ ମିଳୁଥିବା ଭିଟାମିନ୍ 'ସି' ଓ ଲିମୋନିନ୍ କ୍ୟାନ୍‌ସର୍ ବିରୋଧୀ। ଏଗୁଡ଼ିକ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର୍, ଆଲଜିମର୍ସ ଓ ପାକିନ୍‌ସନ୍ ରୋଗ ପ୍ରତିରୋଧରେ ଖୁବ୍ ସହାୟକ ହୋଇଥାନ୍ତି।

# କୃତ୍ରିମ ଚିନି ହୃତ୍‌ପିଣ୍ଡ, ମସ୍ତିଷ୍କ ପାଇଁ କ୍ଷତିକାରକ

ଥଣ୍ଡା ପାନୀୟ, ଚୁଇଙ୍ଗମ୍ ଏବଂ ଡାଏଟ୍ ଉତ୍ପାଦରେ ବ୍ୟବହୃତ କୃତ୍ରିମ ଚିନି ବିଷୟରେ ସବୁବେଳେ ପ୍ରଶ୍ନ ଉଠାଯାଏ। କିନ୍ତୁ ଏବେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଥଣ୍ଡା ପାନୀୟ ଏବଂ ଚୁଇଙ୍ଗମ୍‌ରେ ଥିବା ଚିନି ହୃଦ୍‌ରୋଗ ବୃଦ୍ଧି କରୁଛି ଏବଂ ମସ୍ତିଷ୍କର ଦକ୍ଷତାକୁ ହ୍ରାସ କରୁଛି। କୃତ୍ରିମ ମିଠାଦ୍ରବ୍ୟଗୁଡ଼ିକ ଚିନି ଅପେକ୍ଷା ୨୦୦ ଗୁଣ ଅଧିକ ମିଠା ହୋଇଥାଏ। କିନ୍ତୁ ଏଥିରେ ବହୁତ କମ୍ କ୍ୟାଲୋରି ଥାଏ। ଏଥିରେ ଆସ୍ପାର୍ଟେମ୍, ଏରିଥ୍ରିଟଲ୍, ଜାଇଲିଟଲ୍, ସୁକ୍ରାଲୋଜ୍ ଓ ସାକାରିନ୍ ଭରି ରହିଥାଏ। ଏଗୁଡ଼ିକ ଡାଏଟ୍ ସୋଡା, ଚୁଇଙ୍ଗମ୍, ଦହି, ବେକେରି ସାମଗ୍ରୀ ଓ ଅନେକ ପ୍ୟାକେଟ୍ ଖାଦ୍ୟରେ ବ୍ୟବହାର ହୋଇଥାଏ। 'ବାୟୋମେଡିସିନ୍ ଆଣ୍ଡ୍ ଫାର୍ମାକୋଥେରାପି'ର ଏକ ଅଧ୍ୟୟନରେ ମୂଷା ଉପରେ ଆସ୍ପାର୍ଟେମ୍‌ର ପ୍ରଭାବ ପରୀକ୍ଷା କରାଯାଇଥିଲା। ଏହାର ଫଳାଫଳରୁ ଜଣାପଡ଼ିଛି ଯେ କମ୍ ମାତ୍ରାରେ କୃତ୍ରିମ ଚିନିର ବ୍ୟବହାର ହୃତ୍‌ପିଣ୍ଡ ମାଂସପେଶୀର ଘନତ୍ୱ ବଢ଼ାଇ ତାକୁ ଦୁର୍ବଳ କରିଥାଏ। 'କ୍ଲିଭଲ୍ୟାଣ୍ଡ କ୍ଲିନିକ୍'ର ଅଧ୍ୟୟନରୁ ଜଣାପଡ଼ିଛି ଯେ ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ଯୋଗୁଁ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟବନ୍ଧା ରକ୍ତ ହୃତ୍‌ପିଣ୍ଡ କିମ୍ବା ମସ୍ତିଷ୍କକୁ ଗତି କରି ହୃଦ୍‌ଘାତ କିମ୍ବା ଷ୍ଟ୍ରୋକ୍ ସୃଷ୍ଟି କରିପାରେ। ଆସ୍ପାର୍ଟେମ୍‌ର ଅତ୍ୟଧିକ ସେବନ ହୃଦ୍‌ଘାତର ଆଶଙ୍କାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରେ। ସେପ୍ଟେମ୍ବର ୨୦୨୫ରେ 'ନ୍ୟୁରୋଲୋଜି ଜର୍ଣ୍ଣାଲ'ରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯେଉଁମାନେ ଅଧିକ ମିଠା ଦ୍ରବ୍ୟ ସେବନ କରନ୍ତି ସେମାନଙ୍କ ସ୍ମୃତିଶକ୍ତି ଓ ମାନସିକ ଦକ୍ଷତା ଦ୍ରୁତ ଗତିରେ ହ୍ରାସ ପାଇଥାଏ। ସେଥିପାଇଁ ଏସବୁ ଦିଗ ପ୍ରତି ଆମେ ଧ୍ୟାନ ଦେବା ନିହାତି ଜରୁରି- ଚିନିମୁକ୍ତ କିମ୍ବା ଡାଏଟ୍ ଉତ୍ପାଦରେ ମିଠାର ପରିମାଣ ଯାଞ୍ଚ କରିବା; ଫଳ, ମହୁ ଭଳି ପ୍ରାକୃତିକ ମିଠା ଖାଇବା; ମଧୁମେହ କିମ୍ବା ହୃଦ୍‌ରୋଗ ଥିଲେ ଡାକ୍ତରଙ୍କ ସହିତ ପରାମର୍ଶ କରିବା; ଅଧିକ ପାଣି ପିଇବା, ଫଳ ଖାଇବା ଏବଂ ନିୟମିତ ବ୍ୟାୟାମ କରିବା।





# ଘରେ ବନାନ୍ତୁ ପେଡିକ୍ୟୋର୍

ତ୍ୱଚା ସହ ହାତ, ଗୋଡ଼, ପାଦର ସମ୍ପୂର୍ଣ୍ଣ ଯତ୍ନ ନେବା ଆବଶ୍ୟକ। ଚର୍ମ ସମସ୍ୟା ସହିତ ଚର୍ମ ଶୁଖିଲା ହୋଇ ଫାଟିବାକୁ ଲାଗିଥାଏ। ସେଥିପାଇଁ ଏହାକୁ ନରମ ରଖିବା ନିହାରି ଦରକାର। ଘରେ ମଧ୍ୟ ଏହାର ଯତ୍ନ ନେଇପାରିବେ। ବଜାରରେ ଅଧିକ ଦର ଦେଇ କ୍ରିମ୍ କିଣିବା ଅପେକ୍ଷା ଘରେ ନିଜେ ତିଆରି କରି ଲଗାଇବା ତ୍ୱଚା ପାଇଁ ଖୁବ୍ ଭଲ। ମେନିକ୍ୟୋର ଓ ପେଡିକ୍ୟୋର୍ କରି ହାତ ଓ ଗୋଡ଼ର ଯିତ୍ନ ନେଇ ପାରିବା। ତେବେ ଆସନ୍ତୁ ଜାଣିବା କିପରି ତିଆରି କରିବା। ଫାଳେ ଲେମ୍ବୁ ଉପରେ ୧ ଚାମଚ ସାମ୍ପୁ ପକାଇ ସେଇ ଲେମ୍ବୁଟି ନେଇ ଦୁଇ ପାଦ, ଗୋଇଠି, ତଳିପା ଇତ୍ୟାଦି ଭଲକି ଘଷି ସଫା କରନ୍ତୁ। ପାଦ ବୁଡ଼ି ପାରୁଥିବା ପରି ଗରମ ପାଣି ନେଇ ଗୋଟିଏ ଟବ୍‌ରେ ରଖି ୧୦ ମିନିଟ୍ ଗୋଡ଼ ବୁଡ଼େଇ ବସନ୍ତୁ। ସେଇ ଗରମ ପାଣିରେ ଏକଚାମଚ ବାଥ୍ ସଲ୍‌ଟ, ଏକ ଚାମଚ ଭିନେଗାର/ ଲେମ୍ବୁରସ .. ମିଶେଇଲେ ଭଲ। ପାଦର ଚର୍ମ ୧୦/୧୫ ମିନିଟ୍‌ରେ ଟିକେ ନରମ ହୋଇଯିବ ତାକୁ ଫ୍ୟୁମିକ୍ ଷ୍ଟୋନ୍‌ରେ ଭଲକି ଘଁଶି ସଫା କରି ଦିଅନ୍ତୁ। ଏଥର ଗୋଟିଏ କାଚଗିନାରେ ଏକ ଚାମଚ୍ ଭେସ୍‌ଲିନ୍ ଜେଲି, ଏକ ଚାମଚ ବେକିଂ ପାଉଡର୍, ଏକ ଚାମଚ ନଡ଼ିଆ ତେଲ, ଗୋଟେ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ଓ ଦୁଇଟି ସାଦା ମହମବତୀକୁ ଖଣ୍ଡ କରି ମିଶାନ୍ତୁ। ଡବଲ୍ ବଏଲର୍‌ରେ ଏହାକୁ ଗରମ କରନ୍ତୁ। ଅର୍ଥାତ୍ ଗୋଟିଏ ପାତ୍ରରେ ଗରମ ପାଣି କରି ସେଥିରେ ଷ୍ଟାଣ୍ଡଟିଏ ରଖି କାଚଗିନାକୁ ରଖନ୍ତୁ। ମହମବତୀ ତରଳି ଗଲେ ମିଶ୍ରଣଟି ଓହ୍ଲେଇ ଦିଅନ୍ତୁ। ସଫା ପାଦରେ ବ୍ରସ୍ ସାହାଯ୍ୟରେ ଟିକେ ଉଷୁମ ଥିବା ଅବସ୍ଥାରେ ମିଶ୍ରଣଟି ସାରା ପାଦରେ ଭଲକି ଲଗାଇ ଦିଅନ୍ତୁ। ମିଶ୍ରଣଟି ପାଦରେ ଶୁଖିଗଲେ ଅଧଘଣ୍ଟା ପରେ ଛୁରୀ ବା ଚାମଚରେ ମହମର ଶୁଖିଲା ଆସ୍ତରଣଟି ଛଡ଼େଇ ଦିଅନ୍ତୁ। ପାଦରେ ମଏଷ୍ଟରାଇଜର୍ ଲଗେଇ ସୂତା ମୋଜାଟିଏ ପିନ୍ଧନ୍ତୁ। ରାତିରେ ଶୋଇଲା ପୂର୍ବରୁ ସପ୍ତାହକୁ ଥରେ ବା ଦୁଇଥର ଏମିତି ଯତ୍ନ ନେଲେ ଆପଣଙ୍କ ପାଦ କୋମଳ, ମସୃଣ ଓ ସଫା ରହିବ।

# ଆଖି ଡେଇଁବା ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ କି ?



ଆଖି ଡେଇଁବା କିଛି ଅଘଟଣ ଘଟିବାର ସଂକେତ ବୋଲି କିଛି ଲୋକ ଆଶଙ୍କା କରନ୍ତି। କିନ୍ତୁ ଆଖି ଡେଇଁବାର ବୈଜ୍ଞାନିକ କାରଣ ଓ ଏହାର ପ୍ରତିକ୍ରିୟା ସମ୍ବନ୍ଧରେ ଜାଣିଛନ୍ତି କି ? ଆଖି ଡେଇଁବା ପ୍ରାୟତଃ ବିପଦମୁକ୍ତ। ତଥାପି ଆମେ ଆଖି ଡିଆଁକୁ ଶୁଭ ଅଶୁଭ ସହ ଯୋଡ଼ି ଦେଇଥାଉ। ବିଶେଷଜ୍ଞମାନେ ଏହା ପଛର ପ୍ରକୃତ କାରଣ ପ୍ରକାଶ କରି କହନ୍ତି, ଆଖି ଚାରିପାଖରେ ମାଂସପେଶୀର ଅନିଚ୍ଛାକୃତ ଗତି ବା ସଂକୋଚନ ଫଳରେ ଆଖି ଡେଇଁଥାଏ। ପ୍ରାୟ ସମସ୍ତେ ନିଜ ଜୀବନର କୌଣସି ସମୟରେ ଏହାକୁ ଅନୁଭବ କରନ୍ତି ଏବଂ କେତେକ ସମୟରେ ଏହା ଆଖି କିମ୍ବା ଶରୀରରେ ଗମ୍ଭୀର ସମସ୍ୟାର ଆଭାସ ଦେଇଥାଏ। ଆଖି ଡେଇଁବାର ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ ଅତ୍ୟଧିକ ଚାପ ଓ ଚିନ୍ତା ରହିବା। ରାତି ଅନିଦ୍ରା ଓ ଅତ୍ୟଧିକ କ୍ୟାଫିନ୍ ସେବନ ଦ୍ୱାରା ଏହି ସମସ୍ୟା ବଢ଼ିପାରେ। ଆଲର୍ଜି ଓ ଶୁଷ୍କ ଆଖି ଯୋଗୁଁ ମଧ୍ୟ ଆଖି ଡେଇଁଥାଏ। ଅତ୍ୟଧିକ ବାୟୁ ପ୍ରଦୂଷଣ କାରଣରୁ ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଏ। ଡିଜିଟାଲ୍ ଡିଭାଇସ୍ ଏବଂ ସ୍କ୍ରିନର ବର୍ଦ୍ଧିତ ବ୍ୟବହାର ଯୋଗୁଁ ମଧ୍ୟ ଆଖି ଡେଇଁବା ସମସ୍ୟା ବଢ଼ିଥାଏ। କେତେକ ସମୟରେ, ଲୁକ୍କାୟିତ ପ୍ରତିସରଣ ତ୍ରୁଟି କିମ୍ବା ଚଷମା ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଆଖି ଡେଇଁବାର କାରଣ ହୋଇପାରେ। ଯେତେବେଳେ ଉପର ଏବଂ ତଳ ଆଖିପତା ଏକକାଳୀନ ବାରମ୍ବାର ଡେଇଁଥାଏ ଏହି ଅବସ୍ଥାକୁ ବ୍ଲେଫାରୋସ୍ପାଜମ୍ କୁହାଯାଏ। ସେହିପରି, ଯଦି ଆଖିପତା ଡେଇଁବା ସହିତ ମୁହଁର ଅଧା ଅଂଶ ଓ ପାଟିର କୋଣ ଡେଇଁଥାଏ, ତେବେ ଏହାକୁ ହେମିଫେସିଆଲ୍ ସ୍ପାଜମ୍ କୁହାଯାଏ। ବେଳେବେଳେ ମଲ୍‌ଟିପଲ୍ ସ୍କ୍ଲେରୋସିସ୍ ଓ ଆମୟୋଟ୍ରୋଫିକ୍ ଲାଟେରାଲ୍ ସ୍କ୍ଲେରୋସିସ୍ ଭଳି ସ୍ନାୟୁଗତ ରୋଗ ଆଖିପତା ଡେଇଁବାର କାରଣ ହୋଇପାରେ। ଯଦି ଚାପ, ଚିନ୍ତା, ନିଦ୍ରା ଅଭାବ ଓ ଶୁଷ୍କ ଆଖି ଆଦି ସମସ୍ୟାର ସମାଧାନ ସତ୍ତ୍ୱେ ଆଖିପତା ଡେଇଁବା ଜାରି ରହେ, ତେବେ ଚିକିତ୍ସା ପାଇଁ ଚକ୍ଷୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତୁ।

# ଅସ୍ତରଙ୍ଗରୁ ରାଜଧାନୀକୁ ସିଧା ବସ କେବେ ?

**କାକଟପୁର /ଅସ୍ତରଙ୍ଗ,୧୧।୬(ସଂଚାର ବ୍ୟୁରୋ)ଃ** ପର୍ଯ୍ୟଟନ ଓ ମତ୍ସ୍ୟ ବ୍ୟବସାୟ ପାଇଁ ପ୍ରସିଦ୍ଧ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ରାଜଧାନୀ ଭୁବନେଶ୍ୱର ଓ କଟକକୁ ଆଜି ଯାଏଁ ଗୋଟିଏ ବି ସରକାରୀ ଏସି ବସ ଚାଲୁନି। ପ୍ରତିଦିନ ପ୍ରାୟ ୨୦୦୦ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଓ କର୍ମଚାରୀ ଘରୋଇ ବସ ଉପରେ ନିର୍ଭର କରୁଛନ୍ତି। ଭିଡ, ଅନିୟମିତ ସମୟ ଓ ମନମାନୀ ଭଡା ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ବାରମ୍ବାର ଦାବି ପରେ ବି ଓଏସଆରଟିସି ଚୁପ, ପ୍ରଶାସନ ନିରବ।




ଅସ୍ତରଙ୍ଗରୁ ଭୁବନେଶ୍ୱର ୮୫ କିମି ଓ କଟକ ୧୧୦କିମି। ହେଲେ ସକାଳ ୬ଟାରୁ ରାତି ୭ଟା ଯାଏଁ ମାତ୍ର ୭ରୁ ୧୫ଟି ଘରୋଇ ବସ ଚାଲେ। ପ୍ରତି ବସରେ ୪୦ ରୁ ୫୦ସିଟ ପାଇଁ ୭୫ରୁ ୧ଶହ ଲୋକ ଯାତ୍ରା କରୁଛନ୍ତି। ସରକାରୀ ନିର୍ଦ୍ଧାରିତ ଦର କିମି ପିଛା ଯେତିକି ଟଙ୍କା ରହୁଛି ହେଲେ ଘରୋଇ ବସ ଅସ୍ତରଙ୍ଗ-ଭୁବନେଶ୍ୱର ୧୨୦ ରୁ ୧୩୦ଟଙ୍କା ନେଉଛନ୍ତି। ଘରୋଇ ଏସି ବସ, କିନ୍ତୁ ଅତ୍ୟଧିକ ଟଙ୍କା ନେଉଛନ୍ତି।ଅନେକ ବସ ଯାତ୍ରୀ ଙ୍କୁ ରସିଦ ଦେଉନାହାନ୍ତି।ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଜ୍ୱର ଥିଲେ ରେଫର ହେଉଥିବା ରୋଗୀ ଓ କଟକ-ଭୁବନେଶ୍ୱରରେ ପଢୁଥିବା ୮ଶହ ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଦିନ ୪ ଘଣ୍ଟା ବସରେ ଛିଡା ହୋଇ ଯାଉଛନ୍ତି। ମହିଳାଙ୍କ ପାଇଁ ଅବସ୍ଥା ଆହୁରି ଶୋଚନୀୟ। ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କୁହନ୍ତି, "କୋଣାର୍କ, ନିମାପଡାରୁ ସରକାରୀ ଏସି ବସ ଚାଲୁଛି। ହେଲେ ଅସ୍ତରଙ୍ଗ କ'ଣ ଦୋଷ କଲା ? ଆମେ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ 'ଓଏସଆରଟିସି' ଙ୍କୁ ୫ରୁ ଅଧିକ ଥର ଚିଠି ଦେଲୁଣି। ଖାଲି ପ୍ରତିଶ୍ରୁତି ମିଳୁଛି।"

'ଓଏସଆରଟିସି 'ଜୋନାଲ ମ୍ୟାନେଜର ଙ୍କ ଶହ ଯୋଗାଯୋଗ ହୋଇପାରିନି।କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି "ମୁଁ ନିଜେ ପରିବହନ ମନ୍ତ୍ରୀଙ୍କ ନିକଟରେ ଅନେକ ଥର ଦାବି ଜଣାଇଛି। ଅସ୍ତରଙ୍ଗ ଏକ ପର୍ଯ୍ୟଟନ ସ୍ଥଳୀ। ଏଠାରୁ ରାଜଧାନୀକୁ ସିଧା ଏସି ବସ ନିହାତି ଦରକାର। ଏଥର ବଜେଟରେ ଅନୁମୋଦନ ପାଇଁ ମୁଁ ଚେଷ୍ଟା କରୁଛି।"

ଏସି ବସ ୨ଘଣ୍ଟାରେ ଭୁବନେଶ୍ୱର, ୨ଘ ୩୦ମିନିଟ ରେ କଟକ ପହଞ୍ଚିବ। ଏବେ ୩ରୁ ୪ଘଣ୍ଟା ଲାଗୁଛି। ଓଏସଆରଟିସି 'ଏସି ବସରେ କିମି ପିଛା ଯେତିକି ଟଙ୍କା। ଅସ୍ତରଙ୍ଗ-ଭୁବନେଶ୍ୱର ଭଡା ପ୍ରାୟ ଅଳ୍ପ କିଛି ଟଙ୍କା ହେବ, ଯାହା ଘରୋଇ ତୁଳନାରେ ଶସ୍ତା ଓ ଆରାମଦାୟକ।

ପିରଜାହାନିଆ ବେଳାଭୂମି, କେଳୁଣୀ ମୁହାଣକୁ ଅଧିକ ପର୍ଯ୍ୟଟକ ଆସିବେ।

ଜିପିଏସ, ପ୍ୟାନିକ ବଟନ, ମହିଳା ସିଟ ସଂରକ୍ଷଣ ସହ ସରକାରୀ ବସ ଅଧିକ ସୁରକ୍ଷିତ।ଯଦି ୧ମାସ ମଧ୍ୟରେ ସରକାରୀ ଏସି ବସ ଘୋଷଣା ନହୁଏ, ଅସ୍ତରଙ୍ଗ ଅଞ୍ଚଳ ବାସୀ ରାସ୍ତାରୋକ ଓ ଧାରଣା ଦେବ ବୋଲି ଚେତାବନୀ ଦେଇଛି।

ରାଜଧାନୀଠୁ ମାତ୍ର ୮୫ କିମି ଦୂରରେ ଥାଇ ବି ଅସ୍ତରଙ୍ଗବାସୀ 'ଅପହଞ୍ଚ'। ସରକାରୀ ଏସି ବସ କେବଳ ଯାତାୟାତ ନୁହେଁ, ବିକାଶର ପ୍ରତୀକ। ପ୍ରଶ୍ନ ଗୋଟିଏ ଅସ୍ତରଙ୍ଗକୁ କେବେ ମିଳିବ ଏସି ବସ ର ସୁଯୋଗ।

### ବିଶୁଦ୍ଧ ପାନୀୟ ଜଳ ସଙ୍କଟ

## ନୂତନ ନଳକୂପ ଖୋଳିବା ପାଇଁ ଦାବି



**ଫିରିଙ୍ଗିଆ,୧୧।୬(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଗୁଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଜାଲାଙ୍ଗିଆ ଉପର ସାହିରେ ଦେଖିବାକୁ ମିଳିଛି ପାନୀୟ ଜଳର ଉତ୍କଟ ସମସ୍ୟା। ଉକ୍ତ ଗୋଟିଏ ଚାରି ପରିବାର ଉପର ସାହି ରେ ଦୀର୍ଘ ବର୍ଷ ଧରି ଚାରି ପରିବାର ବସବାସ କରନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ଙ୍କ ପକ୍ଷରୁ କୌଣସି ପ୍ରକାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ଯାଇନଥିବା ଅଭିଯୋଗ କରିଛନ୍ତି ଜାଲାଙ୍ଗିଆ ଗ୍ରାମବାସୀ। ହେଲେ ଏଠି କିଛି ପ୍ରଶ୍ନବାଚି ସୃଷ୍ଟି ହେଉଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ସ୍ଥାନରେ ପହଞ୍ଚିବାର ଅସୁବିଧା ରହୁଛି କୋଉଠି ନା ଜାଣି ଶୁଣି ପ୍ରଶାସନ ନିରବ ଦ୍ରଷ୍ଟା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଯାହା ଫଳରେ ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଦୂଷିତ ଚୂଆ ନାଳ ପାଣି ଉପରେ ନିର୍ଭର କରୁଛନ୍ତି।ସେହି ପାଣିକୁ ବ୍ୟବହାର କରି ଅନେକ ଶିଶୁ ଓ ବୟସ୍କ ଲୋକ ରୋଗାଗ୍ରସ୍ତ ହେବା ସହ ଅମୂଲ୍ୟ ଜୀବନ ହରାଉଛନ୍ତି।ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସମସ୍ୟା ଘେରରେ ଜାଲାଙ୍ଗିଆ ଉପର ସାହିର ଜନସାଧାରଣ। ଲୋକେ ନିଜର ଜୀବନ ବଞ୍ଚାଇବା ପାଇଁ ବର୍ଷ ବର୍ଷ ଧରି ବାଧ୍ୟ ହୋଇ ଦୂଷିତ ଚୂଆ ନାଳ ପାଣି ବ୍ୟବହାର କରି ଆସୁଛନ୍ତି। ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଗାଁର ଲୋକେ ଅଭିଯୋଗ କରି ଆସୁଛନ୍ତି ରେଖା ପ୍ରଧାନ ବିନୋଦ ଦିଗାଲ ରଞ୍ଜିତ ଦିଗାଲ, ଭୀମସେନ ଦିଗାଲ ପିଣ୍ଟୁ ଦିଗାଲ ଏହି ସାହିରେ ନୂତନ ନଳକୂପ ଖନନ ନିମନ୍ତେ ଦାବି କରିଛନ୍ତି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜାଲାଙ୍ଗିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି ?

## ସାରା ରାଜ୍ୟର ଅଲଚିକି ପରୀକ୍ଷା ଶେଷ



**ବୈଶିଙ୍ଗା,୧୧।୬(ସଂଚାର ବ୍ୟୁରୋ)ଃ** ସାନ୍ତାଳି ଏକାଡେମି, ଓଡିଶା ପକ୍ଷରୁ ଚଳିତ ବର୍ଷ ଗ୍ରୀଷ୍ମ କାଳୀନ ଅଲଚିକି ପରୀକ୍ଷା ପ୍ରଥମରୁ ପିଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ମାନଙ୍କରେ ୮ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୭୦ ଜଣ ପରୀକ୍ଷାର୍ଥୀ ଅଲଚିକିରେ ପରିକ୍ଷା ଦେଇଥିବା ଦେଖିବାକୁ ମିଳିଛି।ତେବେ ଏହି ବ୍ଲକ ଅଧିନ ରଘୁପୁର ପଞ୍ଚାୟତର ବେଲଡିହାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦୁ ଚାନ୍ଦାନ ଅଲ୍ ଇତୁନ୍ ଆଶ୍ଲା ପକ୍ଷରୁ ୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଅଲଚିକି ଶିକ୍ଷକ(ମାଚେତ) ଭାବେ ବିଟଲ ମୁର୍ମୁ, ମାଧବୀ ସୋରେନ ଓ ଅନନ୍ତ ମାଝି ପରିଚାଳନା କରିଥିବା ବେଳେ ଗଡ଼ଦେଉଳିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଲାଖବିନ୍ଧାରେ ଥିବା ବୀର ବିର୍ସା ଅଲ ଇତୁନ୍ ଆଶ୍ଲା ପକ୍ଷରୁ ୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଠାରେ ଶିକ୍ଷକ ଭାବେ ଚାନା କିସ୍କୁ, ମଧୁସୁଦନ ସୋରେନ୍, ନାନେ ମାରାଣ୍ଡି, ନାଗି କିସ୍କୁ ଥିଲେ। ସେହିପରି ପୁରିନ୍ଦା ପଞ୍ଚାୟତର ଅମଣିନ୍ଦା ପ୍ରାଥମିକ ବିଦ୍ୟାଳୟରେ ଅମଣିନ୍ଦାରେ ଥିବା 'ମାରେ ହାପ୍ଲାମ ଅଲ୍ ଇତୁନ୍ ଆଶ୍ଲା' ପକ୍ଷରୁ ୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଠାରେ ଶିକ୍ଷକ ଭାବେ ସହଦେବ ବାସ୍କେ, ଅନନ୍ତ ବାସ୍କେ ଓ ଗୋୟା ସୋରେନ ପରୀକ୍ଷା କେନ୍ଦ୍ର ପରିଚାଳନା କରିଥିଲେ। ତେବେ ପରୀକ୍ଷାକେନ୍ଦ୍ର ମାନଙ୍କରେ ନିଜ ପାରମ୍ପାରିକ ବେଶଭୂଷାରେ ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ ମାନେ ପରୀକ୍ଷା ଦେଉଥିବାର ଦେଖିବାକୁ ମିଳିଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ; ୯୯.୫ ପ୍ରତିଶତ ଫର୍ମ ବଣ୍ଟନ



**ସୁବର୍ଣ୍ଣପୁର,୧୧।୬(ସଂଚାର ବ୍ୟୁରୋ)ଃ** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ "ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଛି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଏହା ସଫଳତା ର ସହ ଚାଲିଥିବା ନେଇ ସୂଚନା ଦେଇଛନ୍ତି ଡା. ସୌମ୍ୟରୂପା ରଥ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ। ସେ କହିଛନ୍ତି ଯେ ଆଜି ପର୍ଯ୍ୟନ୍ତ ସମସ୍ତ ୩୧୯ ଗୋଟି ବୁଥରେ ମାତ୍ର ୧୨ ଦିନ ଭିତରେ ୯୯.୫ ପ୍ରତିଶତ ଫର୍ମ ବଣ୍ଟନ ସଫଳତାର ସହ ସରିଯାଇଛି। ଆଉ ୦.୫ ପ୍ରତିଶତ ପ୍ରାୟ ଗୋଟେ ଦିନରେ ସରିଯିବ। ଏ ନେଇ ପୂର୍ବରୁ ବିଏଲଓ ଏବଂ ସୁପରଭାଇଜର ଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିବା ବେଳେ ସେ ଏଥିପାଇଁ ସମସ୍ତ ୩୧୯ ବିଏଲଓ, ୩୨ ସୁପରଭାଇଜର, ୭ ଏଇଆରଓ ଏବଂ ସମସ୍ତ ଇଲେକ୍ସନ ଟିମ୍ କୁ ଧନ୍ୟବାଦ୍ ଦେଇଛନ୍ତି। ସେ ପୁଣି କହିଥିଲେ ଯେ ସିଇଓ ଙ୍କ ନିର୍ଦ୍ଦେଶ କ୍ରମେ ଡିଜିଟାଇଜେସନ କାମ ମଧ୍ୟ ଆରମ୍ଭ ହୋଇଯାଇଛି। ଫର୍ମ ଗ୍ରହଣ ଯେଉଁ ହୋଇଛି ଭୋଟର ଙ୍କ ସବିଶେଷ ବିବରଣୀ ସହ ଫୋଟ ଏବଂ ଦସ୍ତଖତ ସମ୍ବଳିତ ଫର୍ମ କୁ ଇସିଆଇ ନେଟ ମାଧ୍ୟମ ରେ ଅପଲୋଡ କରାଯିବ।ବିଏଲ୍ଓ ମାନେ ମଧ୍ୟ ବିଏଲଓ ଆପ୍ ମାଧ୍ୟମରେ ଅପଲୋଡ଼ କରିବେ। ଭୋଟର ଚାହିଁଲେ ନିଜେ ମଧ୍ୟ ଇସିଆଇ ନେଟ ମାଧ୍ୟମ ରେ ଅପଲୋଡ କରିପାରିବେ। ଡିଜିଟାଇଜେସନ ପରେ ଡ୍ରାଫ୍ଟ ଇଲେକ୍ଟୋଲ୍ ରୋଲ୍ ରେ ସେହି ଭୋଟରଙ୍କ ନାମ ଚଢ଼ିଯିବ। ତା ପରେ ଆମର ଆପତ୍ତି ଅଭିଯୋଗ ଅବଧି ଶେଷ ହେବା ପରେ ୬ ସେପ୍ଟେମ୍ବର ରେ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବା ନେଇ ସୂଚନା ଦେଇଛନ୍ତି ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ।

## ବିଦ୍ୟାଳୟରେ ନିମ୍ନ ମାନର କାମ ନେଇ ଉଠୁଛି ପ୍ରଶ୍ନ



**ତିର୍ତ୍ତୋଲ,୧୧।୬(ସଂଚାର ବ୍ୟୁରୋ)ଃ** ସରକାର ବିଦ୍ୟାଳୟ ଗୁଡ଼ିକ ଉପରେ ସଂପୂର୍ଣ୍ଣ ଭାବେ ନଜର ଦେଇଥିଲେ ମଧ୍ୟ କିଛି ତଳ କର୍ମ ଚାରିମାନେ ନିଜର ପକେଟ ଭରିବା ପାଇଁ ସଠିକ ଭାବରେ ନ କରି ନିମ୍ନ ମାନର କାମ କରୁଛନ୍ତି ଯାହା ଦେଖା ଯାଇଛି। ଏହିପରି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ତୁଲଙ୍ଗ ପଞ୍ଚାୟତ ସଳମଙ୍ଗା ୟୁ.ପି ସ୍କୁଲ୍। ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଗୁଡ଼ିକ ଛୁଟି ଥିଲେ ମଧ୍ୟ ଏହାକୁ ଆଖି ଆଗରେ ରଖି ବିଭାଗୀୟ ଅଧିକାରୀ ଏହି ନିମ୍ନ ମାନର କାମ କରୁଛନ୍ତି ବୋଲି ଦେଖା ଯାଇଛି। ନିୟମ ଅନୁସାରେ କାର୍ଯ୍ୟ ବେଳେ ଯେଉ ଉପସ୍ଥିତ ରହିବା କଥା।ସେ ଜାଗାରେ ଯେଇ ନ ରହି କିଛି ରାଜନୀତିକ ଲୋକଙ୍କୁ ସେ କାମରେ ନିଯୁକ୍ତି କରିଛନ୍ତି ବୋଲି ଯାହା ଅଭିଯୋଗ ରହିଛି। ଅଭିଯୋଗ କରିଥିଲେ ମଧ୍ୟ ନାମକୁ ଗୋପନୀୟ ରଖିବା ନେଇ ଅନୁରୋଧ କରିଛନ୍ତି।ଏହି ନିମ୍ନ ମାନର କାମ ବିଷୟରେ ଯେଇ ଙ୍କ ସହିତ ଯୋଗା ଯୋଗ କରିଥିଲେ ମଧ୍ୟ ଯୋଗା ଯୋଗ ବିଚ୍ଛିନ୍ନ ହୋଇଥିଲା। ଯାହାଫଳରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ପାଣ୍ଠିରୁ ଆସିଥିଲେ ମଧ୍ୟ ତାହା ଆତ୍ମସାତ ହୋଇଛି ବୋଲି ଦେଖାଯାଇଛି।ଏଥି ପ୍ରଶ୍ନ ଉଠୁଛି ବିଭାଗୀୟ ଅଧିକାରୀ କାହିଁକି ନଜର ଦେଉ ନାହାନ୍ତି ବା ମୁହଁ ଖୋଲୁ ନାହାନ୍ତି। ନିମ୍ନ ମାନର ଟାଇଲ କାର୍ଯ୍ୟକୁ ସରକାର କେବେ ଦୃଷ୍ଟି ଦେବେ ଅଞ୍ଚଳ ବାସି ଅପେକ୍ଷା କରିଛନ୍ତି।

## ଶିକ୍ଷା ବିକାଶ କର୍ମଶାଳା ଓ ସମ୍ବର୍ଦ୍ଧନା ଉତ୍ସବ



**ମାହାଙ୍ଗାଃ୧୧।୬(ସଂଚାର ବ୍ୟୁରୋ)** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ପରିସରରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ପକ୍ଷରୁ ଶିକ୍ଷା ବିକାଶ କର୍ମଶାଳା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଇଓ ମୋନାଲିସା ସରକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷା ହେଉଛି ମୂଳମନ୍ତ୍ର। ଯେଉଁ ଛାତ୍ର ଛାତ୍ରୀ ମାନେ ସଠିକ୍ ଭାବେ ଅଧ୍ୟୟନ କରନ୍ତି ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରନ୍ତି ବୋଲି ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ଉପେନ୍ଦ୍ର ନାଥ ବେହେରା, ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ ସଭାପତି ଇଂ ସହଦେବ ଖଟୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ହେଉଛନ୍ତି ଆଗାମୀ ପିଢ଼ିର ଭବିଷ୍ୟତ। ତେଣୁ ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ସେମାନଙ୍କ ଲକ୍ଷ୍ୟ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ଏ ୱାନ ଓ ଏ ଟୁ ୧୪୭ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ। ସିଆରସିସି ଅରୁଣ ନାୟକ ଅତିଥି ପରିଚୟ, ଶିକ୍ଷକ ତପନ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିଶ୍ଚିନ୍ତକୋଇଲି ବିଇଓ ସଂଯୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର



**ବାଲିକୁଦା, ୧୧।୬(ସଂଚାର ବ୍ୟୁରୋ)ଃ** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଟ୍ରାନ୍ସଫର୍ମର ଚାରିପାଖରେ ଘାସ ଓ ଲତା ମାଡ଼ିଯାଇଥିବା ସହ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟ ପ୍ରକାଶ ପାଇଛି। ବାଲିକୁଦା ବ୍ଲକ କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସୁଥିବାବେଳେ ଏପରି ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର ରହିବା ଦୁର୍ଘଟଣାର ଆଶଙ୍କା ବଢ଼ାଇଛି। ବିଶେଷକରି ବର୍ଷା ଋତୁରେ ବିଦ୍ୟୁତ ଲିକେଜ୍ କିମ୍ବା ସର୍ଟ ସର୍କିଟ୍ ଘଟିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ଏକାଧିକ ଥର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଟିପିସିଡିଓଏଲ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଦିନକୁ ଦିନ ବିପଦ ବଢ଼ିବାରେ ଲାଗିଛି। ଏନେଇ ସଚେତନ ନାଗରିକ ମହଲରେ ଚିନ୍ତା ପ୍ରକାଶ ପାଇଥିବାବେଳେ ତୁରନ୍ତ ଟ୍ରାନ୍ସଫର୍ମର ପରିସର ସଫା କରିବା, ସୁରକ୍ଷା ବାଡ଼ ମଜବୁତ କରିବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ଦାବି ହୋଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଟିପିସିଡିଓଏଲ କର୍ତ୍ତୃପକ୍ଷ ଏହି ଦିଗରେ ତତ୍ପରତା ପ୍ରକାଶ କରିବେ ବୋଲି ସାଧାରଣରେ ଦାବୀ ପ୍ରକାଶ ପାଇଛି।

## ଯୁବତୀଙ୍କୁ ପ୍ରେମ, ପ୍ରତାରଣା, ଏବେ ଗର୍ଭବତୀ ଃ ଜେଲ୍ ଗଲା ଅଭିଯୁକ୍ତ

**ବଲାଙ୍ଗିର,୧୧।୬(ସଂଚାର ବ୍ୟୁରୋ)ଃ** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେଇ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ, ପ୍ରତାରଣା ଓ ଧୋକା ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତ ପ୍ରେମିକ ଜେଲ୍ ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜେଲ୍ ଯାଇଥିବା ଅଭିଯୁକ୍ତ ପ୍ରେମିକ ଜଣକ ତୁରେକେଲା ଥାନା ମୁରିବାହାଲ ଗ୍ରାମର ଭିକ ନାଗଙ୍କ ପୁଅ ଉଗ୍ରେଶ୍ୱର ନାଗ(୨୩) ଓରଫ ରଞ୍ଜିତ ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଯୁବତୀଙ୍କ ଏତଲା ଆଧାରରେ ସେ ନିଜ ପରିବାର ସହ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଅଭିଯୁକ୍ତ ଉଗ୍ରେଶ୍ୱର ମଧ୍ୟ ଦାଦନ ଶ୍ରମିକ ଭାବେ ସେହି ସ୍ଥାନକୁ ଯାଇଥିଲା। ସେଠାରେ ପ୍ରଥମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହେବା ସହ ଉଭୟେ ସେଠାରେ ଗୋଟିଏ ସ୍ଥାନରେ ସ୍ୱାମୀ-ସ୍ତ୍ରୀ ଭାବରେ ରହୁଥିଲେ। ଦାଦନରୁ ଫେରିବା ପରେ ଉଭୟ ଗାଁରେଇ ଗ୍ରାମରେ କିଛି ଦିନ ରହିବା ପରେ ଯୁବତୀଙ୍କୁ ଛାଡ଼ି ଯୁବକ ଜଣକ ପୁଣି କାମ କରି ଯାଉଛି କହି ସେଠାରୁ ଫେରାର ହୋଇଯାଇଥିଲା।

## ପ୍ରବାସୀ ଶ୍ରମିକଙ୍କ ପାଇଁ ଆଇନ ସଚେତନତା ଶିବିର



**ସୁବର୍ଣ୍ଣପୁର,୧୧।୬(ସଂଚାର ବ୍ୟୁରୋ)ଃ** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ବିଶିମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବିଶିମୁଣ୍ଡା ଠାରେ "ପ୍ରବାସୀ ଶ୍ରମିକ ଙ୍କ ପାଇଁ ଥିବା ଆଇନ" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ପ୍ରବାସୀ ଶ୍ରମିକ ଙ୍କ ଆଇନ ଉପରେ ଆଲୋକପାତ କରିଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ଗଗନ ସାହୁ, ବରିଷ୍ଠ ଦେୱାନୀ ଜଜ, ସୋନପୁର ଯୋଗ ଦେଇ ସ୍ଥାଇ ଲୋକ ଅଦାଲତ ବିଷୟ ରେ ଥିବା ବିଭିନ୍ନ ସୁବିଧା ବାବଦରେ ଲୋକ ଙ୍କୁ ବୁଝାଇଥିଲେ ଓ କେଦାର ସିଂ ବରିହା, ସହକାରୀ ଶ୍ରମିକ ଅଧିକାରୀ, ସୋନପୁର ଯୋଗ ଦେଇ ଶ୍ରମିକ ଙ୍କ ନିମନ୍ତେ ଥିବା ସମସ୍ତ ସୁବିଧା ବିଷୟରେ ଆଲୋକପାତ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## 'ମୋ ଗାଁରେ ମୋ ତହସିଲ' ଅଭିଯାନଃରାଜସ୍ୱ ସେବା ପ୍ରଦାନ



**ଧାମନଗର, ୧୧।୬(ସଂଚାର ବ୍ୟୁରୋ)ଃ** ଧାମନଗର ତହସିଲ ଅନ୍ତର୍ଗତ ରଇପୁର ରାଜସ୍ୱ ସର୍କଲର କଣ୍ଟିକା ଗ୍ରାମ ସ୍ଥିତ ୟୁ ଜି ଏମ୍ ଇ ବିଦ୍ୟାଳୟ ପରିସରରେ ରାଜସ୍ୱ ବିଭାଗ ପକ୍ଷରୁ 'ମୋ ଗାଁରେ ମୋ ତହସିଲ' ଅଭିଯାନ ସହ କ୍ୟାମ୍ପ କୋର୍ଟରେ ରାଜସ୍ୱ ସେବା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗରର ତହସିଲଦାର ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଜନସାଧାରଣଙ୍କ ଜମି ଜାଗା ସମ୍ପର୍କିତ ମାମଲାର ଶୁଣାଣୀ ବିଭିନ୍ନ ସମସ୍ୟାର ତତ୍କାଳ ସମାଧାନ କରିଛନ୍ତି। ଅତିରିକ୍ତ ତହସିଲଦାର ସାଇ ସିଲୋନା, ସୁପରଭାଇଜର ଧର୍ମପଦ ସାହୁ, ରଇପୁରର ରାଜସ୍ୱ ନିରୀକ୍ଷକ ଶକ୍ତିରଞ୍ଜନ ମଲ୍ଲିକ ଉପସ୍ଥିତ ରହି ବିଭିନ୍ନ ମାମଲାର ଯାଞ୍ଚ ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟର ଦୁଇ ଜଣ ଡାଟା ଏଣ୍ଟ୍ରି ଅପରେଟର ପୁଷ୍ପାରାଣୀ ସାହୁ ଓ ଆଶିଷ କୁମାର ଜେନା ମଧ୍ୟ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଣ୍ଟିକା ଓ ଏହାର ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗ ଦେଇ ସମୁଦାୟ ୭୧ ଅଭିଯୋଗରୁ ୨୧ ଘଟଣାର ସମାଧାନ କରିଥିଲେ। ଏହାଛଡ଼ା ଜମିର ଭୁଲ୍ ଖାତା/ପଟ୍ଟା ସଂଶୋଧନ ପାଇଁ ନୂତନ ଦରଖାସ୍ତ ଗ୍ରହଣ କରାଯିବା ସହ ପୂର୍ବରୁ ସଂଶୋଧିତ ହୋଇଥିବା ପଟ୍ଟା ଗୁଡ଼ିକୁ ବଣ୍ଟନ କରାଯାଇଥିଲା। ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କ ଠାରୁ ଆବେଦନପତ୍ର ଗ୍ରହଣ କରାଯାଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଜମି ଜମା ସଂକ୍ରାନ୍ତୀୟ ସୀମା ନିର୍ଦ୍ଧାରଣ ସମସ୍ୟା ଏବଂ ଅମିନ ମାପଚୁପ ମାମଲାର ତୁରନ୍ତ ଫଇସଲା କରାଯାଇଥିଲା। ବିଭିନ୍ନ ସମସ୍ୟା ସରକାରୀ ପ୍ରମାଣପତ୍ରର ଅନୁମୋଦନ କରାଯିବା ସହ ଦୀର୍ଘଦିନରୁ ପଡ଼ିରହିଥିବା ବେବନ୍ଦୋବସ୍ତ ମୋକଦ୍ଦମା ଏବଂ ଅନ୍ୟାନ୍ୟ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା।

## ଭତ୍ତା ଟଙ୍କା ୩ ମାସ ହେଲା ମିଳିନି, ବ୍ଲକ କାର୍ଯ୍ୟାଳୟରେ ଧାରଣା



**ରାଇଘର,୧୧।୬(ସଂଚାର ବ୍ୟୁରୋ)ଃ** ପେନସନ ବିଳମ୍ବିତ ହେବା କାରଣରୁ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ହିତାଧିକାରୀମାନେ ପ୍ରତିବାଦ କରିଛନ୍ତି। ହିତାଧିକାରୀମାନଙ୍କୁ ଗତ ତିନି ମାସ ହେଲା ଭତ୍ତା ମିଳୁନାହିଁ। ଫଳରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୃଦ୍ଧ-ବୃଦ୍ଧାମାନେ ଯାହାଫଳରେ ପ୍ରତ୍ୟେକ କାର୍ଯ୍ୟାଳୟ କୁ ଦୌଡୁଛନ୍ତି। ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ବୃଦ୍ଧ-ବୃଦ୍ଧମାନେ ଟଙ୍କା ନ ପାଇବା ଯୋଗୁଁ ନିଜର ଦୈନନ୍ଦିନ ଚଳଣିରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେ ପଞ୍ଚାୟତ, ବ୍ଲକ,ବ୍ୟାଙ୍କ କୁ ଯାଇ ନିରାଶ ହୋଇ ଶେଷରେ ନୟାନ୍ତ ହୋଇପଡ଼ିଛନ୍ତି। ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ଏବଂ ବିଧବାମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ବୃଦ୍ଧ ବୃଦ୍ଧା ମାନଙ୍କ ସହ ଆସି ପ୍ରତିବାଦ କରିଥିଲେ। ଯାହାଫଳରେ ଆଜି ବ୍ଲକ ପ୍ରଶାସନ ର ପ୍ରତିଶ୍ରୁତି ପରେ ଧାରଣା ରୁ ଅହୋରିଥିଲେ।

## ସଂସ୍କୃତ ଦକ୍ଷତା ବିକାଶ କାର୍ଯ୍ୟକଳାପ ଉଦଯାପିତ

**ନୀଳଗିରି,୧୧।୬(ସଂଚାର ବ୍ୟୁରୋ)ଃ** ଅଖିଳଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ତଥା ଅମୃତବାଣୀ ଆଦର୍ଶ ଶୋଧ ସଂସ୍ଥାନ ପକ୍ଷରୁ ଆୟୋଜିତ ଦଶଦିନାତ୍ମକ ସଂସ୍କୃତ ଦକ୍ଷତା ବିକାଶ ମୂଳ, କାର୍ଯ୍ୟ ଶାଳା ତଥା ପ୍ରଶୁକ୍ଷ୍ୟୁତା କାର୍ଯ୍ୟକ୍ରମ ର ସମାପନ ସମାରୋହ ରେ ନୀଳଗିରି, ଧୋବାଶିଳା ପଞ୍ଚାୟତ ର ସାରୁପାଳ ସ୍ଥିତ, ଅମୃତ ବିହାର ପରିସରରେ ଅମୃତବାଣୀ ସେବା ପ୍ରତିଷ୍ଠାନ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ଡ଼ଃ କୁମାର ଚନ୍ଦ୍ର ମିଶ୍ର ଙ୍କ ପୌରହିତ ରେ ସମାପନ ହୋଇଯାଇଛି।ଓଡ଼ିଆ ବିଶ୍ୱବିଦ୍ୟାଳୟ ସାକ୍ଷୀ ଗୋପାଳର କୂଳପତି ଡ଼ଃ ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂସ୍କୃତ ଭାଷା ମାଧ୍ୟମରେ ଭାରତ ଅଖଣ୍ଡତା ଉଦଯିବିତ ହୋଇ ପାରିବ ବୋଲି ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଅମୃତବାଣୀ ଶୋଧ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ସନିରୋଧ ଦାଶ ଯୋଗଦେଇ ଜୀବନ ଓ ସମାଜ ପରିବର୍ତନ ପାଇଁ ସଂସ୍କୃତ ହିଁ ଶ୍ରେଷ୍ଠ ବୋଲି ମତ ରଖିଥିଲେ।

## ପ୍ରେମିକାକୁ ପ୍ରତାରଣା, ଯୁବକ ଗିରଫ

**ଗଞ୍ଜାମ,୧୧।୬(ସଂଚାର ବ୍ୟୁରୋ)ଃ** ବିବାହର ପ୍ରତିଶ୍ରୁତି ଦେଇ ତା'ପରେ ଶାରୀରିକ ସମ୍ପର୍କରଖି ପ୍ରତାରଣା କରିଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଛତ୍ରପୁରର ଯୁବକ ଶେଖ୍ ଅଲଫାଜ। ପୁଲିସ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରି ଥାନାରେ ୪୦୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ଏନ୍‌କାଉଣ୍ଟର୍ ହୋଇଥିବା ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଗଞ୍ଜାମ,୧୧।୬(ସଂଚାର ବ୍ୟୁରୋ)ଃ** ଗୋପାଳପୁର ପୁଲିସ ଦୁଇଟି ମାମଲାରେ ଏନକାଉଣ୍ଟର ହୋଇଥିବା ତିନି ଜଣ ଅଭିଯୁକ୍ତଙ୍କ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିପୁନା ନାୟକ, ସରୋଜ ପଣ୍ଡା ଓ ରଞ୍ଜନ ମଳିକ।

## ଜାଆଁଳ ଓ ମାଛ ପାଇଁ କୈଳାସ ଫିସରୀର ପ୍ରସ୍ତୁତି ଆରମ୍ଭ



**ବୈଶିଙ୍ଗା, ୧୧।୬(ସଂଚାର ବ୍ୟୁରୋ)ଃ** ଦୀର୍ଘ ୩୦ ବର୍ଷ ଧରି ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ସହିତ ମାଛ ଚାଷ କରିବା, ମାଛ ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ଶିକ୍ଷାଦେବା ଏବଂ ଉନ୍ନତମାନର ପ୍ରାୟ ୩୦ ପ୍ରଜାତିର ମାଛ ଜାଆଁଳ ଉତ୍ପାଦନ କରି ସାରା ଭାରତ ବର୍ଷର ବିଭିନ୍ନ ପ୍ରାନ୍ତକୁ ଜାଆଁଳ ପଠାଇବା ଏବଂ ସେଥିରେ ସଫଳ ହେବା କାରଣରୁ କୈଳାସ ହଚେରୀ ୧ନଂ ମାଛ ଚାଷୀ ଭାବେ ଭାରତ ସରକାର ଙ୍କ ଠାରୁ ମାନ୍ୟତା ପାଇ ପାରିଛି। ବର୍ଷା ଋତୁ ଆସିବାର ବହୁ ପୂର୍ବରୁ ଯେତେବେଳେ କି ଦେଶର କୌଣସି ପ୍ରାନ୍ତ ରେ ଜାଆଁଳ ଉତ୍ପାଦନ ହୋଇନଥାଏ ଠିକ୍ ଫେବୃଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସ ପ୍ରଥମ ଭାଗରେ କୈଳାସ ଫିସେରୀରେ ଜାଆଁଳ ଉତ୍ପାଦନ ହୋଇ ବିଭିନ୍ନ ପ୍ରାନ୍ତକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥାଏ। ଏହି ଉଦ୍ୟମ ପାଇଁ କୈଳାସ ହଚେରୀର ମାଲିକ ଅକ୍ଷୟ କୁମାର ସାହୁଙ୍କୁ ଶ୍ରେଷ୍ଠ ଉଦ୍ୟୋଗୀ ଭାବେ ବହୁବାର ପ୍ରଶଂସା ପତ୍ର ମିଳି ପାରିଛି। ଭୁବନେଶ୍ୱରରେ ସଦ୍ୟତମ ଭାବେ ଆୟୋଜିତ ମତ୍ସ୍ୟ ଯାଆଁଳ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ପାଇଁ ଅକ୍ଷୟ ସାହୁ ଙ୍କୁ ଫେଡେରେସନ୍ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ସହିତ ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଡିନ୍ ଫିସାରୀ କଲେଜର ପ୍ରଫେସର ଡଃ ସନ୍ତୋଷ ଉଦଗାତା ଯୋଗ ଦେଇ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଯତୀନ୍ଦ୍ର ସ୍ୱାଇଁ, ସୂର୍ଯ୍ୟ ପ୍ରଭା ବଳ, ପ୍ରଜ୍ଞା ପ୍ରୀୟଦର୍ଶିନୀ, କୁଳଦୀପ ଅମ୍ଳାନ ରଞ୍ଜନ, ଦୀକ୍ଷା ଖଡାଙ୍ଗ ଭଳି ମହାନ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଶ୍ରୀମାନ ଅକ୍ଷୟ ସାହୁ ତାଙ୍କ ବକ୍ତବ୍ୟରେ ମାଛ ଚାଷରୁ ଲାଭାନ୍ୱିତ ହେବାପାଇଁ ପ୍ରଥମତଃ ଉନ୍ନତ ମାନର ମାଛ ବିହନ ଏବଂ ତା ସାଙ୍ଗକୁ ମୃତ୍ତିକା ପରୀକ୍ଷଣ କୁ ଗୁରୁତ୍ୱ ଦେଇଥିଲେ।

## ବାଲି ବୋଝେଇ ହାଇୱା ଜବତ

**ହିଞ୍ଜିଳିକାଟୁ, ୧୧।୬(ସଂଚାର ବ୍ୟୁରୋ)ଃ** ଦିନ ଦୁଇ ପହରେ ଖୁଲମଖୁଲା ବାଲି ଓ ପଥର ଚୋରା ଚାଲାଣ।ପ୍ରଶାସନ ଡାଳେ ଡାଳେ ଗଲେ ବାଲି ମାଫିଆ ପତରେ ପତରେ ଯାଉଛନ୍ତି। ତଥାପି ହିଞ୍ଜିଳି ପୋଲିସ ଦିନ ଦୁଇପହରେ ଆଜି ସ୍ଥାନୀୟ ପୌରାଞ୍ଚଳ ତାରାତାରିଣୀ ରୋଡ, ବୁରୁପଡା ଛକ ଓ ପିଉଳ ରୁ ପୃଥକ ପୃଥକ ସ୍ଥାନରୁ ଚଢ଼ଉ କରି ଦୁଇଟି ପଥର ବୋଝେଇ ହାଇୱା, ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଜବତ କରିଛି। ସମସ୍ତ ଗାଡି ଚାଳକଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।